ଟଲଷ୍ଟୟ କାହାଣୀ

୨

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ଟଲଷ୍ଟୟଙ୍କ କାହାଣୀ

ଅନୁବାଦକ

ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :

ଶ୍ରୀ ଅଭିରାମ ମହାପାତ୍ର, ବି. ଏ.

ଗ୍ରନ୍ଥ ମନ୍ଦିର

କଟକ-୨ : ବ୍ରହ୍ମପୁର

ମୁଦ୍ରାକର :

ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାଶ

ଅନ୍ନଦା ପ୍ରେସ

ତୁଳସୀପୁର : କଟକ-୮

ପ୍ରଥମ ମୁଦ୍ରଣ :

ନଭେମ୍ବର, ୧୯୭୧

ମୂଲ୍ୟ : ଟ ୨.୨୫

Digitized by srujanika@gmail.com

ସୂଚୀପତ୍ର

୧ । ଭୂତ ଓ କୃଷକର ରୁଚି ୧

୨ । ଚିକଏ କଥାଁରେ ଘରପୋଡ଼େ ୯

୩ । ଢନୋଟି ପ୍ରଶ୍ନ ୩୮

୪ । ଭଗବାନଙ୍କର ନ୍ୟାୟବିଚାର ୪୬

୫ । ଶୂନ୍ୟମାଡଳ ୬୨

୬ । ତୀର୍ଥଯାତ୍ରୀ ୮୦

Digitized by srujanika@gmail.com

ଭୂତ ଓ କୃଷକର ରୁଟି

ଥରେ ଜଣେ ଦରିଦ୍ର କୃଷକ ସକାଳୁ ଉଠି ହଳ କରିବାକୁ ଗଲା । ଖାଇବା ପାଇଁ ସେ ସଙ୍ଗରେ ଖଣ୍ଡିଏ ରୁଟି ନେଇଥାଏ । ରୁଟି ଖଣ୍ଡିକ ଆପଣା କୁରୁତାରେ ଗୁଡ଼ାଇ ସେ ତାହାକୁ ଗୋଟିଏ ବୁଦା ଭିତରେ ଲୁଚାଇ ଦେଲା । ଲଙ୍ଗଳରେ ଘୋଡ଼ାକୁ ଯୋଚି ସେ ହଳ କରିବାକୁ ଲାଗିଲା । କିଛି ସମୟ ହଳ କରିବା ପରେ ତାର ଘୋଡ଼ା କ୍ଲାନ୍ତ ହୋଇ ପଡ଼ିଲେ । ତାକୁ ମଧ୍ୟ ଭୋକ ହେଲା । ତେଣୁ ସେ ହଳ ବନ୍ଦକରି ଘୋଡ଼ାଙ୍କୁ ଚରିବାପାଇଁ ଫିଟେଇ ଦେଲା ଓ ନିଜେ ଖାଇବ ବୋଲି ସେ ତାର କୁରୁତା ଓ ରୁଟି ଆଣିବାପାଇଁ ବୁଦା ପାଖକୁ ଗଲା ।

କୃଷକ କୁରୁତାଟି ଆଣି ଦେଖିଲା, ରୁଟି ଖଣ୍ଡିକ ନାହିଁ । ସେ ଚାରିଆଡ଼କୁ ଚାହିଁଲା, କୁରୁତାଟିକୁ କେତେ ଥର ଝାଡ଼ିଲା ; କିନ୍ତୁ ରୁଟି ମିଳିଲା ନାହିଁ । ରୁଟି କୁଆଡ଼େ ଗଲା କୃଷକ କିଛି ବୁଝି ପାରିଲା ନାହିଁ ।

ସେ ଭାବିଲା, "ଏ ବଡ଼ ଆଶ୍ଚର୍ଯ୍ୟ କଥା । ମୁଁ କାହାରିକୁ ଆସିବାର ଦେଖିନାହିଁ । କିନ୍ତୁ କେହି ଜଣେ ନିଶ୍ଚୟ ଏଠାକୁ ଆସି ରୁଟି ନେଇଯାଇଛି ।"

Digitized by srujanika@gmail.com

ପ୍ରକୃତ ଘଟଣା ହେଉଛି, କୃଷକଟି ହଳ କରୁଥିଲା ବେଳେ ଗୋଟାଏ ଦୁଷ୍ଟ ଭୂତ ଆସି ରୁଟିଖଣ୍ଡିକ ଚୋରାଇ ନେଇଥିଲା । କୃଷକ ରୁଟି ଖୋଜା ହେଉଥିଲା ବେଳେ ମଧ୍ୟ ସେ ବୁଦା ଉହାଡ଼ରେ ଲୁଚି ବସି ଦେଖୁଥିଲା । ରୁଟି ନ ପାଇ କୃଷକ ଗାଳିଦେବ, ଚୋରକୁ ଅଭିଶାପ ଦେବ, ସଇତାନ ବୋଲି କହିବ—ଏହା ଆଶାକରି ସେ ରହିଥିଲା ।

ଖାଇବା ରୁଟି ଖଣ୍ଡିକ ନପାଇ କୃଷକ ମନ ଦୁଃଖ କଲା । ଟିକିଏ ବିଶ୍ରାମ ନେଇ ସେ ପୁଣି ଲଙ୍ଗଳରେ ଘୋଡ଼ାକୁ ଯୋଚି ହଳ କରିବାକୁ ଲାଗିଲା ।

କୃଷକ ରାଗ କଲା ନାହିଁ କି କାହାକୁ ଗାଳି ଦେଲା ନାହିଁ । ଏହା ଦେଖି ଭୂତର ମନଟା ଖରାପ ହେଲା । ସେ ଯାଇ ତାର ପ୍ରଭୁ ସଇତାନକୁ ସବୁ ଘଟଣା ଜଣାଇଲା । ସେ କହିଲା, "ମୁଁ କୃଷକକୁ ଅନ୍ୟାୟ ବାଟରେ ନେବାପାଇଁ ତାର ରୁଟିଖଣ୍ଡିକ ନେଇଗଲି । କିନ୍ତୁ ସେ କୃଷକ କାହାକୁ ଗାଳି ଦେଲା ନାହିଁ କି ଅଭିଶାପ ଦେଲା ନାହିଁ । ଓଲଟି କହିଲା, "ଯିଏ ନେଇଛି, ତାର ମଙ୍ଗଳ ହେଉ ।"

ସଇତାନ ରାଗିଯାଇ କହିଲା, "ସାମାନ୍ୟ ମଣିଷଟାଏ ଯେବେ ତୋତେ ବଳିଗଲା, ତେବେ ଦୋଷ ହେଉଛି ତୋର । ତୁ ନିଜର କାମ କରି ପାରୁନାହୁଁ । ଯଦି କୃଷକମାନେ ଓ ସେମାନଙ୍କ ସ୍ତ୍ରୀମାନେ ଏଭଳି କାମ କରନ୍ତି, ତେବେ ଆମର ସ୍ଥାନ କେଉଁଠି ? ଏକଥାଟାକୁ ଏପରି ଉଡାଇଦେଲେ ଚଳିବ ନାହିଁ । ପୁଣି ଯାଆ; କାମଟା ଠିକ୍ ଠିକ୍ କରି ଆସିବୁ । ଯଦି ତିନି ବର୍ଷ ଭିତରେ ତୁ ସେ କୃଷକକୁ ନିଜର ଆୟତ୍ତ କରି ନ ପାରୁ ତାହେଲେ ତୋତେ ଦଣ୍ଡ ଦେବି ।"

Digitized by srujanika@gmail.com

ଭୂତର ମନରେ ଭୟ ହୋଇଗଲା । ନିଜର ଭୁଲଟା କିପରି ସୁଧାରିବ ବୋଲି ଭାବି ଭାବି ସେ ପୃଥିବୀକୁ ଆସିଲା । ଶେଷରେ ସେ ଗୋଟିଏ ସୁନ୍ଦର ଉପାୟ ସ୍ଥିର କଲା ।

ସେ ଜଣେ ମୂଲିଆ ରୂପ ଧରି ସେହି କୃଷକ ସଙ୍ଗେ କାମ କଲା । ପ୍ରଥମ ବର୍ଷ ସେ କୃଷକକୁ ପରାମର୍ଶ ଦେଲା—ଏ ବର୍ଷ ଆମେ ସେ ଖାଲୁଆ ପଚସଚିଆ ଜମିରେ ଫସଲ କରିବା । କୃଷକ ସେହି ଉପଦେଶ ମାନି ସେଠାରେ ଶସ୍ୟ ବୁଣିଲା । ସେ ବର୍ଷ ବର୍ଷା ଖୁବ୍ କମ୍ ହେଲା । ଖରା ତାତିରେ ଅନ୍ୟ କୃଷକମାନଙ୍କର ଫସଲ ଜଳିଗଲା, କିନ୍ତୁ ଏହି ଚଷୀ କୃଷକର ଫସଲ ଖୁବ୍ ବଢ଼ି ଭଲ ଫଳିଲା । ସେ ଏତେ ଶସ୍ୟ ପାଇଲା ଯେ ସେଥିରେ ଚାରି ବର୍ଷର ଖାଇବା ଖର୍ଚ୍ଚ ଯାଇ ଆହୁରି କିଛି ବଳି ପଡ଼ିଲା । ପରବର୍ଷ ଭୂତ ତାକୁ ଉପଦେଶ ଦେଲା—ଏ ବର୍ଷ ପାହାଡ଼ିଆ ଉଚ୍ଚ ଜମିରେ ଫସଲ କରିବା । କୃଷକ ତାହାହିଁ କଲା । ଦୈବଯୋଗକୁ ସେ ବର୍ଷ ପ୍ରବଳ ବର୍ଷା ହେଲା । ଅନ୍ୟ କୃଷକ ମାନଙ୍କର ଫସଲ ପଚି ସଢ଼ିଗଲା । କେଉଁଠାଏ ଶସ୍ୟ ଫଳିଲା ନାହିଁ । କିନ୍ତୁ ଏହି କୃଷକର ପାହାଡ଼ିଆ ଜମିରେ ଖୁବ୍ ଫସଲ ହେଲା । ଗତ ବର୍ଷଠାରୁ ଏବର୍ଷ ଆହୁରି ବେଶି ଶସ୍ୟ ମିଳିଲା । ଏତେ ଶସ୍ୟ ବଳି ପଡ଼ିଲା ଯେ କୃଷକ ତାକୁ କଅଣ କରିବ ସ୍ଥିର କରି ପାରିଲା ନାହିଁ ।

ଭୂତ କୃଷକକୁ କହିଲା, "ଏ ବଳକା ଶସ୍ୟକୁ କୁଟି ସେଥିରେ ମଦ ତିଆରି କରିବା ।" କିପରି ଶସ୍ୟରୁ ମଦ ତିଆରି ହୁଏ ସେ ତାହା ମଧ୍ୟ ଶିଖାଇ ଦେଲା । କୃଷକ ମଦ ତିଆରି କରିବାରେ ଲାଗିଲା । ସେ ନିଜେ ଯଥେଷ୍ଟ ମଦ ପିଇଲା ଓ ବନ୍ଧୁବାନ୍ଧବମାନଙ୍କୁ ମଧ୍ୟ ପିଇବାକୁ ଦେଲା ।

Digitized by srujanika@gmail.com

ଭୂତର ଉଦ୍ଦେଶ୍ୟ ସିଦ୍ଧ ହେଲା । କୃଷକ ଅସତ୍ ପଥରେ ଯିବାର ଦେଖି ସେ ଅତ୍ୟନ୍ତ ଆନନ୍ଦରେ ତାର ମୂନିବ ସଇତାନ ପାଖକୁ ଫେରି ଯାଇ କହିଲା, "ସେ କୃଷକ ମୋତେ ବଳ ପାଇଥିଲା । ଏବେ ମୁଁ ତାକୁ ବଶ କରିପାରିଛି ।"

କୃଷକ କିପରି ବଶ ହୋଇଛି ତାହା ଦେଖିବାପାଇଁ ସଇତାନ ନିଜେ ପୃଥିବୀକୁ ଆସିଲା ।

ସଇତାନ କୃଷକ ଘରକୁ ଆସି ଦେଖିଲା, କୃଷକ ଗୁଡ଼ିଏ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଆଣିଛି ଓ ସେମାନଙ୍କୁ ଘରେ ବସାଇ ମଦ ପିଇବାକୁ ଦେଉଛି । କୃଷକର ସ୍ତ୍ରୀ ଅତିଥିମାନଙ୍କୁ ମଦର ପାତ୍ର ବଢ଼ାଇ ଦେଉଛି ।

କୃଷକର ସ୍ତ୍ରୀ ଘର ଭିତରେ ବୁଲି ବୁଲି ମଦଗିଲାସ ଦେଉ-ଥିଲା ବେଳେ ଗୋଟାଏ ଟେବୁଲକୁ ଝୁଣ୍ଟିଲା । ତା ହାତରୁ ଗିଲାସଟା ମେଜିଆରେ ପଡ଼ି ଭାଙ୍ଗିଗଲା ଓ ମଦ ଢ଼ାଳି ହୋଇ ଗଲା । ଏହା ଦେଖି କୃଷକ ରାଗିଯାଇ ସ୍ତ୍ରୀକୁ କହିଲା, "କେଡ଼େ ଅସାବଧାନ ? ତୋର କଅଣ ଟିକିଏ ହେଲେ ବୁଦ୍ଧି ନାହିଁ ? ତୁ କଅଣ ଭାବିଛୁ, ଏଗୁଡ଼ାକ ପାଣି ଯେ ଯେଉଁଠି ଇଚ୍ଛା ସେଠି ଢ଼ାଳିଦେଲେ ଚଳିବ ? ତୁ ମଣିଷ ନୋହୁ ସେ ଚଣ୍ଡୁ ।"

ଭୂତ ସଇତାନକୁ ଠାରିଦେଇ କହିଲା, "ହଜୁର ଏଇ ଲୋକଟି ତାର ଏକମାତ୍ର ରୁଟିଖଣ୍ଡିକ ହରାଇ ମଧ୍ୟ ରାଗି ନଥିଲା ।"

କୃଷକ ରାଗରେ ସ୍ତ୍ରୀକୁ ଗାଳି ଦେଇ ଦେଇ ନିଜେ ବନ୍ଧୁ-ମାନଙ୍କୁ ମଦ ଗିଲାସ ବଢ଼ାଇ ଦେଲା । ଏହି ସମୟରେ ଜଣେ ଗରିବ

Digitized by srujanika@gmail.com

ବୃଷୀ ସେଠାରେ ଉପସ୍ଥିତ ହେଲା । ମାତ୍ର ତାକୁ ନିମନ୍ତ୍ରଣ କରାଯାଇ ନଥିଲା । ସେହି ଦିନର କାମ ଶେଷ କରି ସେ ଘରକୁ ଫେରୁଥିଲା । ବାଟରେ କୃଷକର ଘରେ ଏତେ ଲୋକ ଦେଖି ସେ ପଶିଆସିଥିଲା । ସେ ପ୍ରତ୍ୟେକ ଅତିଥି ଓ ଗୃହସ୍ଥଙ୍କୁ ପ୍ରଣାମ କରି ସେମାନଙ୍କ ପାଖେ ବସିଲା । ସମସ୍ତେ ମଦ ପିଉଥିବାର ସେ ଦେଖିଲା । ଦିନ ସାରା କାମ କରି କରି ସେ କ୍ଳାନ୍ତ ହୋଇପଡ଼ିଥିଲା । ଟିକିଏ ମଦ ପିଇବା ପାଇଁ ତାର ମଧ୍ୟ ଇଚ୍ଛା ହେଲା । ମାତ୍ର ନିଜ ଇଚ୍ଛା ପ୍ରକାଶ ନକରି ସେ ସେହିଠାରେ ବସି ରହିଲା । ବେଳକୁ ବେଳ ତାର ତୃଷା ବଢ଼ିଲା । କିନ୍ତୁ ସେହି କୃଷକ ତାକୁ ଟୋପାଏ ସୁଦ୍ଧା ମଦ ନ ଦେଇ କହିଲା, "ଯାଆ, ଏଠାରୁ ବାହାରି ଯାଆ । ଏଠିକି ଯିଏ ଆସିବ ତାକୁ ଦେବାପାଇଁ ମୁଁ ମଦ ରଖିନାହିଁ ।"

ସଇତାନ ଏହା ଦେଖି ଆନନ୍ଦିତ ହେଲା । ଭୂତ ହସି ହସି କହିଲା, "ଟିକିଏ ରହ, ଆଉରି କଣ ହେବ ଦେଖିବ ।"

ଏହି ଅତିଥିମାନେ ସମସ୍ତେ ଧନୀ କୃଷକ । ସେମାନେ ମଦ ପିଇଲେ । ଗୃହସ୍ଥ ମଧ୍ୟ ସେମାନଙ୍କ ସଙ୍ଗେ ପିଇଲା । ସମସ୍ତେ ପରସ୍ପରର ପ୍ରଶଂସା କରି ଅନେକ କଥା କହିଲେ । କିନ୍ତୁ ସେମାନେ ଯାହା କହିଲେ ସେ ସବୁ ମିଥ୍ୟା ।

ସଇତାନ ଚୁପ୍‌ଚାପ୍ ସବୁ ଶୁଣିଲା । ସେ ଭୂତକୁ ପ୍ରଶଂସା କରି କହିଲା, "ଏହି କନକଟି ପିଇବାରୁ ଯେବେ ସେମାନେ କୋକି-ଶିଆଳି ଭଳି ପରସ୍ପରକୁ ଠକିବାରେ ଲାଗିଲେଣି ତେବେ ଅଳ୍ପ ଦିନରେ ସେମାନେ ନିଶ୍ଚୟ ଆମ ଆୟତ୍ତକୁ ଆସିଯିବେ ।"

Digitized by srujanika@gmail.com

ଭୂତ କହିଲା, "ଆଉ ଟିକିଏ ଅପେକ୍ଷା କର । କଅଣ ହେଉଛି ଦେଖ । ଆଉ ଗିଲାସେ ଲେଖାଏଁ ପିଇଲେ ମଜା ଦେଖିବ । ବର୍ତ୍ତମାନ ସେମାନେ କୋକଶିଆଳ ପରି ହୋଇ ଲାଙ୍ଗୁଡ଼ ହଲାଉଛନ୍ତି । ଜଣେ ଆଉ ଜଣକୁ ମିଛରେ ପ୍ରଶଂସା କରୁଛି । ମାତ୍ର ଆଉ ଗିଲାସେ ଲେଖାଏଁ ପିଇଲା ପରେ ସେମାନେ ହେଣ୍ଟାବାଘ ପରି ହିଂସ୍ର ହୋଇଯିବେ ।"

କୃଷକମାନେ ସମସ୍ତେ ଆଉ ଗିଲାସେ ଲେଖାଏଁ ମଦ ପିଇଲେ । କ୍ରମେ କ୍ରମେ ସେମାନଙ୍କ ଭିତରେ ଅଭଦ୍ର କଥା ଭାଷା ଚାଲିଲା । କଥାର କିଛି ଠିକ୍ ଠିକଣା ରହିଲା ନାହିଁ । ସମସ୍ତେ ରାଗି ଉଠି ପରସ୍ପରକୁ ଗାଳି ଦେଲେ । ଗାଳି ପରେ ମାଡ଼ଗୋଳ ଆରମ୍ଭ ହୋଇଗଲା । ଗୃହସ୍ଥ ମଧ୍ୟ ଏଥିରେ ଯୋଗ ଦେଲେ ଓ କିଛି ମାଡ଼ ମଧ୍ୟ ଖାଇଲେ ।

ସଇତାନ ଆନନ୍ଦରେ ଏ ସବୁ ଦେଖି ଭୂତକୁ କହିଲା, "ବେଶ୍ ମଜା ହେଉଛି ।"

କିନ୍ତୁ ଭୂତ ଉତ୍ତର କଲା, "ଆଉ ଟିକିଏ ଅପେକ୍ଷା କରି, ଦେଖିବ । ଅସଲ ମଜା ହେବାକୁ ବାକି ଅଛି । ଆଉ ଗିଲାସେ ଲେଖାଏଁ ପିଅନ୍ତୁ । ବର୍ତ୍ତମାନ ସେମାନେ ହେଣ୍ଟାବାଘ ଭଳି ଆପଣା ଭିତରେ କଳି କରୁଛନ୍ତି । ଆଉ ଗିଲାସେ ଲେଖାଏଁ ପିଇଲା ପରେ ସେମାନେ ଘୁଷୁରିଭଳି ହୋଇଯିବେ ।"

କୃଷକମାନେ ଆଉଥରେ ଗିଲାସେ ଲେଖାଏଁ ମଦ ପିଇଲେ । ସଙ୍ଗେ ସଙ୍ଗେ ସେମାନେ ଠିକ୍ ପଶୁଭଳି କାରବାର କଲେ । ବଡ଼ପାଟି କରି ସେମାନେ ପାଟିଗୁଣ୍ଡ କଲେ । କାହିଁକି ଯେ ସେପରି

Digitized by srujanika@gmail.com

କରୁଥିଲେ କାହାରକୁ ଜଣା ନାହିଁ । କେହି କାହାର କଥା ଶୁଣିଲେ ନାହିଁ ।

ଶେଷରେ ଅତିଥିମାନେ ବିଦାୟ ନେଇ ଗଲେ । କେତେ ଜଣ ଏକୁଟିଆ ଚାଲିଗଲେ । ଆଉ କେତେକ ଦୁଇଜଣ ବା ତିନିଜଣ ଲେଖାଏଁ ଏକାଠି ହୋଇ ଗଲେ । କାହାର ମୁଣ୍ଡ ଠିକଣା ନଥାଏ, ପାଦ ଟଳମଳ ହେଉଥାଏ । ରାସ୍ତା ଉପରେ ଢଳି ଢଳି ଏପାଖକୁ ସେପାଖକୁ ଚାଲିଥାନ୍ତି । ଗୃହସ୍ଥ ଅତିଥିମାନଙ୍କଠାରୁ ବିଦାୟ ନେବାକୁ ଗଲେ । ମାଝ ଯାଉ ଯାଉ ବାଟରେ ଗୋଟାଏ ଖାଲରେ ମୁହଁ ମାଡ଼ି ପଡ଼ିଗଲେ । ତାଙ୍କର ମୁଣ୍ଡଠାରୁ ପାଦଯାଏ ସବୁ କାଦୁଅରେ ଲଟପଟ ହୋଇଗଲା । ଘୁଷୁରି ପରି ଶବ୍ଦ କରି ସେ ସେଇଠାରେ ପଡ଼ିରହିଲେ ।

ଏଭଳି ଦୃଶ୍ୟ ଦେଖି ସଇତାନ ଭାରି ସନ୍ତୁଷ୍ଟ ହେଲା । ସେ ଭୂତକୁ କହିଲା, "ମୁଁ ଦେଖୁଛି ତୁ ଗୋଟିଏ ଖୁବ୍ ଭଲ ଜିନିଷ ବାହାର କରିଛୁ । କୃଷକର ରୁଟି ନେଲା ବେଳେ ତୁ ଯେଉଁ ଭୁଲ କରିଥିଲୁ, ତାକୁ ବେଶ୍ ସୁଧାରି ପାରିଛୁ । ଆଚ୍ଛା, ଏ ପିଇବା ଜିନିଷଟି କପରି ତିଆରି ହୁଏ ? ମୁଁ ଅନୁମାନ କରୁଛି—ତୁ ଏଥିରେ ପ୍ରଥମେ କୋକଶିଆଳର ରକ୍ତ ଦେଇଥିବୁ । ସେଥିପାଇଁ ପ୍ରଥମ ଗିଲାସକ ପିଇଲା ପରେ ସେମାନେ କୋକଶିଆଳ ପରି ପରସ୍ପରକୁ ଠକିବାରେ ଲାଗିଲେ । ଏହାପରେ ତୁ ସେଥିରେ ହେଟାବାଘର ରକ୍ତ ମିଶାଇଛୁ ବୋଲି ମୋର ଅନୁମାନ । ତାହା ନୋହିଥିଲେ ସେମାନେ ଦ୍ୱିତୀୟ ଗିଲାସକ ପିଇ ହେଟାବାଘ ଭଳି ହିଂସ୍ର ହୋଇ ନଥାନ୍ତେ । ଶେଷରେ ସେଥିରେ ଘୁଷୁରି ରକ୍ତ ମିଶାଇ ଥିବୁ । ତେଣୁ ସେମାନେ ଶେଷରେ ଘୁଷୁରିଭଳି ଆଚରଣ ଦେଖାଇଲେ ।"

Digitized by srujanika@gmail.com

ଭୂତ କହିଲା, "ନାଁ, ନାଁ, ମୁଁ ସେଭଳି କିଛି କରିନାହିଁ । ମୁଁ ଗୋଟିଏ କଥା କଲି । ମୋର ଚେଷ୍ଟା ହେଲା, କୃଷକ କପରି ତାର ଦରକାର ଅପେକ୍ଷା ବେଶି ଶସ୍ୟ ପାଉ । ସେତକ ହେବାରୁ ସେ ଏଭଳି ହୋଇପାରିଛି । ମଣିଷ ଭିତରେ ସବୁବେଳେ ହିଂସ୍ର ପଶୁର ରକ୍ତ ରହିଥାଏ । କିନ୍ତୁ ଯେତେବେଳେ ଯାଏ ସେ ଯେତକ ଶସ୍ୟ ଦରକାର ସେତକ ମାତ୍ର ପାଉଥାଏ, ସେତେବେଳେ ଯାଏ ସେହି ପଶୁରକ୍ତ ଆୟତ୍ତ ହୋଇ ରହିଥାଏ । ପ୍ରଥମ ଥର ଏହି କୃଷକର ଏକମାତ୍ର ସମ୍ବଳ ରୁଟିଖଣ୍ଡିକ ମୁଁ ନେଇଯାଇଥିଲି; ତଥାପି ସେ ପାଟି ଫିଟାଇ ନଥିଲା । କିନ୍ତୁ ଯେତେବେଳେ ତାର ଶସ୍ୟ ବଳକା ହୋଇଗଲା, ସେ ସେଥିରେ ମଉଜ କରିବାର ଉପାୟ ଖୋଜିଲା । ମୁଁ ତାକୁ ସେ ଉପାୟଟି ଶିଖାଇ ଦେଲି ...ମଦ ପିଅ । ଈଶ୍ୱରଙ୍କର ମହତ୍ ଦାନ ଶସ୍ୟକୁ ସେ ଯେତେବେଳେ ମଉଜପାଇଁ ମଦ ତିଆରିରେ ଲଗାଇଲା, ସେତେବେଳେ ତା ଭିତରେ ଯେଉଁ କୋକିଶିଆଳି ରକ୍ତ, ହେଟାବାଘ ରକ୍ତ ଓ ଘୁଷୁରି ରକ୍ତ ଥିଲା, ସେ ସବୁ ନିଜ ନିଜ ମୂର୍ତ୍ତି ଧରି ପ୍ରକାଶ ପାଇଲେ । ଏହିପରି ମଦ ପିଉଥିଲେ ସେ ବରାବର ହିଂସ୍ର ପଶୁ ହୋଇ ରହିଥିବ ।"

ସଇତାନ ଭୂତକୁ ପ୍ରଶଂସା କରି ତାର ଦୋଷ କ୍ଷମା କରିଦେଲା ଓ ଭୂତରାଜ୍ୟରେ ତାହାକୁ ଉଚ୍ଚ ଆସନ ମିଳିଲା ।

Digitized by srujanika@gmail.com

ଟିକିଏ ନିଆଁରେ ଘର ପୋଡ଼େ

ଗୋଟିଏ ଗ୍ରାମରେ ଆଇଭାନ ବୋଲି ଜଣେ କୃଷକ ବାସ କରୁଥିଲା । ତାର ବୟସ ବେଶୀ ହୋଇଯାଇଥିଲା । ଗ୍ରାମ ଭିତରେ ସେ ସବୁଠାରୁ ବେଶି ପରିଶ୍ରମୀ । ତେଣୁ ବେଶ୍ ସୁଖରେ ଚଳୁଥିଲା । ତାର ତିନୋଟି ପୁଅ ଥିଲେ । ପୁଅମାନେ ମଧ୍ୟ କାମକୁ ପାରି ଯାଇଥିଲେ । ସବୁଠାରୁ ବଡ଼ ପୁଅଟି ବାହା ହୋଇ ସାରିଥିଲା । ମଝିଆଁ ପୁଅର ବିବାହ ସମୟ ଉପସ୍ଥିତ । ସାନ ପୁଅଟି ଖୁବ୍ ସୁସ୍ଥ ଓ ସବଳ । ସେ ଘୋଡ଼ାମାନଙ୍କୁ ଜଗାରଖା କରୁଥିଲା ଓ ହଳକାମ ଶିଖୁଥିଲା ।

ଆଇଭାନର ସ୍ତ୍ରୀ ବୁଦ୍ଧିମତୀ ଓ ଘର ଚଳାଇବାରେ ଖୁବ୍ ସାବଧାନ ଥିଲା । ବୋହୂଟି ଶାନ୍ତ, ଧୀର ପ୍ରକୃତିର । ଭଲ କାମ ଦାମ କରେ । ପରିବାରଟି ସୁଖରେ ଚଳିବାର ଯଥେଷ୍ଟ କାରଣ ଥିଲା । ଏମାନଙ୍କ ଛଡ଼ା ସେହି ସୁଖୀ ପରିବାରରେ ଆଉ ଜଣେ ଥିଲେ । ସେ ହେଉଛନ୍ତି ଆଇଭାନର ବୁଢ଼ା ବାପ । ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ । ତେଣୁ ସେ ସର୍ବଦା ବେମାରିରେ ପଡ଼ିଥାନ୍ତି । ଗଲା ସାତବର୍ଷ ହେଲା ଚୁଲ୍ଲୀଉପର ଥାକରେ ପଡ଼ି ରହିଛନ୍ତି । ଆଇଭାନର କିଛି ଅଭାବ ନ ଥିଲା । ତାର ଗୃରଟି ଘୋଡ଼ା, ଗୋଟିଏ ଗାଈ

Digitized by srujanika@gmail.com

ଓ ପନ୍ଦରଟି ଟେଣ୍ଟା ଥିଲେ । ଶାଶୁ ବୋହୂ ଦୁହେଁ ମିଶି ଘରର ସମସ୍ତଙ୍କ ପାଇଁ ପୋଷାକ ସିଲେଇ କରି ଦେଉଥିଲେ ଓ ଗୃହ କାମରେ ସାହାଯ୍ୟ କରୁଥିଲେ । ପୁରୁଷମାନେ ହଳ କରୁଥିଲେ । ବରଷକ ଫସଲରେ ଆର ଫସଲ ଅମଳ ହେବା ଯାଏ ଖାଇବା ଖରଚ ଚଳିଯାଉଥିଲା । ବର୍ଷେ ବର୍ଷେ ମଧ୍ୟ କିଛି ବଳି ପଡ଼ୁଥିଲା । ସେହି ଫସଲରୁ କିଛି ବିକି ସେମାନେ ଖଜଣା ଦେଉଥିଲେ ଓ ବାକି ଖରଚ ଚଳାଉଥିଲେ ।

ଆଇଭାନ ଓ ତାର ପରିବାର ସୁଖରେ ଚଳିବାରେ କିଛି ବାଧା ନଥିଲା, କିନ୍ତୁ ତାର ପଡ଼ିଶା ଗେବ୍ରିଏଲ ସହିତ ଆଇଭାନର କଳି ଲାଗିବାରୁ ଅଶାନ୍ତି ହେଲା । ଗ୍ରେଡିଂ ଗେବ୍ରିଏଲର ବାପା ଗର୍ଡ଼େ ।

ଗର୍ଡ଼େ ଓ ଆଇଭାନର ବାପା ଯେତେ ଦିନ ଯାଏ ନିଜ ନିଜ କୁଟୁମ୍ବର ସବୁ କଥା ବୁଝୁଥିଲେ ସେତେ ଦିନ ପର୍ଯ୍ୟନ୍ତ ଦୁଇ ପରିବାର ଭିତରେ ଖୁବ୍ ସଦ୍ଭାବ ଥିଲା । ଜଣଙ୍କର ବସ୍ତାଟାଏ କି ଲଣ୍ଠନଟାଏ ଦରକାର ହେଲା, କି ଶଗଡ଼ର ଚକଟାଏ ମରାମତି କରିବା ଦରକାର ହେଲା, ସେ ପଡ଼ିଶାଘରୁ ସାହାଯ୍ୟ ମାଗୁଥିଲା ଓ ସାହାଯ୍ୟ ପାଉଥିଲା । ଯଦି ଜଣକର ଗୋରୁ ଅନ୍ୟ ଜଣକ ବାଡ଼ିରେ ପଶିଯାଉଥିଲା ସେ ତାକୁ ତଡ଼ିଦେଇ କହୁଥିଲା, "ଗୋରୁଟାକୁ ଆଉ ଛାଡ଼ ଦେବ ନାହିଁ । ଆମର ପରା ଶସ୍ୟ ଖଳାରେ ପଡ଼ିଛି ।" ଏତିକିରେ କଥା ତୁଟି ଯାଉଥିଲା । କେହି ଖଳାରେ ତାଲା ପକାଇବା ବା କୌଣସି ଜିନିଷ ଲୁଚାଇ ରଖିବା ଦରକାର ପଡ଼ୁନଥିଲା । କେହି ଅନ୍ୟର ପଛଆଡ଼େ ଚୁଗୁଲି କରୁନଥିଲା କି ମନ୍ଦ ପାଉଁ ନଥିଲା ।

Digitized by srujanika@gmail.com

ଏବେ ବାପ ବେମାର ପଡ଼ି ରହିଥିବାରୁ ଆଇବ୍ରାନ ତା କୁଟୁମ୍ବର ମାଲିକ । ଗର୍ଚ୍ଚେଡ଼ ମରିଯାଇଥିବାରୁ ଛୋଟା ଗେଭ୍ରେଏଲ୍ ମଧ୍ୟ ତା କୁଟୁମ୍ବର ମାଲିକ । ଆଇଭ୍ରାନ ଓ ଗେବ୍ରେଏଲଙ୍କ ଅମଳରେ ଦୁଇ ପରିବାର ଭିତରେ ଥିବା ପୂର୍ବ ସମ୍ବନ୍ଧ ଏକବାରେ ବଦଳିଗଲା ।

ଗୋଟିଏ ସାମାନ୍ୟ ଘଟଣାରୁ ଏହାର ଆରମ୍ଭ ।

ଆଇଭ୍ରାନର ଗୋଟିଏ ମାଈ କୁକୁଡ଼ା ଡ଼ିମ୍ବ ଦେଉଥିଲା । ଆଗରେ ବଡ଼ଦିନ ପର୍ବ । ସେଥିପାଇଁ ଆଇଭ୍ରାନର ବୋହୂ ପ୍ରତିଦିନ ଡ଼ିମ୍ବଟି ନେଇ ରଖୁଥାଏ । ଶଗଡ଼ ରହୁଥିବା ଘରେ ମାଈ କୁକୁଡ଼ାଟି ପ୍ରତିଦିନ ଡ଼ିମ୍ବ ଦିଏ; ବୋହୂ ସେଇଠାରୁ ଡ଼ିମ୍ବଟି ଆଣେ । ଏହିପରି କିଛି ଦିନ ଗଲା । ଦୈବାତ୍ ଦିନେ ପିଲାମାନେ ତାକୁ ଡ଼ରୁଡ଼ାଇ ଦେଲେ; ସେ ଉଡ଼ିଯାଇ ପଡ଼ିଶାଙ୍କର ଖଳାରେ ବସିଲା ଓ ସେଇଠାରେ ଡିମ୍ବ ଦେଲା । ଡ଼ିମ୍ବ ଦେଲା ବେଳେ ସେ ରାବିଲା । ବୋହୂ ଅନୁମାନ କଲା ସେ ତାଙ୍କ ମାଈ କୁକୁଡ଼ା ଡ଼ିମ୍ବ ଦେଲା । କିନ୍ତୁ ସେ ଭାବିଲା, "ଏଇକ୍ଷଣି ମୋର ବେଳ ନାହିଁ । କାଲି ରବିବାର । ଆଜ ଘରଟା ସଫାସୁତୁରା କରିବାକୁ ହେବ । ଏସବୁ କାମ ସରିଲେ ତାଙ୍କ ଖଳାରୁ ଡ଼ିମ୍ବଟା ନେଇ ଆସିବି ।" ପ୍ରଥମେ ସେ ଶଗଡ଼ ରହୁଥିବା ଘର ଖୋଜିଲା । ଦେଖିଲା ସେଠାରେ ଡ଼ିମ୍ବ ନାହିଁ । ଶାଶୁ ଓ ମଝିଆଁ ଦିଅରଙ୍କୁ ପଚାରି ବୁଝିଲା ସେ ସେମାନେ କେଉଁ ଘରେ ଡ଼ିମ୍ବ ଦେଖି ନାହାନ୍ତି । ସାନ ଦିଅର କହିଲା, "ଆମ ମାଈ କୁକୁଡ଼ା ବାଡ଼ ଡେଇଁ ଗେବ୍ରେଏଲଙ୍କ ଖଳାକୁ ଯାଇଥିଲା । ସେଇଠି ଡ଼ିମ୍ବ ଦେଇଛି । ଆମ ମାଈ କୁକୁଡ଼ା ସେଠାରୁ ଉଡ଼ି ଆସିଲା ବେଳେ ମୁଁ ଦେଖିଛି ।"

Digitized by srujanika@gmail.com

ଆଇଭାନର କୁକୁଡ଼ାଟି ଗେବ୍ରିଏଲର ଖଳାରେ ଡିମ୍ବ ଦେଇଥିବା ବିଷୟରେ ଆଜି ଟିକିଏ ହେଲେ ସନ୍ଦେହ ରହିଲା ନାହିଁ । ବୋହୂ ପଡ଼ଶା ଘରେ ଯାଇ ପହଞ୍ଚିଲା । ଗେବ୍ରିଏଲର ମାଆ ଘରୁ ବାହାର ଆସି ପଚାରିଲା, "କୁଆଡ଼େ ଆସିଛୁ ବୋହୂ ?"

"ଆଜି ସକାଳେ ଆମର ଗୋଟାଏ ମାଈ କୁକୁଡ଼ା ତମ ଖଳାକୁ ଉଡ଼ି ଆସିଥିଲା । ସେ ଏଠି ଗୋଟାଏ ଡିମ୍ବ ଦେଇ ଯାଇଛି ।" ଆଇଭାନର ବୋହୂ ଏହା କହି କଥା ଆରମ୍ଭ କଲା ।

ଗେବ୍ରିଏଲର ମାଆ କହିଲା, "ଆମେ କୁକୁଡ଼ା କମ୍ବା ଡିମ୍ବ କିଛି ଦେଖି ନାହୁଁ । କେତେ ଦିନ ହେଲାଣି ଆମ ମାଈକୁକୁଡ଼ା ଗୁଡାକ ଡିମ୍ବ ଦେଉଛନ୍ତି । ଆମ ନିଜର ଯେତେବେଳେ ଏତେ ଡିମ୍ବ ଅଛି ପର ଡିମ୍ବକୁ ଆମେ କାହିଁକି ଛୁଇଁବୁ । ପର ଖଳାରେ ଡିମ୍ବ ଖୋଜିବୁଲିବା ଲୋକ ଆମେ ନୋହୁଁ ।"

ଏକଥା ଆଇଭାନର ବୋହୂକୁ ବାଧିଲା । ତେଣୁ ତା ମନକୁ ଯାହା ଆସିଲା ସେ ମଧ୍ୟ କହିଗଲା । ଗେବ୍ରିଏଲର ମାଆ ତୁନି ରହିବ କାହିଁକି, ସେ ବି ସେହିପରି ଟାଣ ଟାଣ ଉତ୍ତର ଦେଲା । ଦୁହିଁଙ୍କ ଭିତରେ ଖୁବ୍ ପାଟିତୁଣ୍ଡ ଲାଗିଲା । ଆଇଭାନର ସ୍ତ୍ରୀ ପାଣି ଆଣିବାକୁ ସେଇବାଟେ ଯାଉଥିଲା । ସେ ବି ଏହି କଳିରେ ମିଶିଗଲା । ତେଣୁ ଗେବ୍ରିଏଲର ସ୍ତ୍ରୀ ବାହାରିପଡ଼ି ଆଇଭାନର ବୋହୂ ନାଆଁରେ ସତମିଛ ଲଗେଇ ଅନେକ କଥା କହିଲା । ଏହା ଫଳରେ ଗୋଟାଏ ବଡ଼ ଧରଣର କଳିଗୋଳର ସୂତ୍ରପାତ ହେଲା । ସମସ୍ତେ ପାଟି କରିବାକୁ ଲାଗିଲେ । ସେମାନଙ୍କ ତୁଣ୍ଡରୁ କେବଳ ଅଭଦ୍ର ଭାଷା ବାହାରିଲା ।

Digitized by srujanika@gmail.com

ଗୋଟାଏ ପକ୍ଷରୁ ଶୁଣାଗଲା—ତୁ ଡାଆଣୀ, ତୁ ପୁତ୍ରଖାଇ, ତୁ ଗୈରଣୀ, ତୁ ଶଶୁରକୁ ଖାଇବାକୁ ନ ଦେଇ ମାରୁଛୁ, ତୁ ଅଳପେଇଷ୍ଠ ଇତ୍ୟାଦି ।

ସେହିପରି ଅପର ପକ୍ଷରୁ ଶୁଣାଗଲା—ତୁ ଆମଠୁ ଅଖାଟାଏ ମାଗିନେଇ ସେଥିରେ କଣା କରି ଦେଇଛୁ; ତୁ ଦୁଧ ଆଣିବାପାଇଁ ଆମ ଗିଲାସ ନେଇଥିଲୁ ଯେ ଆଜଯାଏ ଫେରାଇ ଦେଇନାହୁଁ ; ଏହିକ୍ଷଣି ଦେ ।

ଏହିପରି କଥାକଟ୍ଟା ହେଉ ହେଉ ଜଣେ ଯାଇ ଗିଲାସଟାକୁ ଟାଣି ଆଣିଲା । ଗୁରୁଆଡ଼େ ଦୁଧ ଛିଟିକି ପଡ଼ିଲା । ଦୁଇ ଜଣ ସ୍ତ୍ରୀ ଲୋକ ପରସ୍ପରର ବାଳ ଧରି ଝିଙ୍କାଝିଙ୍କି ହେଲେ । କିଏ କାହାକୁ ଚିମୁଟିଲା ତ କିଏ ବିଧା ମାରିଲା । ହଳ କାମ ସାରି ଗେଦ୍ରୁ ଏଲା ଘରକୁ ଫେରିଲା ମାତ୍ରେ ଏ ପ୍ରକାର ଅବସ୍ଥା ଦେଖି ତାର ସ୍ତ୍ରୀକୁ ସାହାଯ୍ୟ କଲା । ଏଣୁ ଆଇଭାନ ଓ ତାର ପୁଅ ଦଉଡ଼ି ଆସିଲେ । ସେ ଦୁହେଁ ମଧ୍ୟ ନିଜ ପକ୍ଷରେ ମିଶିଲେ । ଆଇଭାନ ଦେହରେ ବଳ ବେଶି । ତାର ଗର୍ଜ୍ଜନ ଶୁଣି ସମସ୍ତେ ପଳାଇଲେ; ରହିଗଲା କେବଳ ଗ୍ରେଟା ଗେଦ୍ରୁ ଏଲା । ଆଇଭାନ ତାର ଦାଢ଼ିରୁ ମେଞ୍ଚାଏ ଧରି ଟାଣିଦେବାରୁ ତାହା ଛିଣ୍ଡିଗଲା । ଆଖପାଖର ଲୋକେ ଗୋଳମାଳ ଶୁଣି ଦଉଡ଼ି ଆସିଲେ । ସେମାନେ ବହୁତ ଚେଷ୍ଟା କରି ଦୁଇ ପକ୍ଷକୁ ଅଲଗା କରିଦେଲେ ।

ଏଇ ହେଲା ଦୁଇ ପରିବାର ଭିତରେ ଅପଡ଼ ହେବାର ମୂଳ କାରଣ ।

ଗେବ୍ରିଏଲ ଛିଣ୍ଡା ଦାଢ଼ିକୁ କାଗଜରେ ଗୁଡ଼ାଇ ଆଇଭାନ ବିରୁଦ୍ଧରେ ମାଜିଷ୍ଟ୍ରେଟଙ୍କ ପାଖରେ ଅଭିଯୋଗ କଲା । ସେ କହିଲା,

Digitized by srujanika@gmail.com

"ଆଇଭାନ ଭଳି ଗୋଟାଏ ଶ୍ରେଷ୍ଠ ଲୋକ ଉପାଡ଼ ନେବ ବୋଲି କିଏ ମୁଁ ଭାବି ବଡ଼ାଇ ଥିଲି ?" ଗେବ୍ରିଏଲର ସ୍ତ୍ରୀ ଗାଁପାଳ ଆନନ୍ଦରେ କହି ବୁଲିଲା, "ଆଇଭାନ ନିଶ୍ଚେ ଦଣ୍ଡ ପାଇବ । ତାକୁ ସାଇବେରିଆର ଜେଲଖାନା ଦେଖିବାକୁ ହେବ ।"

ଏହାପରେ କଳି ବଢିଲା ସିନା କମିଲା ନାହିଁ । ଆଇଭାନର ବେମାରି ବୁଢ଼ା ବାପ ସବୁବେଳେ ବିଛଣାରେ ପଡ଼ିଥାଏ । ଘରର ସମସ୍ତଙ୍କୁ ସେ ବୁଝାଉ ଥାଏ—"ମୋ କଥା ମାନ କଳି ତୁଟେଇ ଦିଅ । ପଡ଼ଶୀ ପାଖରେ ମିଳିମିଶି ଚଳ । ଆରେ ପିଲାଏ, ତୁମେ କରୁଛ କିଅଣ ? ଏଭଳି ଶ୍ରେଷ୍ଠ କଥାରେ କଳି କରିବାକୁ ଯିବା ନିହାତି ବୋକାମି । ଟିକିଏ ବିଚାର କର । ଏତେ କଳିର ଅସଲ ମୂଳ ହେଲା ସାମାନ୍ୟ ଗୋଟାଏ ଡ଼ିମ୍ବ । କେଉଁ ପିଲା ନେଇ ଯାଇଥିବ । ଏଥିରେ କିଅଣ ବା ଅଛି ! ଗୋଟାଏ ଡ଼ିମ୍ବର ଦାମ୍ ବା କେତେ ? ଭଗବାନ ସମସ୍ତଙ୍କୁ ଯଥେଷ୍ଟ ଦେଉଛନ୍ତି । ଡ଼ିମ୍ବଟା ପାଇଁ ଏତେ କଥା କାହିଁକି ? ଧରିଯାଉ, ତୁମ ପଡ଼ଶୀ ତୁମକୁ ଗାଳି ଦେଲେଚନ୍ତି । ଏଇଟା କିଅଣ ସୁଧାରି ହେବ ନାହିଁ ? ଗେବ୍ରିଏଲର ଭାରିଯାକୁ ବୁଝାଇ ଦେଲେ ସେ ଆଉ ସେପରି କରିବ ନାହିଁ । ଯଦି ତୁମ ଭିତରେ ମରାମରି ହୋଇଛି ସେ କଥା ଭୁଲିଯାଅ । ଲୋକମାନେ ସେତିକିରେ ତୁଟିଯାଉ । ଆମେ ସମସ୍ତେ ଭୁଲ କରି ଥାଉ । ଭୁଲ ନ କରି ମଣିଷ ନାହିଁ । ଏପରି ମାଡ଼ଗୋଳ ବି ବେଳେବେଳେ ହୁଏ । କିନ୍ତୁ ସେଇ କଥାକୁ ଧରି ବସିବା ଠିକ୍ ନୁହେଁ । କଳି ତୁଟେଇ ଦିଅ । ରାଗକୁ ଦମନ କରି ନ ରଖିଲେ ତୁମର ନିଜର କ୍ଷତି ଛଡ଼ା ଲାଭ ହେବ ନାହିଁ ।"

Digitized by srujanika@gmail.com

ମାତ୍ର ପିଲମାନେ କ ବୁଢ଼ାର କଥା ଶୁଣନ୍ତି ? ସେମାନେ ଭାବିଲେ, ଏ ଗୁଡ଼ାକ ହେଉଛି ବୁଢ଼ାର ବାଚାଳତା । ଆଇଭାନ ତା ପଡ଼ୋଶୀ ପାଖରେ ମୁଣ୍ଡ ନୂଆଇଁ ଅପମାନ ସହି ପାରିବ ନାହିଁ ।

ସେ କହିଲା, "ମୁଁ ତା ଦାଢ଼ି ମୋଟେ ଛୁଇଁ ନାହିଁ । ସେ ନିଜେ ଦାଢ଼ି ଛିଣ୍ଡାଇ ମୋ ନାଆଁରେ ଦେଉଛି । ଦେଖ, ତା ପୁଅ ମୋ ଜାମାକୁ ଚିରି ଦେଇଛି ।"

ଆଇଭାନ ମଧ୍ୟ ଗୋଟିଏ ମକଦ୍ଦମା ଦାଏର କଲା । ସବ୍-ଡ଼ିଭିଜନାଲ ମାଜିଷ୍ଟ୍ରେଟ ଓ ଜିଲା ମାଜିଷ୍ଟ୍ରେଟଙ୍କ ଇଜଲାସରେ ମକଦ୍ଦମାର ଶୁଣାଣି ହେଲା । ମକଦ୍ଦମା ଚାଲିଥିଲାବେଳେ ଗେଭ୍ରିଏଲର ଶଗଡ଼ରୁ ଗୋଟାଏ ଲୁହାଖିଲ କୁଆଡ଼େ ହଜିଗଲା । ତାର କେତେ ଜଣ ବାନ୍ଧବ କହିଲେ—ଆଇଭାନର ପୁଅ ସେଇଟାକୁ ନେଇ ଯାଇଛି । ରାତିରେ ଆମ ଓଳି ତଳ ବାଟେ ସେ ଗାଡ଼ି ପାଖକୁ ଯାଉଥିଲା । ଆମେ ଝରକା ବାଟେ ଦେଖିଛୁଁ । ଆଉ ଜଣେ ପଡ଼ଶା କହିଲା, ଆଇଭାନର ପୁଅ ସେ କିଲାଟାକୁ ହୋଟେଲବାଲାକୁ ଦେଉଥିଲା । ମୁଁ ନିଜ ଆଖିରେ ଦେଖିଛି ।

ପୁଣି ଆଉ ଏକ ମକଦ୍ଦମା ଦାଏର ହେଲା । ଦୁଇ କୁଟୁମ୍ବ ଭିତରେ କଳି ତକରାଳ ନ ହୋଇ ଗୋଟାଏ ଦିନ ମଧ୍ୟ ଗଲା ନାହିଁ । ବଡ଼ମାନଙ୍କ ଦେଖା ଦେଖି ଦୁଇ ଘରର ଟେଣ୍ଟ ପିଲମାନେ ମଧ୍ୟ ଆପଣା ଆପଣା ଭିତରେ ପ୍ରତିଦିନ କଳି କଲେ । ଗାଁର ସବୁ ସ୍ତ୍ରୀ ଲୋକେ ଲୁଗାପଟା ଧୋଇବାକୁ ନଈକୂଳକୁ ଯାଆନ୍ତି । ଦୁଇ ଘରର ସ୍ତ୍ରୀମାନେ ସେଠାରେ ଦେଖା ହେଲା ମାତ୍ରେ କଳି ଲଗାଇଲେ । ମାଇପିମାନଙ୍କର ଦେହର ଜୋର୍‌ଠାରୁ ତୁଣ୍ଡର ଜୋର୍ ବେଶି,

Digitized by srujanika@gmail.com

ଏ କଥା ଜଣା ଶୁଣା । ସେମାନଙ୍କ ଭିତରୁ ଯେଉଁ ଭାଷା ବାହାରୁଥିଲା, ତାହା କଦର୍ଯ୍ୟ ଓ ଅଶ୍ରାବ୍ୟ ।

ପ୍ରଥମେ ପ୍ରଥମେ କଳହଟା ଭିତରର କଥାରେ ଥିଲା । କ୍ରମେ ପାଖରେ ଇଟା, ପଥର, ବାଡ଼ ଯାହା ମିଳିଲା ତାର ବ୍ୟବହାର ହେଲା, ପିଲାମାନେ ବଡମାନଙ୍କର ଅନୁକରଣ କରିବାକୁ ଲାଗିଲେ । ଉଭୟ ପରିବାର ପକ୍ଷରେ ଚଳିବା ଦିନକୁ ଦିନ କଷ୍ଟକର ହୋଇଉଠିଲା । ଆଇଭାନ ଓ ଗ୍ରେବ୍ରିଏଲ ପରସ୍ପର ବିରୁଦ୍ଧରେ ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ଜଜଙ୍କ ପର୍ଯ୍ୟନ୍ତ ମକଦ୍ଦମା କଲେ । ବିଚାରକମାନେ ଏଇ ଦୁଇ ଜଣଙ୍କ ମକଦ୍ଦମା ବିଚାର କରି କରି ବିରକ୍ତ ହୋଇ ଗଲେ । ଗୋଟିଏ ମକଦ୍ଦମାରେ ଆଇଭାନକୁ ଜରିମାନା କିମ୍ବା ତା ପରିବର୍ତ୍ତେ କାରାଦଣ୍ଡର ଆଦେଶ ହେଲା । ସେ ଜରିମାନା ଦେଲା । ପରବର୍ତ୍ତୀ ମକଦ୍ଦମାରେ ଗେବ୍ରିଏଲକୁ ଠିକ୍ ସେହିଭଳି ଦଣ୍ଡ ମିଳିଲା । ଦୁଇଟା କୁକୁର ଭିତରେ ଯେତିକି ବେଶି କଳି ଲାଗେ ସେମାନେ ସେତିକି ହିଂସ୍ର ହୋଇ ଉଠନ୍ତି; ପରସ୍ପରକୁ କାମୁଡ଼ି ଖଣ୍ଡିଆଖାବରା କରନ୍ତି । ଠିକ୍ ସେହିଭଳି ଏ ଦୁଇ ଜଣ ଯେତିକି ମକଦ୍ଦମା କଲେ ସେତିକି ଭୀଷଣ ହୋଇ ଉଠିଲେ । କାହାରି ବିଚାର କରିବାର ଶକ୍ତି ରହିଲାନାହିଁ । ପ୍ରତ୍ୟେକ ମକଦ୍ଦମାରେ ଦୁହିଁଙ୍କ ଭିତରୁ କୌଣସି ଜଣକୁ ଜରିମାନା ଦେବାକୁ କିମ୍ବା ଜେଲ ଯିବାକୁ ହେଉଥିଲା । ଦୁହେଁ ବାରମ୍ବାର ଦଣ୍ଡ ଭୋଗିଲେ ସୁଦ୍ଧା କାହାରି ରାଗ ଊଣା ହେଲାନାହିଁ । ଏ କହିଲା, "ରହ, ମୁଁ ତୋତେ ଦେଖିନେବି ।" ସେ କହିଲା, "ରହ ରହ, ଫଳ ପାଇବୁ ଯେ ।" ଏହିପରି ଛଅ ବର୍ଷ କାଳ ଅଶାନ୍ତିରେ କଟିଗଲା । ଆଇଭାନର ବୁଢ଼ା ବାପ ଚୁଲି ସିଧା ମେଜିଆ ଉପରେ ପଡ଼ିଥାଏ । ସେ ବାରମ୍ବାର କହୁଥାଏ,

Digitized by srujanika@gmail.com

"ଆରେ ପିଲାଏ, ତୁମେମାନେ ଏକଣ କରୁଛ ? ସବୁ କଳିକଜିଆ ମାରପିଟ ବନ୍ଦ କରିଦିଅ । ନିଜ ନିଜ କାମରେ ଲାଗିପଡ଼ । କେହି କାହାକୁ ଘୃଣା ନ କଲେ ସମସ୍ତଙ୍କର ଭଲ ହେବ । ଯେତିକି ଘୃଣା କରିବ, ସେତିକି କ୍ଷତି ହେବ ।"

କିନ୍ତୁ ପିଲାମାନେ ବୁଢ଼ା କଥା ଶୁଣନ୍ତି ନାହିଁ ।

ଥରେ ଗୋଟାଏ ଷଷ୍ଠୀଘରର ଭୋଜିକୁ ଆଇଭାନର ବୋହୂ ଯାଇଥିଲା । ସେଠାରେ ସେ ମାଇପିମାନଙ୍କ ମହଲରେ କହିଲା— "ଗେବ୍ରିଏଲ ଗୋଟାଏ ଘୋଡ଼ା ଚୋରି କରୁ କରୁ ଧରା ପଡ଼ିଛି ।" ଅଳ୍ପ ଦୂରରେ ବସି ଗେବ୍ରିଏଲ ମଦ ପିଉଥିଲା । କଥାଟା ତା କାନରେ ପଡ଼ିବାରୁ ସେ ରାଗ ସମ୍ଭାଳି ପାରିଲା ନାହିଁ । ସେ ଦଉଡ଼ି ଆସି ଆଇଭାନର ବୋହୂକୁ ଖୁବ୍ ମାଡ଼ ଦେଲା । ସାତ ଆଠଦିନ ଯାଏଁ ବିଛଣାରେ ପଡ଼ି ପଡ଼ି ସେ ଭଲ ହେଲା ।

ଆଇଭାନ ଏ ଘଟଣାରେ ବରଂ ଖୁସିହେଲା । ସେ ଯାଇ ଗେବ୍ରିଏଲ ବିରୁଦ୍ଧରେ ମାଜିଷ୍ଟ୍ରେଟ କୋର୍ଟରେ ଏକ ମକଦ୍ଦମା ଦାଏର କରିଦେଲା । ସେ ଭାବିଲା, ଏଥର ଗେବ୍ରିଏଲ ଖସି ଯାଇ ପାରିବ ନାହିଁ । ଅନ୍ତତଃ କେତେ ବର୍ଷ ଜେଲ୍ ଯିବ । ନହେଲେ ସାଇବେରିଆକୁ ପଠାଯିବ । କିନ୍ତୁ ଆଇଭାନର ଆଶା ପୂରଣ ହେଲା ନାହିଁ । ମାଜିଷ୍ଟ୍ରେଟ ଡାକ୍ତର ମାଇନା କରାଇବାରୁ ଡାକ୍ତର ମତ ଦେଲେ ଯେ, ସ୍ତ୍ରୀ ଲୋକଟି ଦେହରେ ମାଡ଼ର କୌଣସି ଲକ୍ଷଣ ମିଳିଲା ନାହିଁ । ତେଣୁ ସେ ଗେବ୍ରିଏଲକୁ ଖଲାସ କରିଦେଲେ । ଆଇଭାନ୍ ଜିଲା ମାଜିଷ୍ଟ୍ରେଟଙ୍କ ପାଖେ ଅପିଲ କଲା । ଜିଲା ମାଜିଷ୍ଟ୍ରେଟ ପୁନର୍ବିଚାର ପାଇଁ ସବଡ଼ିଭିଜନ ମାଜିଷ୍ଟ୍ରେଟଙ୍କୁ ଆଦେଶ ଦେଲେ । ଆଇଭାନ କୋର୍ଟର ପେସ୍କାର ଓ

Digitized by srujanika@gmail.com

କଚାଣିଙ୍କୁ କିଛି ଲାଞ୍ଚ ଦେଇ ହାତ କଲା । ବିଚାର ଶେଷରେ ସେଷ୍ଟାର ରାୟ ଶୁଣାଇଲେ-ଗେବ୍ରିଏଲକୁ ବିଚାରାଳୟରେ କୋଡ଼ିଏ ବେତ ତାହାର ବାଆଯିବ । ଆଇଭାନ ସେଠାରେ ଉପସ୍ଥିତ ଥିଲା । ଦଣ୍ଡ ଆଦେଶ ଶୁଣି ଗେବ୍ରିଏଲ କଅଣ ହେବ ଦେଖିବା ପାଇଁ ସେ ତାହା ଆଡ଼କୁ ଚାହିଁଲା । ଗେବ୍ରିଏଲର ମୁହଁ ଶୁଖିଗଲା । ସେ ମୁହଁ ବୁଲାଇ ଚାଲିଗଲା । ନିଜ ଘୋଡ଼ାର ଖବର ବୁଝିବା ପାଇଁ ଆଇଭାନ ମଧ୍ୟ ତାହା ପଛେ ପଛେ ଆସିଲା । ଗେବ୍ରିଏଲ ପାଉ ପାଉ କହିଲା, "ଆଚ୍ଛା, ହେଉ । ବେତ ମାଡ଼ରେ ମୋ ପିଠି ଜଳିବ ସିନା, ମାତ୍ର ତାର ଯାହା ଜଳିବ ସେ ଏଥିରୁ ବଳିବ ।" ଆଇଭାନ ଏହା ଶୁଣି-ପାରି ମାଜିଷ୍ଟ୍ରେଟଙ୍କ ପାଖକୁ ଦଉଡ଼ି ଯାଇ ଜଣାଇଲା, "ହଜୁର, ସେ ମୋର ଘର ଜାଳି ପୋଡ଼ି ଦେବ ବୋଲି କହୁଛି । ହଜୁର, ସେ କହିଲାବେଳେ ଅନେକ ଲୋକ ଶୁଣିଛନ୍ତି ।"

ମାଜିଷ୍ଟ୍ରେଟ ପୁଣି ଗେବ୍ରିଏଲକୁ ଡ଼କାଇ ଆଣି ପଚାରିଲେ, "ତୁମେ ଏପରି କଥା କହିଛ ?"

ଗେବ୍ରିଏଲ ଉତ୍ତର କଲା, "ନାଁ ହଜୁର, ମୁଁ ଏପରି କିଛି କହି ନାହିଁ । ହଜୁରଙ୍କ ଇଚ୍ଛା ହେଲେ ମୋତେ ମାଡ଼ ଦେବେ । ମାତ୍ର ମୁଁ ଦେଖୁଛି, ମୁଁ ଠିକ୍ କଲେ ବି ମୋରି ଉପରେ ଦଣ୍ଡ, ଅଥଚ ସେ ଯାହା ଇଚ୍ଛା ତାହା କହିଗଲେ କେହି କିଛି କରିବାକୁ ନାହିଁ ।" ଗେବ୍ରିଏଲ ଆହୁରି କିଛି କହିଥାନ୍ତା, ମାତ୍ର ରାଗରେ ତାର ଓଠ ଥରି ଉଠିଲା । ସେ କିଛି କହି ନପାରି କାନ୍ଥଆଡ଼କୁ ମୁହଁ ବୁଲାଇଦେଲା । ତାର ଚେହେରା ଦେଖି କୋର୍ଟର କର୍ମଚାରୀମାନେ ମଧ୍ୟ ଭୟ କରିଗଲେ । ସେମାନଙ୍କର ମନେହେଲା, ଲୋକଟା ହୁଏତ ନିଜର କମ୍ପା ତାର ପଡ଼ଶୀ ମାନଙ୍କର ଭୀଷଣ କ୍ଷତି କରିବ ।

Digitized by srujanika@gmail.com

ଏହି ସମୟରେ ବୃଦ୍ଧ ବିଚାରକ ଉଭୟ ପକ୍ଷକୁ ଡ଼ାକି କହିଲେ, "ଦେଖ, ମୁଁ କହୁଛି, ତୁମେ ଦୁହେଁ ଭଲରେ ଚଳ । କଳିଗୋଳ ବନ୍ଦ କର । ଆଚ୍ଛା ଗେବ୍ରିଏଲ, ତୁମେ କହିଲ—ଗୋଟିଏ ସ୍ତ୍ରୀ ଲୋକକୁ ମାଡ଼ ଦେବା କଅଣ ତୁମ ପକ୍ଷରେ ଉଚିତ ହେଲା ? ତୁମର ଭାଗ୍ୟ ଭଲ । ମାଡ଼ଟା ସେତେ ସାଂଘାତିକ ହୋଇନଥିଲା । କିନ୍ତୁ ଭାବିଲ ଦେଖି, ସାଂଘାତିକ ହୋଇଥିଲେ କଅଣ ହୋଇଥାନ୍ତା ? ତୁମେ ଯାହା କରିଛ ତାହା କଅଣ ଠିକ୍ ? ତୁମେ ଯେଉଁ ଦୋଷ କରିଛ ତାହା ମାନିଯାଅ ଓ ଆଇଭାନ ଠାରୁ କ୍ଷମା ମାଗ । ସେ କ୍ଷମା କଲେ, ମୁଁ ତୁମର ଦଣ୍ଡ ଆଦେଶ ବନ୍ଦ କରିଦେବି ।"

ପେସ୍କାର ଏହା ଶୁଣି କହିଲେ, "ହଜୁର, ଆଇନ ଅନୁସାରେ ଆଦେଶ ବଦଳ ପାରିବ ନାହିଁ । ଉଭୟ ପକ୍ଷ ଆପୋଷ ନିଷ୍ପତ୍ତି କରି ନ ପାରିବାରୁ କୋର୍ଟ ବିଚାରକର ଦଣ୍ଡ ଆଦେଶ ଦେଇଛନ୍ତି । ବର୍ତ୍ତମାନ କେବଳ ଆଦେଶ ପାଳନ କରିବାକୁ ହେବ ।"

କିନ୍ତୁ ବିଚାରକ ପେସ୍କାରଙ୍କ ଯୁକ୍ତି ନ ଶୁଣି କହିଲେ, "ଆଉ କିଛି କହିବା ଦରକାର ନାହିଁ । ସବୁ ଆଇନର ମୂଳ ହେଉଛି ଈଶ୍ୱରଙ୍କର ଆଦେଶ ପାଳନ । ଈଶ୍ୱର ଶାନ୍ତି ଚାହାନ୍ତି ।"

ବୃଦ୍ଧ ବିଚାରକ ଦୁହିଁଙ୍କୁ ମିଳାଇ ଦେବା ପାଇଁ ବହୁତ ଚେଷ୍ଟା କଲେ; କିନ୍ତୁ ତାଙ୍କର ପରିଶ୍ରମ ବୃଥା ହେଲା । ଗେବ୍ରିଏଲ ବିଚାରକଙ୍କ ପରାମର୍ଶ ଗ୍ରହଣ କଲା ନାହିଁ । ସେ କହିଲା, "ଆଉ ବର୍ଷକ ପରେ ମୋତେ ପଚାଶ ବର୍ଷ ପଡ଼ିବ । ମୋର ବିବାହିତ ପୁଅ ଅଛି । ଜୀବନରେ କେବେ ପାହାର ଖାଇ ନଥିଲି । ଏବେ ଏଇ ବଦ୍‌ମାସ ଆଇଭାନ ଯୋଗେ ପାହାର ଖାଇବାକୁ ଆଦେଶ

Digitized by srujanika@gmail.com

ହୋଇଅଛୁ । ସେଥିପାଇଁ ମୁଁ ତା ପାଖକୁ ଯାଇ କ୍ଷମା ମାଗିବି କିପରି ?
ନାଁ, ତାହା କଦାପି ହୋଇ ନ ପାରେ । ମୁଁ ଖୁବ୍ କଷ୍ଟ ଭୋଗିଲିଣି ।
ଏପରି କରିବ ଯେ ଆଇଭାନ କାଳକାଳକୁ ମୋତେ ମନେ
ପକାଉଥିବ ।”

ପୁଣି ଗେଭ୍ରିଏଲର ସ୍ୱରବନ୍ଦ ହୋଇଗଲା, ଓଠ ଥରି ଉଠିଲା ।
ସେ ଆଉ କିଛି କହି ନ ପାରି ବୁଲିପଡି ଚାଲିଗଲା ।

କଚେରୀଠାରୁ ସେ ଦୁହିଁଙ୍କର ଘର ସାତ ମାଇଲ ଦୂର ।
ଆଇଭାନ ଘରେ ପହଞ୍ଚିଲା ବେଳକୁ ବେଳବୁଡି ଅନ୍ଧାର ହୋଇଯାଇ
ଥିଲା । ସେ ଘୋଡାର ସାଜ କାଢି ଦେଇ ତାକୁ ଘୋଡାଶାଳରେ ବାନ୍ଧି
କବାଟ ବନ୍ଦକରି ଘର ଭିତରକୁ ଗଲା । ଘରେ କେହି ନ ଥିଲେ ।
ସ୍ତ୍ରୀ ଲୋକେ ଗୋରୁମାନଙ୍କୁ ଘରକୁ ଆଣିବାକୁ ଯାଇଥିଲେ । ପୁଅ
ଦୁହେଁ କ୍ଷେତରୁ ଆସି ନଥିଲେ । ଆଇଭାନ ବସି ବସି ଅନେକ କଥା
ଭାବିଲା । ବିଚାରକଙ୍କ ଦଣ୍ଡ ଆଦେଶ ଶୁଣି ଗେଭ୍ରିଏଲର ମୁହଁ କିପରି
ଶୁଖିଯାଇ ଥିଲା ଓ ସେ କାହାକୁ ଚାହିଁ ନପାରି କିପରି କାନ୍ଥ ଆଡକୁ
ମୁହଁ ବୁଲାଇ ଦେଇଥିଲା, ତାହା ତାର ମନେପଡ଼ିଲା ।
ଗେଭ୍ରିଏଲ ପରିବର୍ତ୍ତେ ତାକୁ ସେହି ଦଣ୍ଡ ହୋଇଥିଲେ ସେ କିପରି
ହୋଇଥାନ୍ତା, ତାହା ସେ କଳ୍ପନା କଲା । ଗେଭ୍ରିଏଲ ପ୍ରତି ତାର
ଦୟା ଜାତ ହେଲା । ଏହି ସମୟରେ ଛାତ ଉପରୁ କାଶିବାର ଶବ୍ଦ
ଶୁଣାଗଲା । ଆଇଭାନ ଉପରକୁ ଚାହିଁ ଦେଖିଲା ବୁଢ଼ା ଉଠି ବସିଲା ଓ
ଧୀରେ ତଳକୁ ଓହ୍ଲାଇ ଆସିଲା । ସେ ବହୁତ ବେଳ ହେଲା କାଶି
କାଶି ଅଥୟ ହୋଇପଡ଼ିଥିଲା । କେତେବେଳ ଯାଏ ବିଶ୍ରାମ ନେଇ
ଟେବୁଲକୁ ଆଉଜିପଡ଼ି ବୁଢ଼ା ପଚାରିଲେ, “ଆରେ ଆଇଭାନ,
ତାକୁ କଅଣ ଦଣ୍ଡ ଦେଲେ ?”

Digitized by srujanika@gmail.com

ଆଇଭାନ ଉତ୍ତର ଦେଲା, "ହଁ, ବେଢରେ କୋଡ଼ିଏ ପାହାର ଖାଇବାକୁ ଆଦେଶ ହୋଇଛି । "

ବୁଢ଼ା ମୁଣ୍ଡ ହଲାଇ କହିଲା, "ଏ ବଡ଼ ଖରାପ । ତୁ ଅନ୍ୟାୟ କରୁଛୁ । ଘୋର ଅନ୍ୟାୟ । ଏଥିରେ ତାର ଯେତେ ଖରାପ ହେବ, ତୋର ସେଥିରୁ ବେଶି ଖରାପ ହେବ । କହିଲୁ ଦେଖି, ସେ ପାହାର ଖାଇବ—ସେଥିରେ ତୋର ଲାଭ ହେବ କି ? "

ଆଇଭାନ ଉତ୍ତର କଲା, "ସେ ଏଭଳି କାମ ଆଉ କରିବ ନାହିଁ ।"

ବୁଢ଼ା ପଚାରିଲା, "କେଉଁ କାମ ସେ ଆଉ କରିବ ନାହିଁ ? ତୁ ଯେଉଁ କାମ କରିଛୁ, ତାଠାରୁ ଖରାପ କାମ କଅଣ ସେ କରିଛି ?"

ଆଇଭାନ କହିଲା," କରି ନାହିଁ ? ଭାବିଲ, ସେ ମୋର କେତେ ଅନିଷ୍ଟ କଲଣି । ବୋହୂଟାର ପ୍ରାଣ ନେବାକୁ ବସିଥିଲା । ଏବେ କହୁଛି, ଆମର ଘର ପୋଡ଼ି ଜାଳିଦେବ । ଏଥିପାଇଁକି କଣ ମୁଁ ତାପାଖରେ କୃତଜ୍ଞ ହେବି ?"

ବୁଢ଼ା ମୁଣ୍ଡ ହଲାଇ ଅତି ଦୁଃଖରେ କହିଲା," ତୁ ସଂସାରଟା ବୁଲି ଦେଖୁଛୁରେ ଆଇଭାନ; ମୁଁ ଏତେବର୍ଷ ହେଲା ଏଇଠାରେ ପଡ଼ିରହିଛି, ଦାଣ୍ଡଦୁଆରକୁ ଯାଇନାହିଁ । ସେଥିପାଇଁ ତୁ ଭାବୁଛୁ, ତୁ ସବୁ ଦେଖୁଛୁ, ମୁଁ କିଛି ଦେଖିପାରୁନାହିଁ । ଆରେ ପୁଅ ତୁ ପ୍ରକୃତରେ କିଛି ଦେଖି ପାରୁନାହୁଁ । ଘୃଣାରେ ତୋର ଆଖି ବନ୍ଦ ହୋଇଯାଇଛି, ଦେଖିବୁ କିପରି ? ଅନ୍ୟ ଲୋକଙ୍କର ଅପକର୍ମ ସବୁ ତୋ ଆଖି ଆଗରେ ଦେଖାଯାଉଛି; କିନ୍ତୁ ନିଜର ସବୁ ଅନ୍ୟାୟ କାମ ତୋ ପଛଆଡ଼େ ରହିଯାଇଛି । ତୁ ଗେବ୍ରିଏଲର ଦୋଷ ଦେଖିପାରୁଛୁ,ତୋ ନିଜ ଦୋଷ ଦେଖିପାରୁନାହୁଁ । ସେ ଏକା

Digitized by srujanika@gmail.com

ମନ୍ଦ ହୋଇ ତୁ ଭଲ ହୋଇଥିଲେ କଳ ହୋଇ ପାରନ୍ତାନାହିଁ । କଂଢ ଦେଖି, ତା ଦାଢିର ବାଳ କିଏ ଉପାଡ଼ିଆଣିଥିଲା ? କିଏ ତାର ନଡ଼ା ନଷ୍ଟ କରିଦେଇଥିଲା ? କିଏ ତାକୁ କଚେରୀକୁ ଟାଣିଲା ? ତଥାପି ତୁ କହୁଛୁ ଯେ ସବୁଥିରେ ତାର ଦୋଷ । ତୁ ନିଜେ ଅନ୍ୟାୟ ବାଟରେ ଗ୍ଲଲୁଛୁ । ଏଇଟା ତୋର ଭୁଲ । ପୁଅ, ମୁଁ ଏପରି ଚଳୁନଥିଲି କି ଏପରି ଚଳିବାକୁ ମୁଁ କେବେ ତୋତେ ଶିଖାଇନାହିଁ । ଗେବ୍ରିଏଲର ବୁଢ଼ାବାପା ଥିଲାବେଳେ ସେ ଓ ମୁଁ କଅଣ ଏହିପରି କଳି, ମାଲି-ମକଦ୍ଦମା କରି ଚଳୁଥିଲୁ ? ପଡ଼ୋଶୀମାନେ ଆପଣା ଭିତରେ ଯେପରି ଚଳିବାର କଥା ଆମେ ସେହିପରି ଚଳୁଥିଲୁ । ଆମ ଦିନ ସୁଖରେ କଟିଯାଉଥିଲା । ଏବେ ହେଲାଣି କଅଣ ? ସେ ଦିନ ଜଣେ ସୈନ୍ୟ କହୁଥିଲା, ତୁର୍କୀମାନଙ୍କ ସାଥିରେ ଆମ ରୁଷିଆର ଯୁଦ୍ଧ ଲଗିଛି । ସେ ଯୁଦ୍ଧ ଅବଶ୍ୟ ଖରାପ, କିନ୍ତୁ ତୋର ଗେବ୍ରିଏଲ ସଙ୍ଗେ ଯେଉଁ ଯୁଦ୍ଧ ଲଗିଛି ସେ ଆହୁରି ଶତଗୁଣରେ ଖରାପ । ସଂସାରରେ କଅଣ ଏଇଭଳି ଚଳିବାକୁ ହୁଏ ? କେଡ଼େ ଅନ୍ୟାୟ କଥା ! ତୁ ଜଣେ ପୁରୁଷ, ଏ ଘରର ମୁରବି; ତୋ ଉପରେ ସବୁ ଦାୟିତ୍ୱ ଅଛି । ତୁ ଏପରି କାମ କଲେ ଘରର ସ୍ତ୍ରୀ ଲୋକଙ୍କୁ ଓ ପିଲାମାନଙ୍କୁ କଅଣ ଶିକ୍ଷା ଦେବୁ ? ଖାଲି କଳିଗୋଳ, ମାଡ଼ଚକଟାଳରେ ମାତିଛୁ । ହେଇଟି ସେ ଦିନ ତରସ୍କା ପଡ଼ୋଶୀଘରର ଇଭେନାକୁ ଗାଳି ଦେଉଥିଲା । ତା ଶାଶୁ ଶୁଣି ହସୁଥିଲା । ଏଇଟା କଣ ଠିକ୍ ? ନାହିଁ ରେ ପୁଅ, ମୋଟେ ଠିକ ନୁହେଁ । ଯୀଶୁଖ୍ରୀଷ୍ଟଙ୍କ କଥାଶୁଣିଛୁ । ସେ ଯେତେବେଳେ ଏଇ ପୃଥିବୀରେ ଥିଲେ, ମଣିଷଜାତିକୁ ଆମ ଭଳି ବୋକାଙ୍କୁ ଭିନେ ଶିକ୍ଷା ଦେଉଥିଲେ । ତୁମକୁ କେହି ଖରାପ କଥା କହିଲେ ତୁମେ ଚୁପ୍ କରି ରହ । ତାହାହେଲେ ସେ ସଙ୍ଗେ ସଙ୍ଗେ ଆପଣାର ଭୁଲ ବୁଝିପାରିବ; ତାକୁ ଲଜ ମାଡ଼ିବ; ତାର ମନ

Digitized by srujanika@gmail.com

ନରମି ଯିବ ଓ ସେ ତୁମକଥା ମାନିବ । ଯୀଶୁଖ୍ରୀଷ୍ଟ ଯାହା କହି-ଯାଇଛନ୍ତି ସେ କଅଣ ଭୁଲ ? ଦେଖ, ତାଙ୍କ ଉପଦେଶ ଆମର ମଙ୍ଗଳପାଇଁ । ତୋର ନିଜ ଜୀବନ କଥା ଭାବିଲୁ । ଏ କଳିଗୋଳ ଲାଗିଲା ପରେ ତୁମେ ଆଗଠାରୁ ସୁଖରେ ଅଛ କି ଦୁଃଖରେ ଅଛ ? ଏଇସବୁ ମକଦ୍ଦମାରେ କେତେ ଟଙ୍କା ଖରଚ କଲୁଣି ହିସାବ କର । ସହରକୁ ଯିବା ଆସିବା, ଧାଁ ଧପଡ଼, ସେଠି ରହିବା, ଖାଇବା ଏ ସବୁରେ କେତେ ଖରଚ ହେଲାଣି ।

"ତୋର ପୁଅ ଦିଓଟି କେଡ଼େ ସୁସ୍ଥ ସବଳ । ସେ ଦୁହିଙ୍କୁ ନେଇ ତୁ ବେଶ୍ ସୁଖରେ ଚଳିପାରନ୍ତୁ । କିନ୍ତୁ ତୁ ଏବେ ଗରିବ ହୋଇ ଯାଉଛୁ । କାହିଁକି ? ତାର କାରଣ ହେଉଛି, ଏଇ ବୃଥା କଳିଗୋଳ, ତୋର ଗର୍ବ, ଅଭିମାନ । ତୋର କ୍ଷେତରେ କାମ କରିବାର କଥା । ଠିକ୍ ସମୟରେ ତୁ ହଳ କରିପାରୁନାହୁଁ । କି ଠିକ୍ ବେଳରେ ବିହନ ବୁଣି ପାରୁନାହୁଁ । ଧରଣୀ ମାତା ଭଲ ଫଳ ଦେଉ ନାହାନ୍ତି । ଏବର୍ଷ କାହିଁକି ଫସଲ ହେଲା ନାହିଁ ? ତୁ କେବେ ବିହନ ବୁଣିଥିଲୁ ? ସହରରୁ ଆସିବା ପରେ ବୁଣିଲୁ । ଆଚ୍ଛା, ତୋର ଏଥିରେ କି ଲାଭ ହେଲା ? ନିଜ ମୁଣ୍ଡରେ ଖାଲି ଗୁଡ଼ାଏ ବୋଝ ଆଣିଛୁ । ପୁଅ, ମୋ କଥା ମାନି ନିଜ କାମ କର । ପୁଅ ଦିଓଟିଙ୍କ ସାଙ୍ଗରେ କ୍ଷେତରେ ଲାଗିପଡ଼; ଘର କାମ କର । କେହି ତୋର କ୍ଷତି କଲେ ତାକୁ କ୍ଷମା ଦେ । ଈଶ୍ବର ତାହାହିଁ ତୋ ଠାରୁ ଚାହାନ୍ତି । ଏପରି ଚଳିଲେ ତୋର ଜୀବନରେ ଦୁଃଖ ରହିବ ନାହିଁ ।"

ଆଇଭାନ ସବୁ ଶୁଣି ଚୁପ୍ ରହିଲା । ବୁଢ଼ା କହିଲା, "ଆଇଭାନ, ମୁଁ ତୋର ବୁଢ଼ା ବାପା । ମୋ କଥା ଶୁଣ । କଚେରୀକୁ ଯାଇ ସବ

Digitized by srujanika@gmail.com

ମକଦ୍ଦମା ଉଠାଇ ଆଣ । କାଲି ସକାଳୁ ଉଠି ଭଗବାନଙ୍କ ନାମରେ ଶପଥ କରି ଗେବ୍ରିଏଲ ସାଥିରେ ମିଳିଯାଅ । କାଲି ଗୋଟାଏ ଟଙ୍କ ଦିନ । ଘରେ ସୃହା ଡିଆରିକର । କିଛି ମଦ ଯୋଗାଡ଼ କରି ଓ ଗେବ୍ରିଏଲକୁ ଖାଇବାକୁ ଡାକି ସବୁ ଗୋଳମାଳ କାଳକାଳକୁ ଛୁଟାଇ ଦିଅ । ମାଇପିମାନଙ୍କୁ ଓ ପିଲାମାନଙ୍କୁ ବୁଝାଇ ଦିଅ, ସେମାନେ ମଧ୍ୟ ଗେବ୍ରିଏଲର ପରିବାର ସଙ୍ଗେ ସେହିପରି ମିଳିମିଶି ଚଳନ୍ତୁ ।”

ଆଇଭାନ ଟିକିଏ ଅନୁତାପ କଲା । ସେ ଭାବିଲା, ବାପା ଯାହା କହୁଛନ୍ତି, ତାହା ସତ । ତା ମନ ହାଲୁକା ହୋଇ ଆସିଲା । କିନ୍ତୁ କିପରି ଅବସ୍ଥା ସୁଧାରି ହେବ, ତାହାର ଉପାୟ ପାଇଲା ନାହିଁ । ସେ ଚୁପ୍ ହୋଇ ବସିଲା ।

ବୁଢ଼ା ପୁଣି କହିଲା, “ଆଇଭାନ, ଯାଅ, ଡେରି କରନାହିଁ । ନିଆଁ ମାଡ଼ିଯିବା ଆଗରୁ ଲିଭାଇ ଦେବା ଭଲ । ପଛକୁ ନିଆଁ ଲିଭାଇ ହେବନାହିଁ ।”

ବୁଢ଼ା ଆହୁରି କଅଣ କହିଥାନ୍ତା, କିନ୍ତୁ ଏହି ସମୟରେ ତାର ସ୍ତ୍ରୀ ଓ ବୋହୂ ଘରଭିତରକୁ ପଶି ଆସିଲେ । ଗେବ୍ରିଏଲ ବେତରେ କୋଡ଼ିଏ ପାହାର ମାଡ଼ ଖାଇବ ବୋଲି ସେମାନେ ଶୁଣିଥିଲେ । ସେମାନଙ୍କର ଘର ପୋଡ଼ି ଦେବ ବୋଲି ଗେବ୍ରିଏଲ ଧମକ ଦେଇଥିବା କଥା ମଧ୍ୟ ସେମାନେ ଜାଣିଥିଲେ । ଏଥି ମଧ୍ୟରେ କ୍ଷେତରେ କାମ କରୁଥିଲାବେଳେ ଏହିମାନଙ୍କର ଗେବ୍ରିଏଲ ଘରର ସ୍ତ୍ରୀ ଲୋକଙ୍କ ସାଙ୍ଗରେ କଳି ହୋଇଥିଲା । ସେତେବେଳେ ଆଇଭାନ ଘରର ଶାଶୁବୋହୂ ଘତ ମିଛ କରି ଅନେକକଥା କହିଥିଲେ । ଏବେ ଶାଶୁ କହିଲା, “ ତୁମେ କିଛି ଜାଣିନାହଁ ।

Digitized by srujanika@gmail.com

ଗେବ୍ରିଏଲର ବୋହୂ ତୁମ ନାଁରେ ଗୋଟାଏ ମକଦ୍ଦମା କରିବାକୁ ଯାଉଛି । ଗେବ୍ରିଏଲକୁ ଯେଉଁ ଦଣ୍ଡ ହୋଇଛି, ତାକୁ ଏକବାରେ ବଦଳାଇବା ପାଇଁ ସେ ଚେଷ୍ଟା କରୁଛି ।" ବୋହୂ ଶାଶୁ ସାଙ୍ଗରେ ଯୋଗଦେଇ କହିଲା, "ଖାଲି ସେତିକି ନୁହେଁ । ସ୍କୁଲର ମାଷ୍ଟର ତୁମ ବିରୁଦ୍ଧରେ ଗୋଟାଏ ଦରଖାସ୍ତ ଲେଖୁଛି । ଏ ଦରଖାସ୍ତ ଖୋଦ୍ ସମ୍ରାଟଙ୍କ ପାଖକୁ ପଠାଯିବ । ଦରଖାସ୍ତରେ ବଗିଚା କଥା, ଶଗଡ଼ ଚକଟି କଥା ସବୁ ଲେଖା ହୋଇଛି । ସମ୍ରାଟ ତା କଥା ଶୁଣିଲେ ଆମର ଘରବାଡ଼ିରୁ ସବୁ ଅଧେ ଗେବ୍ରିଏଲ ପାଇବ ।"

ଏ ସବୁ ଶୁଣିଲା ପରେ ଆଇଭାନର ମନ ପୁଣି ବଦଳି ଗଲା । ଗେବ୍ରିଏଲ ସାଥିରେ ମିଳାମିଶା କରିବା କଥା ସେ ଭାବି ପାରିଲା ନାହିଁ ।

ଚାଷୀର କ୍ଷେତରେ ସବୁବେଳେ କିଛି ନା କିଛି କାମ କରିବାକୁ ଥାଏ । ଆଇଭାନ ନିଜର ସ୍ତ୍ରୀ ବା ବୋହୂ ସାଥିରେ କିଛି କଥାବାର୍ତ୍ତା ନ କରି ଘୋଡ଼ାର ମେଳା ନୁଳିଆକୁ ଚାଲିଗଲା । ଘର ସଫା କରି ସବୁ ଜିନିଷ ସଜାଡ଼ି ରଖିଦେଲା । ସେତେବେଳକୁ ସଞ୍ଜ ହୋଇ ଯାଇଥିଲା । ତାର ପୁଅ ଦୁହେଁ କ୍ଷେତ କାମ ସାରି ଘରକୁ ଆସିଥିଲେ । ଶୀତ ଦିନଆ ଫସଲ କରିବେ ବୋଲି ସେଦିନ ପୁଅମାନେ ହଳ କରୁଥିଲେ । ଆଇଭାନ ପୁଅମାନଙ୍କୁ କ୍ଷେତର ହାଲ ଚାଲ ପଚାରି ବୁଝିଲା । ଗୋଟିଏ ଘୋଡ଼ାର ଗଳାର ବାନ୍ଧଣିଟା ଖରାପ ହୋଇ ଯାଇଥିବାରୁ ତାକୁ ମରାମତି କରିବ ବୋଲି ଅଲଗା କରି ରଖିଲା । ବାଡ଼ ଦେବା ପାଇଁ କିଛି ବେଡ଼ା ପଡ଼ିଥିଲା । ତାକୁ ଗୁଳିଆରେ ରଖିବାକୁ ବସିଥିଲା; ମାତ୍ର ଅନ୍ଧାର ହୋଇ ଯାଇଥିବାରୁ ସେ କାମଟା ପର ଦିନକୁ ରଖିଲା । ଏହାପରେ ସେ ଗୋରୁଗାଈଙ୍କୁ

Digitized by srujanika@gmail.com

ଖାଇବାକୁ ଦେଇ ଫାଟକ ଫିଟାଇ ଦେଲା । ତାର ପୁଅ ତରୁଣ ଘୋଡ଼ା ଦୁଇଟିକୁ ପଡ଼ିଆକୁ ନେଇଗଲା । ଆଇଭାନ ପୁଣି ଫାଟକ ବନ୍ଦକରି ଦେଇ ଭାବିଲା, "ସବୁ କାମ ସରିଲା । ଯାଏଁ, କିଛି ଖାଇ ଶୋଇବି ।" ଘୋଡ଼ାର ଗଳା ବାନ୍ଧଣଟା ଧରି ସେ ଘର ଭିତରକୁ ଚଲା । ଏଥି ଭିତରେ ସେ ଗେବ୍ରିଏଲ କଥା ଓ ତାର ବାପ ଯାହା କହିଥିଲା, ସେ ସବୁ ଭୁଲି ଯାଇଥିଲା । ସେ ଘର ଭିତରକୁ ପଶିବ ବୋଲି କବାଟ ଫିଟାଇବାକୁ ଯାଉଛି, ଏହି ସମୟରେ ଗେବ୍ରିଏଲର ଭୁଣ୍ଡ ଶୁଣିପାରିଲା । ବାଡ଼ ଆର ପାଖରେ ଠିଆହୋଇ ସେ କହୁ-ଥିଲା, "ସେ ଗୋଟାଏ ବଦମାସ ! ତାର ଜୀବନ ନ ନେଲେ ହେବ ନାହିଁ ।" ଏ କଥାଟା ସେ ତାକୁ ହିଁ କୁହାଯାଉଛି, ଏଥିରେ ଆଇଭାନର ସନ୍ଦେହ ରହିଲା ନାହିଁ । ଗେବ୍ରିଏଲ ଉପରେ ତାର ପୂର୍ବ କ୍ରୋଧ ଦୁଇଗୁଣ ହୋଇଗଲା । ସେ କବାଟ ଧରି ଛିଡ଼ା ହୋଇ ଗେବ୍ରିଏଲର ଗାଳି ଶୁଣୁଥାଏ । ଶେଷରେ ଗେବ୍ରିଲର କଥା ବନ୍ଦ ହେଲା । ଆଇଭାନ ଘର ଭିତରକୁ ଗଲା ।

ଘର ଭିତରେ ଦୀପଟିଏ ଜଳୁଥିଲା । ବୋହୂ ଦୀପ ଆଲୁଅରେ ବସି ଗୋଟିଏ ଜାମା ସିଲେଇ କରୁଥିଲା । ତାର ସ୍ତ୍ରୀ ରନ୍ଧାବଢ଼ାରେ ଲାଗିଥାଏ । ବଡ଼ ପୁଅ ଜୋତା ତଳ କରିବା ପାଇଁ କିଛି କତା ବଳୁଥାଏ । ସାନ ପୁଅ ଟେବୁଲ ପାଖରେ ବସି ଖଣ୍ଡେ ବହି ପଢ଼ୁଥାଏ । ବଡ଼ ପୁଅ ତରୁଣ ଘୋଡ଼ାଙ୍କୁ ନେଇ କ୍ଷେତକୁ ଯିବବୋଲି ଯୋଗାଡ଼ କରୁଥିଲା । ଘରେ ସମସ୍ତେ କାମରେ ଲାଗିଛନ୍ତି । କେବଳ ଗେବ୍ରିଏଲ ନ ଥିଲେ ସେମାନେ ବେଶ୍ ସୁଖ ଶାନ୍ତିରେ ଥାଆନ୍ତେ ।

ଆଇଭାନ ରାଗରେ ଗରଗର ହୋଇ ଘର ଭିତରେ ପଶିଲା । ଚଉକି ଉପରେ ଗୋଟାଏ ବରଡ଼ ବସିଥିଲା । ତାକୁ ସେ

Digitized by srujanika@gmail.com

ଗୋଡ଼ରେ ଫିଙ୍ଗିଦେଲା । ବାଟରେ ଗୋଟାଏ ଡ଼ାଳ ଥୁଆ ହୋଇ ଥିଲା ବୋଲି ମାଇପିଙ୍କ ଉପରେ ବରକ୍ତ ହେଲା । ସେ ଘୋଡ଼ା ଗଳାର ବାନ୍ଧଣିଟା ମରାମତି କରିବାକୁ ବସିଲା । କିନ୍ତୁ ତା ମନ ରାଗରେ ଜଳୁଥାଏ । ସତେ ଯେପରି କି ତାକୁ ଶୁଣାଯାଉଥିଲା— 'ତା ଜୀବନ ନ ନେଲେ ଚଳିବ ନାହିଁ ।'

ଆଇଭାନର ସ୍ତ୍ରୀ ତରାସକୁ ଖାଇବାକୁ ବାଢ଼ିଦେଲା । ତରାସ ଖାଇସାରି ମେଣ୍ଢା ଚମଡ଼ାର ଜାମା ପିନ୍ଧି ତା ଉପରେ ଆଉରି ଗୋଟାଏ ଜାମା ପିନ୍ଧିଲା । ଅଣ୍ଟାରେ କମରପଟି ଭିଡ଼ି କେତେ ଖଣ୍ଡ ରୁଟି ନେଇ ବାହାରେ ଘୋଡ଼ାଙ୍କ ପାଖକୁ ଗଲା । ଆଇଭାନ ମଧ୍ୟ ପୁଅ ସାଥିରେ ବାହାରକୁ ଆସିଲା । ସେତେବେଳକୁ ଖୁବ୍ ଅନ୍ଧାର ହୋଇଯାଇଥାଏ । ଆକାଶରେ ମେଘ ଡାଙ୍କିଥାଏ ଓ ଖୁବ୍ ପବନ ବହୁଥାଏ । ଆଇଭାନ ପୁଅକୁ ଘୋଡ଼ା ଉପରକୁ ଉଠାଇ ଦେଲା ଓ ନିଜେ ଫାଟକ ପାଖେ ଠିଆ ହୋଇ ରହିଲା ।

ତରାସ ଘୋଡାରେ ବସି ଗାଆଁ ଦାଣ୍ଡରେ ଯାଉ ଯାଉ ଆଉ କେତେ ଜଣ ଜୁଟିଗଲେ । ସେମାନେ ମଧ୍ୟ ନିଜ ନିଜ ଘୋଡ଼ା ଉପରେ ବସିଥିଲେ । ଆଇଭାନ ଠିଆ ହୋଇ ତରାସ ଓ ତାର ସଙ୍ଗୀମାନଙ୍କର କଥାବାର୍ତ୍ତା ଶୁଣିଲା । ସେମାନେ ଦୂରକୁ ଚାଲି ଯିବାରୁ ଆଉ କଥା ଶୁଣା ଗଲା ନାହିଁ । ସେ ଗେବ୍ରିଏଲର କଥା ଭୁଲି ପାରୁ ନ ଥିଲା । ତାର ମନେପଡ଼ିଗଲା, ଗେବ୍ରିଏଲ କହୁଥିଲା— 'ତୋର ଯାହା ଜଳିବ, ଏଥିରୁ ବଳିଯିବ ।'

ଆଇଭାନ ଚିନ୍ତା କଲା, 'ଗେବ୍ରିଏଲ ପାଗଳ ହୋଇଛି, ତାର କଣ ବିଚାର ଅଛି ? ଖରାରେ ସବୁ ଶୁଖି ପଡ଼ିଛି,

Digitized by srujanika@gmail.com

ପୁଣି ପବନ ବହୁଛି । ସେ ଘର ପଛପଟେ ଲୁଚି ଛପି କେଉଁଠି ଟିକିଏ ନିଆଁ ଲଗାଇ ପଳାଇଯାଇପାରେ । ସେ ଖସି ଯାଇ ମୋତେ ଥଟ୍ଟା କରିବ । କିନ୍ତୁ ନିଆଁ ଲଗାଇଲା ବେଳେ ଯଦି ମୁଁ ତାକୁ ଧରି ପକାଏ, ତେବେ ତାର ମଜା ବାହାରିଯିବ ।' ଏଇ ଚିନ୍ତା ତାକୁ ଏପରି ଗ୍ରାସିଲା ଯେ ସେ ଆଉ ଘର ଭିତରକୁ ଗଲା ନାହିଁ । ଦାଣ୍ଡ ରାସ୍ତାକୁ ବାହାରି ପଡ଼ି ସେ ଘର ଚାରିପାଖ ଦେଖିବାକୁ ବୁଲି ବାହାରିଲା । ସେ ଭାବିଲା, 'ଗେବ୍ରିଏଲ ଗୋଟାଏ ସଇତାନ । ତା ମନରେ କି ପାପ ଅଛି, କିଏ ଜାଣେ । ଘର ଚାରି ପାଖ ବୁଲି ଦେଖି ଆସିବା ଭଲ ।'

ଆଇଭାନ ନିଃଶବ୍ଦରେ ଫାଟକ ଠାରୁ ବାହାରି ଘରର ଗୋଟାଏ କଣରେ ପହଞ୍ଚିଲା । ବାଡ଼ ପାଖେ ଚାହିଁ ସେ ଦେଖିଲା, ଘର ବାହାର ସେ ମୁଣ୍ଡରେ କଅଣ ଗୋଟାଏ ଚାଲିଗଲା । ତାକୁ ବୋଧ ହେଲା, କିଏ ଜଣେ ଲୋକ ବାହାରି ପଡ଼ି ଲୁଚିଗଲା । ଆଇଭାନ ସେଇଠି ଚୁପ୍‌କରି ଠିଆ ହୋଇ ରହି କାନ ଡେରିଲା । ସେ ଚାହିଁଥାଏ, କିନ୍ତୁ କେଉଁଠି କିଛି ଦେଖି ପାରିଲା ନାହିଁ ଓ ପବନର ଶବ୍ଦ ଛଡ଼ା ଆଉ କିଛି ଶୁଣି ପାରିଲା ନାହିଁ ।

ପ୍ରଥମେ ଅନ୍ଧାରରେ କିଛି ଦେଖାଯାଉ ନଥିଲା । କିଛି ସମୟ ଯାଏ ଅନ୍ଧାରରେ ରହିବା ପରେ ଆଇଭାନ ଘର ସେ ମୁଣ୍ଡରେ ଗୋଟାଏ ଲଙ୍ଗଳ ପଡ଼ିଥିବାର ଦେଖିପାରିଲା । ଘରର ନୁଆଁଣିଆ ଚାଳର ଓଳି ମଧ୍ୟ ଦେଖାଗଲା । ଏହା ଛଡ଼ା ଆଉ କିଛି ସେ ଦେଖି ପାରିଲା ନାହିଁ ।

ଆଇଭାନ ଭାବିଲା, 'ବୋଧହୁଏ ମୋର ଭ୍ରମ ହୋଇଥିଲା । କେହି କେଉଁଠାରେ ନାହିଁ; ତଥାପି ବୁଲି ଦେଖିବା ଉଚିତ ।'

Digitized by srujanika@gmail.com

ଏହିପରି ଚିନ୍ତା କରି ସେ ଧୀର ପାଦରେ ଗୃହକଥା ପାଖେ ପାଖେ ଗଲା । ଗୋଡ଼ରେ କଠୋର ଚପଲ ପିନ୍ଧିଥିବାରୁ ତାର ନିଜ ପାଦର ଶବ୍ଦ ମୁଦ୍ଧା ଶୁଣା ଯାଉ ନ ଥିଲା । ଘର କଣରେ ପହଞ୍ଚିଲା ବେଳକୁ ସେ ଦେଖିଲା, ହଳପାଖରେ ଗୃହ ତଳେ ହଠାତ୍ ଟିକଏ ନିଆଁ ଜଳି ଉଠି ମୁହୂର୍ତ୍ତକ ଭିତରେ ଲିଭିଗଲା । ଆଇଭାନର ଛାତିର ଦୁକ୍ଦୁକ ବନ୍ଦ ହୋଇ ଆସିଲା । ତାର ପାଦ ଆଉ ଚଳିଲା ନାହିଁ । ଟିକଏ ପରେ ଠିକ୍ ସେଇ ଜାଗାରେ ବେଶୀ ଆଲୁଅରେ ସେ ଜଣେ ଲୋକକୁ ସ୍ପଷ୍ଟ ଦେଖିପାରିଲା । ତା ମୁଣ୍ଡରେ ଗୋଟାଏ ଟୋପି । ସେ ଆଇଭାନ ଆଡ଼କୁ ପିଠି କରି ନଇଁପଡ଼ିଥିଲା ଓ ହାତରେ କେତେଏ ନଡ଼ା ଧରି ସେଥିରେ ନିଆଁ ଲଗାଉଥିଲା । ଆଇଭାନ ସେଠାକୁ ଦଉଡ଼ି ଯାଉ ଯାଉ ଭାବିଲା, "ଏଥର ସେ ଖସି ଯାଇ ପାରିବ ନାହିଁ । ଘରେ ନିଆଁ ଲଗାଇଲା ବେଳକୁ ତାକୁ ଧରି ପକାଇବ ।"

ଆଇଭାନ ଅଳ୍ପ ବାଟ ଯାଇଛି, ଏହି ସମୟରେ ସେ ହଠାତ ଅନ୍ୟ ଗୋଟାଏ ଜାଗାରେ ନିଆଁ ଜଳି ଉଠିବାର ଦେଖିପାରିଲା । ଗୃହର ନଡ଼ାରେ ନିଆଁ ଧରିପାଇଥିଲା । ନିଆଁର ଆଲୁଅରେ ଆଇଭାନ ଗେବ୍ରିଏଲକୁ ଦେଖିପାରିଲା ।

ବାଜପକ୍ଷୀ ପାରା ଉପରେ ଝାମ୍ପ ମାରିଲା ପରି ଆଇଭାନ ଗେବ୍ରିଏଲ ଆଡ଼କୁ ଧାଇଁଲା । ସେ ମନେ ମନେ ଭାବୁଥାଏ—ଏବେ ତାକୁ ଧରିବ । ମୋଠୁ ଖସି ଯାଇ ପାରିବ ନାହିଁ । ଏଥି ମଧ୍ୟରେ ଗେବ୍ରିଏଲ ଆଇଭାନ ପାଦର ଶବ୍ଦ ଶୁଣିପାରିଲା । ତାର ଗୋଟାଏ ଗୋଡ଼ ଛୋଟା ହେଲେହେଁ କୁକୁରର ରାବ ଶୁଣି ଠେକୁଆ ପଳାଇଲା ଭଳି ସେ ଦୌଡ଼ି ପଳାଇଲା ।

Digitized by srujanika@gmail.com

ଆଇଭାନ ତା ପଛେ ପଛେ ଦୌଡ଼ କରୁଥାଏ—ତୋତେ ଛାଡ଼ିବି ନାହିଁ । ଏବେ ଖସିଯିବୁ କୁଆଡ଼େ ?

ଆଇଭାନ ଧାଇଁ ଧାଇଁ ଯାଇ ଗେବ୍ରିଏଲ ପଛରେ ଲାଗିଯାଇ ତାର ଜାମାର ଗୋଟାଏ ପାଖ ଧରିପକାଇଲା । ଗେବ୍ରିଏଲ ଛଡ଼ହୋଇ ପଳାଇବା ବେଳକୁ ଜାମାର ଖଣ୍ଡେ ଛିଡ଼ି ଆଇଭାନ ହାତରେ ରହିଗଲା, ମାତ୍ର ଆଇଭାନ୍ ତଳେ ପଡ଼ିଗଲା । କୌଣସି ମତେ ତଳୁ ଉଠି ସେ ପୁଣି ଦୌଡ଼ିଲା । ସେ ଡାକୁଥାଏ, "ଚୋର ! ଚୋର ! ନିଆଁ ! ନିଆଁ ! ତାକୁ ଧର ! ଧର !" ଏଥି ମଧ୍ୟରେ ଗେବ୍ରିଏଲ ତାର ନିଜ ଫାଟକ ପାଖରେ ପହଞ୍ଚିଯାଇଥିଲା । ଆଇଭାନ ଫାଟକ ପାଖରେ ଗେବ୍ରିଏଲକୁ ଧରିବାକୁ ଗଲାବେଳେ କିଏ ଜଣେ ତାର କପାଳରେ ପାହାରେ ଦେଲା । ପାହାରଟା ଆଇଭାନ୍‌ର ତାଳୁ ଉପରେ ବସିଲା । ଏହାପରେ ଗେବ୍ରିଏଲ ମଧ୍ୟ ଗୋଟାଏ ବାଡ଼ି ଉଠାଇଆଣି ଆଇଭାନ୍‌କୁ ପିଟିବାକୁ ଲାଗିଲା ।

ଆଇଭାନ୍ ମାଡ଼ ଖାଇ ତଳେ ପଡ଼ିଗଲା । ତା ଆଖିରୁ ଜୁଳୁଜୁଳିଆ ବାହାରି ଗଲା । କିଛି କ୍ଷଣ ପରେ ତାକୁ ଆଉ କିଛି ଦେଖା ଗଲା ନାହିଁ । ଚେତା ହେଲା ବେଳକୁ ଆଇଭାନ ଦେଖିଲା, ତା ପାଖରେ ଗେବ୍ରିଏଲ ନାହିଁ ଓ ଦିନଭଳି ଚାରିଆଡ଼ ଆଲୁଅ ହୋଇ ଯାଉଛି । ଯେଉଁଠି ତାର ଘର ଥିଲା, ସେ ଆଡ଼େ ଗୋଟାଏ ଇଞ୍ଜିନ ଚାଲୁ ଥିବାର ଶବ୍ଦ ଶୁଣାଯାଉଛି । ଆଇଭାନ୍ ଅଣେଇ ହୋଇ ଚାହିଁଲା । ଦେଖିଲା, ତାର ଦୁଇଟିପାକ ଚାଳଆଢରେ ନିଆଁ ଲାଗିଛି । ସେଥିରୁ ଖଣ୍ଡ ଖଣ୍ଡ ଜଳନ୍ତା ବତା, ନଡ଼ା ଧୂଆଁ ସାଥିରେ ଉଡ଼ି ତାର ଘର ଉପରେ ପଡ଼ୁଛି ।

Digitized by srujanika@gmail.com

ବାହୁରେ ଭର ଦେଇ ଟିକଏ ମୁଣ୍ଡ ଟେକି ଆଇଜାକ କହିଲା, "ଭାଇମାନେ, ଏ କଅଣ ହେଲା ? ସେତେବେଳେ ପୁଳାଏ ନଡ଼ା ଟାଣିଆଣି ନିଆଁ ଲିଭାଇ ଦେଇଥିଲେ ଯାଇଥାନ୍ତା । କିନ୍ତୁ ମୁଁ ତା ନକରି ଗେବ୍ରିଏଲକୁ ଧରିବାକୁ ଗୋଡ଼ାଇଲି । ଏବେ ଏ କଅଣ ହେଲା ?" ସେ ବଡ଼ ପାଟି କରି ଏଇ କଥା ବାରମ୍ବାର କହିବାକୁ ଚେଷ୍ଟା କଲା । ମାତ୍ର ତାର ସ୍ୱର କ୍ଷୀଣ ହୋଇଯାଇଥିଲା । ସେ ଘରଆଡ଼କୁ ଦୌଡ଼ିବା ପାଇଁ ଚେଷ୍ଟା କଲା । କିନ୍ତୁ ପାଦ ଉଠାଇବାକୁ ତା ଦେହରେ ବଳ ନଥିଲା । ଟିକଏ ଚାଲିଲାବେଳକୁ ଦୁଇ ଗୋଡ଼ ଛନ୍ଦି ହୋଇ ପଡ଼ୁଥାଏ । ଖୁବ୍ ଧୀରେ ଧୀରେ ସେ ଚାଲିଲା । ଅଳ୍ପ ଦୂର ଯାଇ ପଡ଼ିଗଲା ପରି ଅନୁଭବ କରୁଥିଲା । ତେଣୁ ସେ କେତେ ପାହୁଣ୍ଡ ଯିବା ପରେ କିଛି ସମୟ ଛିଡ଼ା ହେବାକୁ ବାଧ୍ୟ ହେଉଥିଲା । ସେ ଏହିପରି ଯାଇ ନିଆଁ ପାଖରେ ପହଞ୍ଚିଲା ବେଳକୁ ଆଖପାଖରେ ନିଆଁ ଲାଗିଯାଇଥିଲା । ରହିବା ଘରର ଛାଳ ଓ ଫାଟକରେ ମଧ୍ୟ ନିଆଁ ଧରି ସାରିଥିଲା । ଘରୁ ନିଆଁର ଶିଖା ଉପରକୁ ଜୋର୍‌ରେ ଉଠୁଥିଲା । ଅଗଣା ଭିତରକୁ ପଶିବାର ଉପାୟ ନ ଥିଲା । ଘର ଚାରିପାଖେ ବହୁତ ଲୋକ ରୁଣ୍ଡ ହୋଇଥିଲେ, କିନ୍ତୁ କେହି କିଛି କରି ପାରିବା ସମ୍ଭବ ନଥିଲା । ପଡ଼ିଶା ଘରର ଲୋକେ ଅସ୍ତବ୍ୟସ୍ତ ହୋଇ ଆପଣା ଆପଣା ଘର ଭିତରୁ ଜିନିଷପତ୍ର ପଦାକୁ ନେଇଆସୁଥାନ୍ତି । ଘୋଡ଼ା, ଗୋରୁ ଗାଈଙ୍କୁ ବାହାରକରୁଥାନ୍ତି । ଅଳ୍ପ ସମୟ ଭିତରେ ଗେବ୍ରିଏଲର ଘରେ ମଧ୍ୟ ନିଆଁ ଧରିଲା । ପବନ ବେଶି ହେବାରୁ ନିଆଁ ଉଡ଼ି ରାସ୍ତା ଆରପାଖର ଘରମାନଙ୍କ ଉପରେ ପଡ଼ିଲା । ଦୁଇ ପାଖର ଘର ଜଳିଲା । ଶେଷରେ ଦେଖାଗଲା ଗାଆଁର ଅଧେ ଘର ପୋଡ଼ି ପାଉଁଶ ହୋଇଯାଇଛି ।

Digitized by srujanika@gmail.com

ଆଇଭାନ୍‌ର ଘରର ଲୋକେ ଘରୁ ପଳାଇ ଆସିଲା ବେଳେ ଦେହରେ ପିନ୍ଧିବା ଲୁଗାପଟା ଛଡ଼ା ଆଉ କିଛି ଆଣି ପାରି ନଥିଲେ; ମାତ୍ର ସୌଭାଗ୍ୟ କ୍ରମେ ବୁଢ଼ାକୁ ତଳକୁ ଓହ୍ଲାଇଆଣି ନେଇ ଆସିଥିଲେ । ଘରେ ଯାହା କିଛି ଥିଲା ସବୁ ପାଉଁଶ ହୋଇଯାଇଥିଲା, କେବଳ ଘୋଡ଼ାଗୁଡ଼ିକ କ୍ଷେତକୁ ଯାଇଥିବାରୁ ରକ୍ଷାପାଇଥିଲେ । ଗୋରୁ, ଗାଈ, କୁକୁଡ଼ା, ଶଗଡ଼, ହଳଲଙ୍ଗଳ, ମାଇପିଙ୍କ ପୋଷାକ, ପେଡ଼ି, ଖାଦ୍ୟଶସ୍ୟ ସବୁ ଧ୍ୱଂସ ହୋଇଗଲା ।

ଏଣେ ଗେବ୍ରିଏଲର ଗୋରୁ ଗାଈ ଘରୁ ବାହାରି ଯାଇଥିଲେ । ଘର ପୋଡ଼ି ପାଉଁଶ ହେବା ପୂର୍ବରୁ ସେ ସାମାନ୍ୟ କିଛି ଜିନିଷ ବାହାରକୁ ନେଇଯାଇଥିଲା ।

ବାତପାକ ନିଆଁ ଜଳିଲା । ଆଇଭାନ୍ ନିଜ ଜଳନ୍ତା ଘର ଆଗରେ ଛିଡ଼ା ହୋଇ କହୁଥାଏ—"ଭାଇମାନେ, ଏ କଅଣ ହେଲା ? ସେତେବେଳେ ନଡ଼ା ପୁଳାକ ଟାଣିଆଣି ଲିଭାଇ ଦେଇଥିଲେ ଯାଇଥାନ୍ତା । ଏବେ ହେଲା କଅଣ ?" ଘରର ଚାଳ ଜଳି ଜଳି ଖସି ପଡ଼ିଲା ବେଳକୁ ଆଇଭାନ୍ ଦେଖିଲା ଘର ଭିତରେ ଚଉକି ଗୁଡ଼ାକ ପୋଡ଼ିଯାଉଛି । ଲୋକେ ମନା କରୁ କରୁ ସେ ହଠାତ୍ ଘର ଭିତରକୁ ପଶିଯାଇ ଗୋଟାଏ ଅଧପୋଡ଼ା ଚଉକି ଘେନି ଆସିଲା । ଆଉ ଗୋଟାଏ ଚଉକି ଆଣିବା ପାଇଁ ସେ ପୁଣି ପଶିଗଲା ବେଳକୁ ତାର ଗୋଡ଼ ଖସିଗଲା ଓ ସେ ଜଳନ୍ତା ନିଆଁ ଭିତରେ ପଡ଼ିଗଲା । ଯାହାହେଉ ତାର ପୁଅ ଦଉଡ଼ିଯାଇ ତାକୁ ଟାଣିଆଣିଲା; ମାତ୍ର ସେତେବେଳକୁ ଆଇଭାନ୍‌ର ଦାଢ଼ି, ମୁଣ୍ଡବାଳ ଓ ତା ଲୁଗାପଟା ପୋଡ଼ିଯାଇଥିଲା । ଦେହର କେତେ ଜାଗା ପୋଡ଼ି ଫୋଟକା ହୋଇଯାଇଥିଲା । କିନ୍ତୁ ସେ କିଛି ଯନ୍ତ୍ରଣା ଅନୁଭବ

Digitized by srujanika@gmail.com

କରୁ ଥିବାର ଜଣା ପାଉ ନଥିଲା । ଲୋକେ କହିଲେ, "ଦୁଃଖରେ ଆଇଭାନ ପାଗଳ ହୋଇଗଲା ।" ନିଆଁ ଜଳି ଜଳି ଆପେ ଲିଭି ଆସୁଥିଲା । ଆଇଭାନ ଠିଆ ହୋଇ ନିଆଁ ଚାହିଁ କହୁଥାଏ, "ଭାଇମାନେ, ଏ ହେଲା କଅଣ ? ପୁଳାଏ ନଡ଼ା ଟାଣି ଆଣି ନିଆଁ ଲିଭାଇ ଦେଇଥିଲେ ଯାଇଥାନ୍ତା ।"

ସକାଳକୁ ଗାଆଁର ମୁଖିଆଙ୍କ ପୁଅ ଆସି ଆଇଭାନକୁ ଡାକି କହିଲେ, "ଆଇଭାନ, ତୁମ ବାପାଙ୍କର ଶେଷ ସମୟ ଉପସ୍ଥିତ । ସେ ସଂସାରରୁ ବିଦାୟ ନେବା ଆଗରୁ ତୁମକୁ କଅଣ କହିବେ ବୋଲି ଡାକୁଛନ୍ତି ।"

ଆଇଭାନ ବାପ କଥା ଭୁଲିଯାଇଥିଲା । ତାର ମୁଣ୍ଡ ଖରାପ ହୋଇ ଯାଇଥିଲା । କିଛି ବୁଝି ନ ପାରିଲାପରି ସେ କହିଲା, "କେଉଁବାପ ! କାହାର ବାପ ! କାହାକୁ ଡାକୁଛି !"

ପିଲାଟି କହିଲା, "କାହିଁକି ? ତୁମର ବାପା ଡାକୁଛନ୍ତି । ତୁମକୁ ହିଁ ଡାକୁଛନ୍ତି । ମରିବା ଆଗରୁ ତୁମଠାରୁ ବିଦାୟ ନେବା ତାଙ୍କର ଇଚ୍ଛା ।" ଏହା କହି ପିଲାଟି ଆଇଭାନର ହାତ ଧରି ନିଜ ଘର ଆଡ଼କୁ ଟାଣି ଟାଣି ନେଲା । ଆଇଭାନ ତା ପଛେ ପଛେ ଚାଲିଲା ।

ମୁଖିଆଙ୍କ ଘର ଗାଆଁର ଶେଷ ମୁଣ୍ଡରେ । ସେ ଯାଏ ନିଆଁ ଯାଇ ପାରି ନଥିଲା । ଅନେକ ଲୋକ ତାଙ୍କର ଘରେ ଆଶ୍ରୟ ନେଇଥିଲେ ।

Digitized by srujanika@gmail.com

ବାଘ ବୁଢ଼ାକୁ ଆଇଭାନ ଘରୁ ଟେକ ନେଇ ଗଲାବେଳେ କଛୁ ଜଳନ୍ତା ନଡ଼ା ବୁଢ଼ା ଉପରେ ପଡ଼ିଥିଲା । ଏହା ଫଳରେ ତା ଦେହର କେତେକ ସ୍ଥାନ ପୋଡ଼ି ଯାଇଥିଲା । ଲୋକେ ବୁଢ଼ାକୁ ଟେକ ନେଇ ମୁଖିଆଙ୍କ ଘରେ ରଖି ଦେଇଥିଲେ ।

ଆଇଭାନ ବାପ ପାଖରେ ପହଞ୍ଚିଲା ବେଳକୁ, ସେ ଘର ଭିତରେ ମୁଖିଆଙ୍କ ସ୍ତ୍ରୀଙ୍କ ଛଡ଼ା ଆଉ କେହି ବଡ଼ ମଣିଷ ନଥିଲେ । କେତେକ ପିଲା ଚୁଲି ପାଖରେ ବସିଥିଲେ । ଅନ୍ୟାନ୍ୟ ଲୋକମାନେ ନିଆଁ ଲିଭାଇବାକୁ ଚାଲିଯାଇ ଥିଲେ । ବୁଢ଼ା ହାତରେ ଗୋଟିଏ ମହମବତି ଧରି ବିଛଣାରେ ପଡ଼ିଥିଲା । ତାର ଆଖି ଦୁଇଟି ଥାଏ ଦୁଆର ମୁହଁ ଆଡ଼କୁ । ପୁଅ ଘର ଭିତରକୁ ପଶିବାର ଦେଖି ବୁଢ଼ା ଟିକିଏ ଘୁଞ୍ଚିଗଲା । ମୁଖିଆଙ୍କ ସ୍ତ୍ରୀ ବୁଢ଼ା ପାଖକୁ ଯାଇ କହିଲେ, "ହେଇଟି ତୁମ ପୁଅ ଆସିଛନ୍ତି ।" ବୁଢ଼ା ପାଖକୁ ଡ଼ାକିବାରୁ ଆଇଭାନ ବିଛଣାକୁ ଲାଗି ଛିଡ଼ାହେଲା ।

ବୁଢ଼ା ଆରମ୍ଭ କଲା, "ଆଇଭାନ, ମୁଁ ତୋତେ କଅଣ କହିଥିଲି ? ଗାଆଁଟାଯାକ କିଏ ପୋଡ଼ିଲା ?"

ଆଇଭାନ ଉତ୍ତରକଲା, "ବାପା, କିଏ ପୋଡ଼ିଛିବୋଲି ପଚାରୁଛ ? ଗେବ୍ରିଏଲ ପୋଡ଼ିଛି । ସେ ଆମ ଗୁହାଳରେ ନିଆଁ ଲଗାଇଲା ବେଳେ ମୁଁ ଦେଖିଛି । ପୁଳାଏ ନଡ଼ାରେ ନିଆଁ ଲଗାଇ ସେ ଗୁହାଳରେ ଗୁଞ୍ଜିଦେଲା । ମୁଁ ସେ ପୁଳାକ ଟାଣିଆଣି ନିଆଁ ଲିଭାଇ ଦେଇଥିଲେ ଏସବୁ କିଛି ହୋଇ ନ ଥାନ୍ତା ।"

Digitized by srujanika@gmail.com

ବୁଢ଼ା କହିଲା, "ଆଇଭାନ, ମୁଁ ମରିବାକୁ ବସିଛି । ତୋ ବେକ ଆସିଲେ ତୁ ବି ମୋର ଭଳି ମରିବୁ । କହିଲୁ ଦେଖି ଦୋଷଟା କାହାର ?"

ଆଇଭାନ ତୁଣ୍ଡ ଫିଟାଇ ପାରିଲା ନାହିଁ । ସେ କେବଳ ବାପର ମୁହଁକୁ ଚାହିଁ ରହିଲା ।

ବୁଢ଼ା ପୁଣି ପଚାରିଲା, "କହ, ଈଶ୍ୱରଙ୍କୁ ସାକ୍ଷୀରଖି କହ, କାହାର ଦୋଷ ? ମୁଁ ତୋତେ କଅଣ କହିଥିଲି ?"

ହଠାତ୍ ଆଇଭାନଙ୍କୁ ସଦ୍‌ବୁଦ୍ଧି ଦେଖାଗଲା । ସେ ସବୁ ବୁଝି ପାରି କହିଲା, "ବାପା, ବାପା, ଦୋଷ କରିଛି ମୁଁ ।" କହିଲା ବେଳେ ତାର ସ୍ୱର ଥରି ଉଠୁଥାଏ । ସେ ବୁଢା ବାପ ଆଗରେ ଆଣ୍ଠୁ ମାଡ଼ି ବସି କହିଲା, "ବାପା, ମୋତେ କ୍ଷମାଦିଅ । ମୁଁ ତୁମ ପ୍ରତି ଅନ୍ୟାୟ କରିଛି, ଈଶ୍ୱରଙ୍କ ପ୍ରତି ଅନ୍ୟାୟ କରିଛି । ମୋତେ କ୍ଷମା ଦିଅ !"

ବୁଢା ଡାହାଣ ହାତରୁ ବଳଟି ବାଁ ହାତକୁ ନେଇ ଆସିଲା । ଡାହାଣ ହାତଟି ମୁଣ୍ଡ ଉପରକୁ ଟେକି ପବିତ୍ର କ୍ରୁଶର ସଙ୍କେତ ଦେଖାଇବାକୁ ଚେଷ୍ଟା କଲା, କିନ୍ତୁ ଦୁର୍ବଳତା ହେତୁ ସେ ତାହା କରି ପାରିଲା ନାହିଁ ।

ବୁଢ଼ା କହିଲା, "ଈଶ୍ୱରଙ୍କର ଜୟ ଗାନ କର । ଈଶ୍ୱରଙ୍କର ଜୟଗାନ କର ।"

Digitized by srujanika@gmail.com

ପୁଣି ପୁଅକୁ ଚାହିଁ ବୁଢ଼ା କହିଲା, "ଆଇଭାନ, ମୁଁ କହୁଛି; ଆଇଭାନ !"

ଆଇଭାନ—"କଅଣ କହୁଛ ବାପା ?"
ବୁଢ଼ା –"ତୁ ଏବେ କଅଣ କରିବୁ ?"

ଆଇଭାନର ଆଖିରୁ ଲୁହଧାର ବହିଗଲା । ସେ କହିଲା, "ଆମେ ଏବେ କପରି ଚଳିବୁ, ମୁଁ କିଛି ବୁଝିପାରୁନାହିଁ ।"

ବୁଢ଼ା ଆଖି ବୁଜି କିଛି ବେଳ ଯାଏ ଚୁପ୍ କରି ପଡ଼ିରହିଲା । କଥା କହିବାକୁ ବଳ ଆସିବାରୁ ସେ ଆଖି ଖୋଲି କହିଲା, "ତୁ ଚଳି ପାରିବୁ । ଈଶ୍ୱରଙ୍କ ଆଦେଶ ପାଳିଲେ ତୁ ଅବଶ୍ୟ ଚଳି ପାରିବୁ ।"

ଟିକଏ ରହିଯାଇ, ମୁହଁରେ ହସ ଫୁଟାଇ ବୁଢ଼ା ପୁଣି କହିଲା, ଆଇଭାନ, ମୁଁ ଯାହା କହୁଛି ମନେରଖ । କିଏ ପ୍ରଥମେ ନିଆଁ ଲଗାଇଲା ସେ କଥା କେବେ କହିବୁ ନାହିଁ । ଅପର ଦୋଷକୁ ଘୋଡ଼ାଇଲେ ଈଶ୍ୱର ତୋତେ ଥରେ ନୁହେଁ, ଦୁଇଥର କ୍ଷମା ଦେବେ ।"

ବୁଢ଼ା ଏତିକି କହି ବତିଟିକୁ ଦୁଇ ହାତରେ ଧରିଲା । ଛାତି ଭିତରୁ ଗୋଟାଏ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା । ଦେଖାଗଲା, ପିଣ୍ଡରୁ ପ୍ରାଣ ଚାଲିଯାଇଛି ।

ଆଇଭାନ ଗେଭ୍ରିଏଲ ନାଆଁରେ ପଦେ ହେଲେ କାହାରି ଆଗରେ କିଛି ନ ଥିଲା । ନିଆଁ କପରି ଲାଗିଲା, ଅନ୍ୟ କେହି ଜାଣି ପାରିଲେ ନାହିଁ ।

Digitized by srujanika@gmail.com

ଗୋବ୍ରିଏଲ ପ୍ରତି ଆଇଭାନର କ୍ରୋଧ ଉଠିଭଇ ଆସିଲା । ଗୋବ୍ରିଏଲ ଆଶ୍ଚର୍ଯ୍ୟ ହେଲା, ଆଇଭାନ ତା ନାଆଁରେ ଦୋଷଦେଇ ପଦେ ହେଲେ କହୁନାହିଁ କାହିଁକି ? ପ୍ରଥମେ ଗୋବ୍ରିଏଲର ଭୟ ହୋଇଥିଲା; କିନ୍ତୁ କିଛିଦିନ ପରେ ତାର ଭୟ ଭାଙ୍ଗିଗଲା । ଦୁହିଁଙ୍କ ଭିତରେ ଆଉ କଳି ହେଲା ନାହିଁ । ଦୁଇ ପରିବାରର ମାଇପିମାନେ ମଧ୍ୟ ଆଉ କଳି କଲେ ନାହିଁ ଦୁହିଁଙ୍କର ଘର ପୋଡ଼ିଯାଇଥିଲା । ଘର ତୋଳା ସରିବାଯାଏ ଦୁଇକୁଟୁମ୍ବ ଗୋଟିଏ ଘରେ ଆଶ୍ରୟ ନେଇ ରହିଲେ । ନୂଆ ଘର କଲାବେଳେ ଜଣେ ଆର ଜଣକଠାରୁ ଦୂରରେ ଘର ତୋଳି ପାରିଥାନ୍ତା । କିନ୍ତୁ ସେ ଦୁହେଁ ପୂର୍ବପରି ଲାଗିଲାଗି ହୋଇ ନିଜ ନିଜର ଘର ତୋଳିଲେ । ପୁଣି ସେମାନେ ପଡ଼ୋଶୀ ହୋଇ ମିଳିମିଶି ଚଳିଲେ ।

. ବୁଢ଼ା ବାପର ଉପଦେଶ ଥିଲା ଈଶ୍ୱରଙ୍କ ଆଦେଶ ମାନି ଚଳ, ଟିକିଏ ନିଆଁ ଲାଗିଲା ମାତ୍ରେ ତାକୁ ଲିଭାଇ ଦିଅ । ଆଇଭାନ ଏଇ ଉପଦେଶକୁ ଅକ୍ଷରେ ଅକ୍ଷରେ ମାନି ଚଳିଲା । କେହି ତା ପ୍ରତି ଅନ୍ୟାୟ କଲେ ସେ ପ୍ରତିଶୋଧ ନେବା ପାଇଁ ସେ ଲୋକପ୍ରତି ଅନ୍ୟାୟ କଲା ନାହିଁ; ବରଂ କିପରି ଅନ୍ୟାୟ ଦୂର ହେବ ତାହାର ଚେଷ୍ଟା କଲା । କେହି ତାକୁ ଗାଳିଦେଲେ ସେ ଗାଳିଦେବା ପରିବର୍ତ୍ତେ ତାକୁ ଶିକ୍ଷାଦେଲା, "ଭାଇ, ଏଭଳି ଭାଷା ବ୍ୟବହାର କରିବା ଭଲ ନୁହେଁ ।" ଘରର ସ୍ତ୍ରୀମାନଙ୍କୁ ଓ ପିଲାମାନଙ୍କୁ ମଧ୍ୟ ସେ ଏହିଭଳି କରିବାକୁ ଉପଦେଶ ଦେଲା ।

ଏବେ ଆଇଭାନ ଆଗଠାରୁ ଆହୁରି ସୁଖ ଶାନ୍ତିରେ ଅଛି ।

Digitized by srujanika@gmail.com

ତିନୋଟି ପ୍ରଶ୍ନ

ଏକ ସମୟରେ ଜଣେ ରାଜାଙ୍କ ମନରେ ଧାରଣା ଜନ୍ମିଲା ଯେ ତିନୋଟି ପ୍ରଶ୍ନର ଉତ୍ତର ଜାଣି ପାରିଲେ ସେ ସବୁ କାର୍ଯ୍ୟରେ ସଫଳ ହୋଇପାରିବେ । ଏହି ତିନୋଟି ପ୍ରଶ୍ନ ହେଲା: ୧—ତାଙ୍କ ପକ୍ଷରେ କୌଣସି କାର୍ଯ୍ୟ ଆରମ୍ଭ କରିବାର ଉପଯୁକ୍ତ ସମୟ କେତେବେଳେ; ୨—କେଉଁ ଲୋକଙ୍କ ପ୍ରତି ତାଙ୍କର ସେ ମନଯୋଗ ଦେବା ଉଚିତ, ଓ ୩—ସର୍ବୋପରି କେଉଁ କାର୍ଯ୍ୟଟି ତାଙ୍କ ପକ୍ଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।

ଦୂତ ମାନଙ୍କଦ୍ୱାରା ଏହି ସମ୍ବାଦ ପ୍ରଚାର କରାଇ ସେ ଘୋଷଣା ଦେଲେ ଯେ ଯେଉଁ ବ୍ୟକ୍ତି ତାଙ୍କୁ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବାର ଉପଯୁକ୍ତ ସମୟ, ପରାମର୍ଶ ଦେବା ନିମନ୍ତେ ଉପ-ଯୁକ୍ତ ବ୍ୟକ୍ତିର ନିର୍ବାଚନ ଓ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ନିର୍ଦ୍ଧାରଣର ପନ୍ଥା ଦେଖାଇ ପାରିବ ତାକୁ ପ୍ରଚୁର ଅର୍ଥ ପୁରସ୍କାର ଦିଆଯିବ ।

ଏହି ଘୋଷଣା ଶୁଣି ଅନେକ ଜ୍ଞାନୀ ପଣ୍ଡିତ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ କିନ୍ତୁ ସେମାନେ ଏହି ତିନୋଟି ପ୍ରଶ୍ନର ଭିନ୍ନ ଭିନ୍ନ ଉତ୍ତର ଦେଲେ ।

Digitized by srujanika@gmail.com

ପ୍ରଥମ ପ୍ରଶ୍ନର ଉତ୍ତରରେ କେତେକେ କହିଲେ ଯେ ରାଜା ଗୋଟିଏ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରି ତାହାକୁ ଅନୁସରଣ କରିବା ଉଚିତ । ଏହା ଫଳରେ ପ୍ରତ୍ୟେକ କାର୍ଯ୍ୟ ଉପଯୁକ୍ତ ସମୟରେ ସମ୍ପାଦିତ ହୋଇ ପାରିବ । ଅନ୍ୟ କେତେକେ କହିଲେ ଯେ କୌଣସି କାର୍ଯ୍ୟ କରିବାର ଉପଯୁକ୍ତ ସମୟ ପୂର୍ବରୁ ସ୍ଥିର କରିବା ଅସମ୍ଭବ, ତେଣୁ ରାଜା ବୃଥା ଆମୋଦ ପ୍ରମୋଦରେ ନ ମାତି ପ୍ରତ୍ୟେକ ଘଟଣାକୁ ଲକ୍ଷ୍ୟରଖି ଯେଉଁ ସମୟରେ ଯାହା ଆବଶ୍ୟକ ମନେହେବ ସେତେବେଳେ ତାହା କରିବା ବିଧେୟ । ପୁଣି ଅନ୍ୟ କେତେ ଜଣ କହିଲେ, "ରାଜା ଯେତେ ସାବଧାନ ଭାବରେ ଘଟଣାବଳୀ ଲକ୍ଷ୍ୟ କଲେ ସୁଦ୍ଧା କୌଣସି କାର୍ଯ୍ୟରେ ଉପଯୁକ୍ତ ସମୟ ଠିକରୂପେ ନିର୍ଦ୍ଧାରଣ କରିବା ଜଣକ ପକ୍ଷରେ ଅସମ୍ଭବ ବ୍ୟାପାର । ତେଣୁ ରାଜା ପଣ୍ଡିତ ମାନଙ୍କୁ ନେଇ ଗୋଟିଏ ସଭା ଗଠନ କରିବା ଉଚିତ । ଯଥା ସମୟରେ କାର୍ଯ୍ୟ କରିବା ନିମନ୍ତେ ଏହି ସଭା ରାଜାଙ୍କୁ ପରାମର୍ଶ ଦେଇପାରିବେ ।"

କେତେକ ଏହି ପ୍ରସ୍ତାବର ବିରୋଧ କରି ମତ ଦେଲେ ଯେ କେତେକ ବିଷୟର ସମାଧାନ ସଙ୍ଗେ ସଙ୍ଗେ କରିବାକୁ ପଡ଼ିଥାଏ । ସେ ସ୍ଥଳରେ ପଣ୍ଡିତ ସଭାର ନିଷ୍ପତ୍ତିକୁ ଅପେକ୍ଷା କଲେ ଚଳିବ ନାହିଁ । ଏଭଳି କ୍ଷେତ୍ରରେ ନିଷ୍ପତ୍ତି ନେବାକୁ ହେଲେ ଯେଉଁ ଲୋକ ଭବିଷ୍ୟତ କଥା ଜାଣିପାରେ, ସେହି ଲୋକର ସାହାଯ୍ୟ ପ୍ରୟୋଜନ । କେବଳ ଜ୍ୟୋତିଷୀମାନେ ଭବିଷ୍ୟତ ଦେଖିପାରନ୍ତି । ତେଣୁ ରାଜା ଜ୍ୟୋତିଷୀମାନଙ୍କର ପରାମର୍ଶ ନେବା ଉଚିତ ।

ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ ସେହିପରି ମତଭେଦ ଉପସ୍ଥିତ ହେଲା । କେତେକ କହିଲେ, ସଭାସଦ୍‌ମାନେ ରାଜାଙ୍କର ସର୍ବାପେକ୍ଷା

Digitized by srujanika@gmail.com

ଅଧିକ ପ୍ରୟୋଜନ, ଅନ୍ୟ କେତେକେ କହିଲେ, ପୁରୋହିତମାନେ ରାଜାଙ୍କର ନିତାନ୍ତ ଆବଶ୍ୟକ । ଚିକିତ୍ସକମାନେ ବେଶୀ ପ୍ରୟୋଜନ ବୋଲି କେହି କେହି କହିଲେ । ଅନ୍ୟ କେତେକ ମତ ଦେଲେ ଯେ ସୈନିକମାନେ ହେଉଛନ୍ତି । ରାଜାଙ୍କର ସର୍ବାଧିକ ପ୍ରୟୋଜନ ।

ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସମ୍ବନ୍ଧରେ ମଧ୍ୟ ସେହିପରି ବିଭିନ୍ନ ମତ ପ୍ରକାଶ ପାଇଲା । କେହି ବିଜ୍ଞାନର ଆଲୋଚନାକୁ ଉଚ୍ଚତମ ସ୍ଥାନ ଦେଲେ, କେହି ଯୁଦ୍ଧ ବିଦ୍ୟାକୁ ଓ କେହିବା ଧର୍ମ ଚର୍ଚ୍ଚାକୁ ସର୍ବାପେକ୍ଷା ଉଚ୍ଚ କର୍ତ୍ତବ୍ୟ ବୋଲି କହିଲେ ।

ଉତ୍ତରଗୁଡ଼ିକ ବିଭିନ୍ନ ହେବାରୁ ରାଜା କାହାର ସହିତ ଏକ ମତ ହୋଇ ପାରିଲେ ନାହିଁ, କିମ୍ବା କାହାରିକୁ ପୁରସ୍କାର ଦେଲେ ନାହିଁ । ରାଜ୍ୟ ମଧ୍ୟରେ ଜଣେ ସନ୍ନ୍ୟାସୀ ବାସ କରୁଥିଲେ । ନିଜର ଅଗାଧ ଜ୍ଞାନ ନିମନ୍ତେ ତାଙ୍କର ଖ୍ୟାତି ବ୍ୟାପି ଯାଇଥିଲା । ରାଜା ତାଙ୍କର ପରାମର୍ଶ ଗ୍ରହଣ କରିବାକୁ ସ୍ଥିର କଲେ ।

ଏହି ସନ୍ନ୍ୟାସୀ ସର୍ବଦା ବନ ମଧ୍ୟରେ ଗୋଟିଏ ଆଶ୍ରମରେ ବାସ କରୁଥିଲେ । ସରଳ ଗ୍ରାମବାସୀଙ୍କ ଛଡ଼ା ଅନ୍ୟ କାହାରିକୁ ସେ ଦେଖା ଦେଉ ନ ଥିଲେ । ତେଣୁ ରାଜା ସାଧାରଣ ପୋଷାକ ପିନ୍ଧି ବାହାରିଲେ । ନିଜର ଘୋଡ଼ା ଓ ଶରୀରରକ୍ଷୀମାନଙ୍କୁ ଆଶ୍ରମଠାରୁ ଦୂରରେ ରଖାଇ ଏକାକୀ ଆଶ୍ରମ ଅଭିମୁଖରେ ଗଲେ ।

ସେତେବେଳକୁ ସନ୍ନ୍ୟାସୀ ନିଜ କୁଟୀର ସମ୍ମୁଖରେ ଥିବା ଜମି ଖଣ୍ଡିକ ତାଡ଼ କଆର କରୁଥିଲେ । ରାଜା ଉପସ୍ଥିତ ହେବାରୁ ସେ ତାଙ୍କୁ ନମସ୍କାର ଜଣାଇ ପୁଣି ମାଟି ତାଡ଼ିବାରେ ଲଗିଲେ ।

Digitized by srujanika@gmail.com

ସନ୍ନ୍ୟାସୀ ବୃଦ୍ଧଲୋକ । ତାଙ୍କର ଦେହ ଦୁର୍ବଳ । ମାଟି ଖୋଳିବା ବେଳେ ତାଙ୍କୁ ବାରମ୍ବାର ଦୀର୍ଘ ନିଶ୍ୱାସ ନେବାକୁ ହେଉଥିଲା ।

ରାଜା ସନ୍ନ୍ୟାସୀଙ୍କର ଖୁବ୍ ନିକଟକୁ ଯାଇ କହିଲେ, "ମହାଭାଗ, ମୁଁ ଆପଣଙ୍କ ନିକଟକୁ ତିନୋଟି ପ୍ରଶ୍ନର ସମାଧାନ ପାଇଁ ଆସିଅଛି - ମୁଁ କିପରି ଉପଯୁକ୍ତ ସମୟରେ ଉପଯୁକ୍ତ କାର୍ଯ୍ୟ କରି ପାରିବ ? କେଉଁ ଲୋକମାନେ ମୋର ସବୁଠାରୁ ବେଶି ଆବଶ୍ୟକ ? କେଉଁ କାର୍ଯ୍ୟ ମୋର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ?

ସନ୍ନ୍ୟାସୀ ରାଜାଙ୍କର ପ୍ରଶ୍ନ ଗୁଡ଼ିକ ଶୁଣିଲେ; କିନ୍ତୁ କୌଣସି ଉତ୍ତର ନ ଦେଇ ପୁଣି ମାଟି ତାଡ଼ିବାରେ ଲାଗିଲେ । ରାଜା କହିଲେ "ଆପଣ କ୍ଳାନ୍ତ ହୋଇ ପଡ଼ିଲେଣି । କୋଦାଳଟା ଦେଲେ ମୁଁ କିଛି ସମୟ ମାଟି ହାଣିଦେବି ।"

ସନ୍ନ୍ୟାସୀ ଧନ୍ୟବାଦ ଜଣାଇ କୋଦାଳଟି ରାଜାଙ୍କ ହାତକୁ ବଢ଼ାଇଦେଲେ ଓ ନିଜେ ସେଇମାଟି ଉପରେ ବସିପଡ଼ିଲେ ।

ଦୁଇଟି ପଟାଳି ହାଣିସାରି ରାଜା କାମ ବନ୍ଦ କଲେ ଓ ତାଙ୍କ ପ୍ରଶ୍ନ ତିନୋଟି ପୁଣି ପଚାରିଲେ । ଏଥର ମଧ୍ୟ ସନ୍ନ୍ୟାସୀ କୌଣସି ଉତ୍ତର ନ ଦେଇ ଉଠିପଡ଼ିଲେ । ରାଜାଙ୍କ ହାତରୁ କୋଦାଳଟି ନେବାକୁ ହାତ ବଢାଇ କହିଲେ, "ତୁମେ ଏଥର ବିଶ୍ରାମ ନିଅ । ମୁଁ କାମ କରେ ।"

କିନ୍ତୁ ରାଜା ତାଙ୍କୁ କୋଦାଳଟି ନ ଦେଇ ପୁଣି ମାଟି ହାଣିବାକୁ ଆରମ୍ଭ କଲେ ।

ଏହିପରି ଦୁଇ ତିନି ଘଣ୍ଟା ସମୟ ଚାଲିଗଲା । ବଣର ଗଛ-ଲତା ପଛରେ ସୂର୍ଯ୍ୟ ବୁଡ଼ିଗଲେ ।

Digitized by srujanika@gmail.com

ଶେଷରେ ରାଜା କୋଦାଳଟି ତଳେ ରଖିଦେଇ କହିଲେ, "ମହାଭାଗ, ମୋର ତିନୋଟି ପ୍ରଶ୍ନର ଉତ୍ତର ପାଇବା ଆଶାରେ ମୁଁ ଆପଣଙ୍କ ପାଖକୁ ଆସିଥିଲି । ଯଦି ଆପଣ ସେଗୁଡ଼ିକର ଉତ୍ତର ଦେଇ ନ ପାରିବେ, କହି ଦିଅନ୍ତୁ, ମୁଁ ଘରକୁ ଫେରିଯିବି ।"

ସନ୍ନ୍ୟାସୀ କହି ଉଠିଲେ, "କିଏ ଜଣେ ଏ ଆଡ଼କୁ ଦଉଡ଼ୁଛି ?"

ରାଜା ଦେଖିଲେ, କିଏ ଜଣେ ଦାଢ଼ିଆ ଲୋକ ସେମାନଙ୍କ ପାଖକୁ ଦୌଡ଼ି ଆସୁଛି । ସେ ଦୁଇ ହାତରେ ତାର ପେଟକୁ ଚିପି ଧରିଥିଲା ଓ ସେଥିରୁ ରକ୍ତ ବୋହି ଯାଉଥିଲା । ରାଜାଙ୍କ ପାଖରେ ପହଞ୍ଚିଲାକ୍ଷଣି ଲୋକଟି ଅଚେତ ହୋଇ ତଳେ ପଡ଼ିଗଲା । ରାଜା ଓ ସନ୍ନ୍ୟାସୀ ଦୁହେଁ ଲୋକଟିର ପୋଷାକ ଖୋଲି ଦେଖିଲେ, ତା ର ପେଟରେ ଗୋଟାଏ ବଡ଼ କ୍ଷତ ହୋଇଅଛି । ରାଜା କ୍ଷତଟିକୁ ଧୋଇ ଦେଇ ସେଥିରେ ନିଜର ରୁମାଲଟି ବାନ୍ଧିଦେଲେ; ମାତ୍ର ରକ୍ତ ବହିବା ବନ୍ଦ ହେଲାନାହିଁ । ତହୁଁ ରାଜା ସେହି ରୁମାଲ ସାହାଯ୍ୟରେ ଘାଆ ଉପରେ ବାରମ୍ବାର ଓଦାପଟି ଦେଲେ ଓ ଶେଷରେ ରକ୍ତସ୍ରାବ ବନ୍ଦ ହୋଇଗଲା ।

ଲୋକଟିର ଚେତା ଫେରି ଆସିଲା ଓ ସେ କିଛି ପିଇବାକୁ ମାଗିଲା । ରାଜା କିଛି ସଫା ପାଣି ଆଣି ତାକୁ ପିଆଇଲେ । ସେତେବେଳକୁ ସୂର୍ଯ୍ୟ ଏକବାରେ ଅସ୍ତ ହୋଇଯାଇଥିଲେ, ଶୀତଳ ପବନ ବୋହୁଥିଲା । ରାଜା ଓ ସନ୍ନ୍ୟାସୀ ଦୁହେଁ ମିଶି ସେହି ଲୋକଟିକୁ କୁଡ଼ିଆ ଭିତରକୁ ଟେକି ନେଇ ଗୋଟିଏ ବିଛଣାରେ ଶୁଆଇ ଦେଲେ । ଲୋକଟି ଆଖି ବୁଜି ପଡ଼ିରହିଲା । ରାଜା ବାଟ ଚାଲିବା ଓ ମାଟି ଖୋଳିବା ହେତୁ

Digitized by srujanika@gmail.com

ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିଲେ । ତେଣୁ ସେ କୁଡ଼ିଆର ମେଜିଆ ଉପରେ ଶୋଇପଡ଼ିଲେ । ଖରାଦିନ ରାତି । ଶୀଘ୍ର ସକାଳ ହୋଇ ଆସିଲା । ରାଜାଙ୍କର ନିଦ ଭାଙ୍ଗିଗଲା । ସେ ଉଠି ଘରର ଆଡ଼କୁ ଚାହିଁଲେ । ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା । ସେ କେଉଁଠାରେ ? ସେ କପରି ଏଠାକୁ ଆସିଲେ ? ବିଛଣାରେ ଏ ଦାଢିଆ ଲୋକଟି କିଏ ଶୋଇଛି ? ତାଙ୍କ ଆଡ଼କୁ ଲୋକଟା ଏପରି ନିରେଖି ଚାହୁଁଛି କାହିଁକି ?

କିଛି ସମୟ ପରେ ଗତ ଦିନର ସମସ୍ତ ଘଟଣା ରାଜାଙ୍କର ମନେପଡ଼ିଗଲା । ରାଜା ନିଦରୁ ଉଠି ବସିଥିବାର ଦେଖି ସେହି ଦାଢ଼ିଆ ଲୋକଟି ତାଙ୍କୁ କହିଲା, "ମୋତେ କ୍ଷମା କରନ୍ତୁ ।"

ରାଜା ଉତ୍ତର କଲେ, "ମୁଁ ତୁମକୁ ଆଦୌ ଚିହ୍ନେନାହିଁ । ତୁମେ ମୋର କଣ କ୍ଷତି କରିଛ ଯେ କ୍ଷମା ଦେବି ?"

ଲୋକଟି କହିଲା, "ମହାରାଜ, ଆପଣ ମୋତେ ଚିହ୍ନନ୍ତି ନାହିଁ, ସେ କଥା ସତ, କିନ୍ତୁ ମୁଁ ଆପଣଙ୍କୁ ଚିହ୍ନେ । ଆପଣ ମୋର ଭାଇ-ମାନଙ୍କୁ ପ୍ରାଣଦଣ୍ଡ ଦେଇ ମୋର ସମ୍ପତ୍ତି ବାଜ୍ୟାପ୍ତ କରିଥିଲେ । ମୁଁ ଆପଣଙ୍କର ଶତ୍ରୁ ହୋଇପଡ଼ିଥିଲି ଓ ନିଶ୍ଚୟ ଉପଯୁକ୍ତ ପ୍ରତିଶୋଧ ନେବି ବୋଲି ପ୍ରତିଜ୍ଞା କରିଥିଲି । ଆପଣ ଆଶ୍ରମକୁ ଆସିଥିବା ବିଷୟ ମୋତେ ଜଣାଥିଲା । ତେଣୁ ଆପଣ ରାଜବାଟିକୁ ଫେରିଲା ବେଳେ ଆପଣଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ମୁଁ ଆସି ଲୁଚି ରହିଥିଲି । ବେଳ ବୁଡ଼ିଗଲା, ତଥାପି ଆପଣ ଫେରିଲେ ନାହିଁ । ତେଣୁ ମୁଁ ଲୁଚିବା ସ୍ଥାନରୁ ବାହାରିଲି । ମାତ୍ର ଆପଣଙ୍କ ଶରୀରରକ୍ଷୀମାନେ ମୋତେ ଚିହ୍ନିପାରି ଆକ୍ରମଣ କଲେ । ମୁଁ ଆହତ ହେଲେହେଁ ସେମାନଙ୍କ ପାଖରୁ ଖସି ପଳାଇ ଆସିଲି । ଆପଣ ମୋର କ୍ଷତରେ ଜଳପଟି

Digitized by srujanika@gmail.com

ଦେଇ ଯତ୍ନ ନେଇ ନଥିଲେ ନିଶ୍ଚୟ ମୋର ମୃତ୍ୟୁ ହୋଇଥାନ୍ତା । ମୁଁ ଆପଣଙ୍କ ପ୍ରାଣ ନେବାକୁ ଆସିଥିଲି , କିନ୍ତୁ ଆପଣ ମୋର ପ୍ରାଣ ରକ୍ଷା କରିଛନ୍ତି । ଏବେ ଆପଣ ଯଦି ଅନୁମତି ଦିଅନ୍ତି, ମୁଁ ଯାବଜ୍ଜୀବନ ବିଶ୍ୱସ୍ତ ଭାବରେ ଆପଣଙ୍କର ସେବା କରିବି । ମୋର ପିଲାମାନଙ୍କୁ ମଧ୍ୟ ଆପଣଙ୍କ ସେବାରେ ଲଗାଇବି । ଆପଣ ମୋତେ କ୍ଷମା ଦିଅନ୍ତୁ ।”

ଶତ୍ରୁକୁ ଏତେ ସହଜରେ ନିଜର ବଶୀଭୂତ କରିପାରିଥିବାରୁ ରାଜା ଆନନ୍ଦିତ ହୋଇ ତାକୁ ନିଜର ବନ୍ଧୁରୂପେ ଗ୍ରହଣ କଲେ । ସେ ତାକୁ କ୍ଷମା ଦେଇ କହିଲେ, “ମୋର ନିଜ ଚିକିତ୍ସକ ଓ କେତେ ଜଣ ଭୃତ୍ୟ ଆସି ତୁମକୁ ଆରୋଗ୍ୟ କରିଦେବେ । ତୁମେ ତୁମର ସମସ୍ତ ସମ୍ପତ୍ତି ମଧ୍ୟ ଫେରିପାଇବ ।”

ରାଜା କୁଡ଼ିଆରୁ ବାହାରି ସନ୍ନ୍ୟାସୀଙ୍କୁ ଖୋଜିଲେ । ରାଜବାଟିକୁ ଫେରିବା ପୂର୍ବରୁ ସନ୍ନ୍ୟାସୀଙ୍କୁ ଆଉଥରେ ତାଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ପଚାରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ରାଜା ବାହାରକୁ ଆସି ଦେଖିଲେ ସନ୍ନ୍ୟାସୀ ଆଣ୍ଠୋଇପଡ଼ି ଗତ ଦିନର ପୋତାଳ ଗୁଡ଼ିକରେ ମଞ୍ଜି ପୋତୁଅଛନ୍ତି । ସନ୍ନ୍ୟାସୀଙ୍କ ନିକଟକୁ ଯାଇ ରାଜା କହିଲେ, “ମହାଭାଗ, ମୋର ପ୍ରଶ୍ନ ତିନୋଟିର ଉତ୍ତର ଦିଅନ୍ତୁ । ଏହାହିଁ ମୋର ଶେଷ ପ୍ରାର୍ଥନା ।”

ସନ୍ନ୍ୟାସୀ ରାଜାଙ୍କ ଆଡ଼କୁ ଚାହିଁ ମଞ୍ଜି ପୋତୁ ପୋତୁ କହିଲେ, “ତୁମର ପ୍ରଶ୍ନମାନଙ୍କର ଉତ୍ତର ତୁମେତ ପାଇସାରିଛ !”

ରାଜା ବିସ୍ମିତ ହୋଇ କହିଲେ, “ଉତ୍ତର ପାଇସାରିଛି କିପରି ? ଆପଣଙ୍କ କଥା ମୁଁ ବୁଝିପାରୁନାହିଁ !”

Digitized by srujanika@gmail.com

ସନ୍ନ୍ୟାସୀ ଉତ୍ତର କଲେ, "ବୁଝି ପାରୁ ନାହଁ ? ଆଚ୍ଛା, କାଲି ଯଦି ତୁମେ ମୋର ଦୁର୍ବଳ ଶରୀର ଦେଖି ମୂଢ଼। ମୋତେ ଦୟାକରି ମାଟି ଖୋଳି ନଥାନ୍ତ ଓ ଘରକୁ ଫେରି ଯାଇଥାନ୍ତ, ତେବେ ସେ ଲୋକଟି ବାଟରେ ତୁମକୁ ଆକ୍ରମଣ କରିଥାନ୍ତା। ସେତେବେଳେ ଭାବିଥାନ୍ତ—ମୁଁ ଚାଲିଆସି ଭୁଲକଲି; ଆଶ୍ରମରେ ରହିଯାଇଥିଲେ ଭଲ ହୋଇଥାନ୍ତା। ତେଣୁ ତୁମ ପକ୍ଷରେ ସେହି ମାଟି ଖୋଳିବା ସମୟଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ ଥିଲି ତୁମର ସବୁଠାରୁ ପ୍ରୟୋଜନୀୟ ଲୋକ ଓ ମୋର ଉପକାର ଥିଲା ତୁମର ପ୍ରଧାନ କର୍ତ୍ତବ୍ୟ। ପୁଣି ଯେତେବେଳେ ଲୋକଟି ଆହତ ଅବସ୍ଥାରେ ଆମ ପାଖକୁ ଦୌଡ଼ି ଆସିଲା ସେତେବେଳେ ତୁମେ ତାର ସେବା କରୁଥିବା ସମୟଟି ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ତୁମେ ସେତେବେଳେ ତାର ସେବା କରି ନଥିଲେ ସେ ପ୍ରାଣ ହରାଇ ଥାନ୍ତା। ତେଣୁ ସେତେବେଳେ ଏହି ଆହତ ଲୋକଟି ଥିଲା ସର୍ବାପେକ୍ଷା ଅଧିକ ପ୍ରୟୋଜନୀୟ। ତୁମେ ତାର ଯେଉଁ ସେବାକଲ, ତାହାହିଁ ଥିଲା ତୁମର ପ୍ରଧାନ କର୍ତ୍ତବ୍ୟ। ଏବେ ତୁମେ ବୁଝି ପାରୁଥିବ ଯେ ଗୋଟିଏ ମାତ୍ର ସମୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ବର୍ତ୍ତମାନ, ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଏହାରି ଉପରେ ଆମର ହାତ ଅଛି; ଅନ୍ୟ ସମୟ ଉପରେ ଆମର କତୃ କର୍ତ୍ତୃତ୍ୱ ନାହିଁ। ଯିଏ ପାଖରେ ଅଛି, ସେହି ଲୋକ ହେଉଛି ସବୁଠାରୁ ବେଶୀ ଦରକାରୀ; କାରଣ ଅନ୍ୟ କୌଣସି ଲୋକ ସହିତ ତୁମର ଦେଖା ହେବ କି ନାଁ କିଏ କହି ପାରିବ ? ପରିଶେଷରେ ସେହି ଲୋକର ଉପକାର ସାଧନ କରିବା ହେଉଛି ତୁମର ପ୍ରଧାନ କର୍ତ୍ତବ୍ୟ, କାରଣ କେବଳ ଏହି ଉଦ୍ଦେଶ୍ୟରେ ଭଗବାନ ତୁମକୁ ପୃଥିବୀରେ ଜନ୍ମ ଦେଇଅଛନ୍ତି।"

Digitized by srujanika@gmail.com

ଭଗବାନଙ୍କର ନ୍ୟାୟ ବିଚାର

ଭ୍ଲାଡ଼ିମିର ସହରରେ ଆଇଭାନ ଡ଼ିମିଟ୍ରିଚ ଆକ୍‌ସେନୋଭ ବୋଲି ଜଣେ ସଉଦାଗର ବାସ କରୁଥିଲେ । ବୟସରେ ସେ ଯୁବକ । ତାଙ୍କର ଦୁଇଟି ଦୋକାନ ଓ ଗୋଟିଏ ରହିବା ଘର ଥିଲା ।

ଆକ୍‌ସେନୋଭ ସୁପୁରୁଷ ଥିଲେ । ତାଙ୍କର କେଶଗୁଡ଼ିକ ସୁନ୍ଦର ଦିଶୁଥିଲା । ସେ ଆମୋଦପ୍ରିୟ ଥିଲେ ଓ ଗୀତ ଗାଇବାରେ ଆନନ୍ଦ ପାଉଥିଲେ । ପ୍ରଥମ ଯୌବନରେ ସେ ମଦ୍ୟ ପାନ କରୁଥିଲେ ଓ ଅତ୍ୟଧିକ ମଦ୍ୟ ପାନ ହେତୁ ବେଳେବେଳେ କଳହ କରୁଥିଲେ । କିନ୍ତୁ ବିବାହ ପରେ ସେ ସେହି ଦୁରଭ୍ୟାସ ପ୍ରାୟ ଛାଡ଼ିଦେଇଥିଲେ ।

ଥରେ ଗ୍ରୀଷ୍ମ କାଳରେ ନିଜ୍‌ନି ସହରରେ ଗୋଟିଏ ମେଳା ବସିଥିଲା । ଆକ୍‌ସେନୋଭ ସେଠାକୁ ଯିବାପାଇଁ ଇଚ୍ଛା କଲେ । ସ୍ତ୍ରୀଙ୍କଠାରୁ ବିଦାୟ ନେଲା ବେଳେ ତାଙ୍କ ସ୍ତ୍ରୀ କହିଲେ, "ଆଜି ଘରୁ ବାହାର ନାହିଁ । କାଲି ରାତିରେ ମୁଁ ଗୋଟାଏ ଭାରି ଖରାପ ସ୍ୱପ୍ନ ଦେଖିଛି ।"

ଆକ୍‌ସେନୋଭ ହସି ହସି କହିଲେ, 'ଓଃ ! ବୁଝିଲି ! ତୁମର ସନ୍ଦେହ ହେଉଛି, ମେଳାକୁ ଗଲେ ମୁଁ ସେଠାରେ ମଦ ପିଇ ମାତାଲ ହେବି । ଏଇ କଥା ନୁହେଁ ?"

Digitized by srujanika@gmail.com

ସ୍ତ୍ରୀ କହିଲେ, ତାହା ନୁହେଁ ଯେ ମୋ ମନରେ କାହିଁକି ଭୟ ଆସୁଛି । ଅବଶ୍ୟ ମୁଁ କୌଣସି କାରଣ କହି ପାରିବ ନାହିଁ । ମୁଁ ଏତିକି ଜାଣେ, ମୁଁ ଗୋଟାଏ ଖରାପ ସ୍ୱପ୍ନ ଦେଖିଛି । ସ୍ୱପ୍ନରେ ଦେଖିଲି, ତୁମେ ମେଳାରୁ ଫେରିଆସି ମୁଣ୍ଡରୁ ଟୋପିଟା କାଢି ରଖିଦେଲ । ତୁମ ମୁଣ୍ଡର ବାଳ ସବୁ ପାଚି ଧଳା ଦିଶୁଥିଲା ।"

ଆକ୍‌ସେନୋଭ ହସି ହସି କହିଲେ, "ତାହାହେଲେ, ଏ ଗୋଟାଏ ଶୁଭ ଲକ୍ଷଣ । ମୁଁ କେତେକ ଜିନିଷ ନେଇ ମେଳାକୁ ଯାଉଛି । ଦେଖିବ, ମୋର ସବୁ ଜିନିଷ ବିକ୍ରି ହୋଇଯିବ । ମେଳାରୁ ତୁମ ପାଇଁ କେତେକ ଉପହାର ଆଣି ଆସିବି ।"

ଏହା କହି ସେ ସ୍ତ୍ରୀ ଓ ଅନ୍ୟମାନଙ୍କଠାରୁ ବିଦାୟ ନେଇ ଗାଡ଼ିରେ ବସି ବାହାରିଲେ ।

ଅଧେ ବାଟ ଯିବା ପରେ ଆଉଜଣେ ବେପାରୀଙ୍କ ସାଥିରେ ତାଙ୍କର ଦେଖାହେଲା । ଏହି ବେପାରୀଙ୍କୁ ସେ ଆଗରୁ ଚିହ୍ନିଥିଲେ । ତେଣୁ ସେଦିନ ରାତିରେ ଦୁହେଁଯାକ ଗୋଟିଏ ଚଟିଘରେ ରହିଲେ । ଏକାଠି ଦୁହିଁଙ୍କର ଖିଆପିଆ ହେଲା । ଏହାପରେ ଦୁହେଁଯାକ ଲଗାଲଗି ଦୁଇଟି ପ୍ରକୋଷ୍ଠ ବଖରାରେ ଶୋଇ ପଡ଼ିଲେ ।

ଖୁବ୍ ଭୋରରୁ ଉଠିବା ଆକ୍‌ସେନୋଭଙ୍କର ଅଭ୍ୟାସ । ସକାଳୁଆ ଥଣ୍ଡାରେ ଯିବା ସହଜ ମନେକରି ଅନ୍ଧାର ଥାଉଁ ଥାଉଁ ଗାଡ଼ିବାଲାକୁ ଉଠାଇ ଘୋଡ଼ା ଯୋଚିବାକୁ ସେ କହିଲେ ।

ଚଟି ଘରର ମାଲିକ ପଛପଟେ ଆଉ ଗୋଟାଏ ଘରେ ରହୁଥିଲା । ଆକ୍‌ସେନୋଭ ତା ପାଖକୁ ଯାଇ ପାଉଣା ତୁଟାଇ ଦେଲେ ଓ ଗାଡିରେ ବସି ଚାଲିଲେ ।

Digitized by srujanika@gmail.com

ଏହାପରେ ପ୍ରାୟ ପଚିଶ ମାଇଲ ଯିବାପରେ ଗୋଟିଏ ଚଟିଘର ଦେଖି ରହିଲେ । ଏହିଠାରେ ବିଶ୍ରାମ ନେଇ ଘୋଡ଼ାମାନଙ୍କୁ ଖାଇବା ପିଇବାକୁ ଦେବା ତାଙ୍କର ଇଚ୍ଛା ଥିଲା ।

ସେ ଚଟିଘର ପିଣ୍ଡାରେ ବସି ବିଶ୍ରାମ ନେଉଥିଲେ ଓ ଗୋଟିଏ ଗୀଟାର ଧରି ବଜାଉ ଥିଲେ । ଏହି ସମୟରେ ଗୋଟିଏ ବଡ଼ ଘୋଡ଼ାଗାଡ଼ି ସେଠାରେ ପହଞ୍ଚିଲା । ସେହି ଗାଡ଼ିରେ ତିନୋଟି ଘୋଡ଼ା ଲାଗିଥିଲେ । ଗାଡ଼ି ଅଟକିବା ମାତ୍ରେ ସେଥିରୁ ଜଣେ ପୋଲିସ କର୍ମଚାରୀ ଓ ଦୁଇଜଣ ସୈନିକ ଓହ୍ଲାଇ ପଡ଼ିଲେ । କର୍ମଚାରୀ ଜଣକ ଆକ୍‌ସେନୋଭଙ୍କୁ ଅନେକ ପ୍ରଶ୍ନ ପଚାରିଲେ । ଯଥା—ତୁମେ କିଏ, କେଉଁଠାରୁ ଆସିଲ, ଇତ୍ୟାଦି ।

ଆକ୍‌ସେନୋଭ ସବୁ ପ୍ରଶ୍ନର ଉତ୍ତର ଦେଇ ତାଙ୍କୁ ଚା ଖାଇବାକୁ ଡାକିଲେ । କିନ୍ତୁ କର୍ମଚାରୀ ତାହା ନ ଶୁଣିଲା ପରି ରହି ନାନା ପ୍ରଶ୍ନ ପଚାରିବାକୁ ଲାଗିଲେ । "କାଲି ରାତିରେ ତୁମେ କେଉଁଠାରେ ରହିଥିଲ ? ତୁମେ ଏକୁଟିଆ ଥିଲ କି ତୁମ ସାଥିରେ ଆଉ କେହି ଥିଲ ? ଆଜି ସକାଳେ ତୁମର ସାଥି ବେପାରୀକୁ ଦେଖିଥିଲ କି ? ରାତି ପାହନ୍ତୁ ତୁମେ ଚଟିଘରୁ ଚାଲି ଆସିଲ କାହିଁକି ?"

ଆକ୍‌ସେନୋଭ ବିସ୍ମିତ ହୋଇଗଲେ । କର୍ମଚାରୀ ଏ ସବୁ ପ୍ରଶ୍ନ ତାଙ୍କୁ ପଚାରିବାର କାରଣ କଅଣ ସେ ଭାବି ପାରିଲେ ନାହିଁ । କିନ୍ତୁ ସେ ପ୍ରତ୍ୟେକ ପ୍ରଶ୍ନର ଠିକ୍ ଉତ୍ତର ଦେଇ ସମସ୍ତ ଘଟଣା ବର୍ଣ୍ଣନା କରିଗଲେ । ତାହାପରେ ଉକ୍ତ କର୍ମଚାରୀଙ୍କୁ କହିଲେ, "ଚୋର ଡକାଏତଙ୍କ ଭଳି ମୋତେ ଏତେ ଜେରା କରୁଛନ୍ତି କାହିଁକି ? ମୁଁ ମୋ ବ୍ୟବସାୟରେ ଯାଉଛି । ମୋତେ ଏ ଭଳି ପ୍ରଶ୍ନ କରିବା ଦରକାର ନାହିଁ ।"

Digitized by srujanika@gmail.com

ପୋଲିସ କର୍ମଚାରୀ ସୈନିକ ଦୁହିଁଙ୍କୁ ଡାକି ଆକ୍ସେନୋଭଙ୍କୁ କହିଲେ, "ମୁଁ ହେଉଛି ଏ ଜିଲାର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ । ତୁମକୁ ଏସବୁ ପ୍ରଶ୍ନ ପଚାରିବାର ଯଥେଷ୍ଟ କାରଣ ଅଛି । କାଲି ରାତିରେ ତୁମେ ଯେଉଁ ବେପାରୀଙ୍କ ସାଥିରେ ଥିଲ, କେହି ତାଙ୍କର ବେକ କାଟି ତାଙ୍କୁ ହତ୍ୟା କରିଅଛି । ତୁମର ଜିନିଷପତ୍ର ଖାନତଲାସ କରାଯିବ ।"

ସମସ୍ତେ ଚାହିଁଲେ ପରି ଆକ୍ସେନୋଭଙ୍କର ଜିନିଷପତ୍ର ଖୋଲି ଦେଖିଲେ । ହଠାତ୍ ପୋଲିସ କର୍ମଚାରୀ ତାଙ୍କ ବୋଝ ଭିତରୁ ଗୋଟାଏ ଛୁରୀ ବାହାର କରି ଆଣି ପଚାରିଲେ, "ଏ ଛୁରୀ କାହାର ?"

ଆକ୍ସେନୋଭ ଖାନତଲାସ ବେଳେ ଚୁପ୍ ରହିଥିଲେ । ତାଙ୍କ ବୋଝ ଭିତରୁ ଗୋଟାଏ ରକ୍ତ ବୋଳା ଛୁରୀ ବାହାରିବାର ଦେଖି ସେ ସ୍ତମ୍ଭୀଭୂତ ହୋଇଗଲେ । ଭୟରେ ସେ ଥରଉଠିଲେ ।

ପୋଲିସ କର୍ମଚାରୀ ପଚାରିଲେ, "ଏ ଛୁରୀରେ ରକ୍ତ ଲାଗିଲା କିପରି ?" ଆକ୍ସେନୋଭ କଅଣ ଉତ୍ତର ଦେବାକୁ ଯାଉଥିଲେ, କିନ୍ତୁ ତାଙ୍କ ତୁଣ୍ଡରୁ କଥା ବାହାରିଲା ନାହିଁ । ବହୁ କଷ୍ଟରେ ସେ ରହି ରହି କହିଲେ, "ମୁଁ କିଛି ଜାଣେ ନାହିଁ । ଏ ଛୁରୀ ମୋର ନୁହେଁ ।"

ପୋଲିସ କର୍ମଚାରୀ କହିଲେ, "ଆଜି ସକାଳେ ଦେଖାଗଲା, ବେପାରୀଟିର ତଣ୍ଟି କଟା ହୋଇଛି । ସେ ମରି ପଡ଼ିଛି । ତୁମ ଛଡ଼ା ଅନ୍ୟ କେହି ଏ କାମ କରିଥିବା ସମ୍ଭବ ନୁହେଁ । ଭିତରୁ ଘରର କବାଟ ବନ୍ଦ ଥିଲା । ସେଠି ଆଉ କେହି ନଥିଲେ । ଏବେ ତୁମ ବୋଝରୁ ଏ ରକ୍ତବୋଳା ଛୁରୀ ମିଳିଲା । ତୁମ ଚେହେରାରୁ ଓ ତୁମ ଚାଲିଚଳଣିରୁ ସନ୍ଦେହ ହେଉଛି, ତୁମେହିଁ ଦୋଷୀ । ସତ କରି କହିଦିଅ, ତାକୁ କିପରି ମାରିଲ ? କେତେ ଟଙ୍କା ଚୋରି କରିଛ ?"

Digitized by srujanika@gmail.com

ଆକ୍‌ସେନୋଭ ଉତ୍ତରରେ ଶପଥ କରି କହିଲେ, "ମୁଁ ଆଦୌ ଏ କାମ କରିନାହିଁ । ଗଲାରାତିରେ ଏକାଠି ଚାହା ଖାଇଲା ପରେ ମୁଁ ତାଙ୍କୁ ଦେଖି ନାହିଁ । ମୋଠାରେ ଘରୁ ଆଣିଥିବା ଆଠ ହଜାର ଟଙ୍କା ଛଡ଼ା ଅନ୍ୟ ଟଙ୍କା ନାହିଁ । ଏ ଛୁରୀ ମୋର ନୁହେ ।"

ଏକଥା କହିଲା ବେଳେ ତାଙ୍କର ସ୍ୱର ଥରଥର ହେଉଥିଲା । ମୁହଁ କଳା ପଡ଼ି ଯାଇଥିଲା ଓ ସେ ଭୟରେ କମ୍ପୁଥିଲେ । ତାଙ୍କୁ ସେତେବେଳେ ଦେଖିଲେ ଯେ କେହି ମନେ କରନ୍ତା ଯେ ସେ ପ୍ରକୃତ ଅପରାଧୀ ।

ପୋଲିସ ଅଫିସର ଆକ୍‌ସେନୋଭଙ୍କୁ ବାନ୍ଧି ଗାଡ଼ିରେ ବସାଇବାକୁ ଆଦେଶ ଦେଲେ । ସୈନ୍ୟ ଦୁହେଁ ତାଙ୍କ ହାତଗୋଡ଼ ବାନ୍ଧି ଗାଡ଼ିରେ ପକାଇ ଦେଲେ । ତାଙ୍କ ଆଖିରୁ ଧାରଧାର ହୋଇ ଲୁହ ବହିଗଲା । ତାଙ୍କ ଟଙ୍କା ଓ ଜିନିଷ ପତ୍ର ମଧ୍ୟ ତାଙ୍କଠାରୁ କାଢି ନିଆଗଲା । ନିକଟବର୍ତ୍ତୀ ଗୋଟିଏ ସହରକୁ ତାଙ୍କୁ ନିଆଯାଇ ସେଠାର ବନ୍ଦୀଶାଳାରେ ରଖାଗଲା । ଭ୍ଲାଡିମିରରେ ଆକ୍‌ସେନୋଭଙ୍କ ଚରିତ୍ର ବିଷୟରେ ଅନୁସନ୍ଧାନ ହେଲା । ସେଠାର କେତେକ ବେପାରୀ ଓ ଅନ୍ୟାନ୍ୟ ଲୋକେ ସାକ୍ଷ୍ୟ ଦେଲେ ଯେ, ଆଗେ ସେ ମଦ ପିଇ ବୃଥା ସମୟ ନଷ୍ଟ କରୁଥିଲା; କିନ୍ତୁ ସେ ଏବେ ଖୁବ୍ ଭଲ ହୋଇ ଯାଇଅଛି ।

ରିୟାଜନର ଜଣେ ବେପାରୀକୁ ହତ୍ୟା କରି ତାହାଠାରୁ କୋଡ଼ିଏ ହଜାର ଟଙ୍କା ନେଇ ଯାଇ ଥିବା ଅଭିଯୋଗରେ ଆକ୍‌ସେନୋଭର ବିଚାର ଆରମ୍ଭ ହେଲା ।

ଏହି ସମ୍ବାଦରେ ତାର ସ୍ତ୍ରୀ ନିତାନ୍ତ କାତର ହୋଇ ପଡ଼ିଲା । ସେ ଯାହା ଶୁଣିଲା, ସେଥିରୁ କେଉଁଟି ସତ୍ୟ ଜାଣି ପାରିଲା ନାହିଁ ।

Digitized by srujanika@gmail.com

ଘରେ ତାର କେତୋଟି ଗ୍ଲେଟ ପିଲା । ସ୍ୱାମୀ ଯେଉଁ ସହରରେ ବନ୍ଦୀ ହୋଇଥିଲେ ସେଠାକୁ ସେ ପିଲାମାନଙ୍କୁ ଘେନି ଆସିଲା । ପ୍ରଥମେ ସ୍ୱାମୀ ସଙ୍ଗେ ଦେଖା କରିବାକୁ ତାକୁ ଅନୁମତି ମିଳିଲା ନାହିଁ । ଅନେକ ପ୍ରାର୍ଥନା ପରେ କର୍ମଚାରୀମାନେ ତାକୁ ଅନୁମତି ଦେଲେ । କଏଦୀ ପୋଷାକ ପିନ୍ଧି ଓ ବନ୍ଧା ହୋଇ ତାର ସ୍ୱାମୀ ଚୋର ଡକାୟତଙ୍କ ସାଥିରେ ରହିଥିଲା । ସ୍ୱାମୀକୁ ଏଭଳି ଅବସ୍ଥାରେ ଦେଖି ସେ ହଠାତ୍ ଅଚେତ ହୋଇ ପଡ଼ିଗଲା ! ଅନେକ ବେଳ ପରେ ତାର ଚେତା ଫେରିଆସିଲା ପରେ ପିଲାମାନଙ୍କୁ ଟାଣିନେଇ ସେ ସ୍ୱାମୀ ପାଖରେ ବସି ଘରର ସବୁ ଖବର କହିଲା । ତାହା ପରେ ଆକ୍‌ସେନୋଭ୍ କାହିଁକି ଧରା ହେଲେ ତାହା ପଚାରିଲା । ସେ ସ୍ତ୍ରୀକୁ ସମସ୍ତ ଘଟନା କହି-ସିବାରୁ ସ୍ତ୍ରୀ ପଚାରିଲା, "ଏବେ କଅଣ କରିବାକୁ ହେବ ?"

ଆକ୍‌ସେନୋଭ୍ କୌଣସି ଉତ୍ତର ନ ଦେଇ କେବଳ ମୁହଁ ତଳକୁ କରିଦେଲେ ।

ତାଙ୍କ ସ୍ତ୍ରୀ କହିଲା, "ମୁଁ ଯେ ସ୍ୱପ୍ନରେ ତୁମ ବାଳ ଧଳା ହୋଇଯାଇଥିବାର ଦେଖିଥିଲି, ତାହା ନିଶ୍ଚୟ ଅଶୁଭ ଚିହ୍ନ- ସେ କଥା ତୁମର ମନେଥିବ । ସେଦିନ ତୁମେ ଘରୁ ବାହାରିବା ଉଚିତ ନଥିଲା ।" ଏହା ପରେ ସେ ଟିକିଏ ଚିନ୍ତା କରି ମୁଣ୍ଡରେ ହାତ ମାରି ମାରି କହିଲା, "ଆକ୍‌ସେନୋଭ୍, ତୁମେ ମୋର ସ୍ୱାମୀ, ତୁମେ ମୋର ସର୍ବସ୍ୱ । ମୁଁ ତୁମର ଧର୍ମପତ୍ନୀ । ମୋତେ ସତ କରି କହିଲ, ତୁମେ ଏ କାମ କରିନାହଁ ?"

ଏହା ଶୁଣି ଆକ୍‌ସେନୋଭ୍ ହାତରେ ମୁହଁକୁ ଲୁଚାଇ ରଖି କାନ୍ଦି କାନ୍ଦି କହିଲେ, "ତେବେ ତୁମେ ମଧ୍ୟ ମୋତେ ସନ୍ଦେହ କରୁଛ ?"

Digitized by srujanika@gmail.com

ଏହି ସମୟରେ ଜଣେ ସୈନିକ ଆସି ଆକ୍‌ସେନୋଭର ସ୍ତ୍ରୀ ଓ ତାର ପିଲାମାନଙ୍କୁ ଚାଲିଯିବାକୁ ଆଦେଶ ଦେଲା । ଆକ୍‌ସେନୋଭ ସେମାନଙ୍କ ଠାରୁ ଶେଷ ଥର ପାଇଁ ବିଦାୟ ନେଲେ ।

ସ୍ତ୍ରୀ ଓ ପିଲାମାନେ ଚାଲିଯିବା ପରେ ସେ ସବୁ କଥାବାର୍ତ୍ତା ପୁଣି ମନେପକାଇଲା । ତାର ନିଜ ସ୍ତ୍ରୀ ମଧ୍ୟ ତାକୁ ସନ୍ଦେହ କରୁଥିବା ମନେ ପକାଇ ସେ ଭାବିଲା, "ଦେଖୁଛି, ଏକା ଈଶ୍ୱରଙ୍କ ଛଡ଼ା କେହି ସତ କଥା ଜାଣି ପାରିବେ ନାହିଁ । ତାଙ୍କୁ ହିଁ ପ୍ରାର୍ଥନା କରିବି । ତାଙ୍କର ଠାରୁ ଦୟା ମିଳିପାରେ, ଆଉ କାହାଠାରୁ ମିଳି ପାରିବ ନାହିଁ ।" ଆକ୍‌ସେନୋଭ ସବୁ ଆଶା ଭରସା ଛାଡ଼ିଦେଇ କେବଳ ଈଶ୍ୱରଙ୍କୁ ପ୍ରାର୍ଥନା କଲା ।

ବିଚାରରେ ଆଦେଶ ହେଲା, ଆକ୍‌ସେନୋଭକୁ ପ୍ରହାର ଦିଆଯିବ ଓ ତାପରେ ଖଣିରେ କାମ କରିବାକୁ ସାଇବେରିଆ ପଠାଯିବ ।

ପାହାର ଖାଇବାରୁ ତାର ଦେହରେ ଘାଆ ହୋଇଗଲା । ଘା ଶୁଖିଯିବା ପରେ ଅନ୍ୟାନ୍ୟ ବନ୍ଦୀମାନଙ୍କ ସହିତ ତାହାକୁ ସାଇବେରିଆ ପଠାଇଦିଆଗଲା ।

ଆକ୍‌ସେନୋଭ ଏକାଦିକ୍ରମେ ଛବିଶ ବର୍ଷ ପର୍ଯ୍ୟନ୍ତ ସାଇବେରିଆରେ ବନ୍ଦୀ ଜୀବନ କଟାଇଲା । ତା ମୁଣ୍ଡର ବାଳ ବରଫ ପରି ଧଳା ହୋଇଗଲା । ମୁହଁରେ ଲମ୍ବ ଦାଢ଼ି ବଢ଼ିଗଲା । ସେ ଧୀରେ ଧୀରେ ଚାଲୁଥିଲା, କ୍ୱଚିତ୍ କଥା କହୁଥିଲା, କେବେହେଲେ ହସୁ ନ ଥିଲା । କିନ୍ତୁ ଅଧିକାଂଶ ସମୟରେ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରି ସମୟ କଟାଉଥିଲା ।

ଆକ୍‌ସେନୋଭର ଏ ପ୍ରକାର ସରଳ ବ୍ୟବହାର ହେତୁ

Digitized by srujanika@gmail.com

ଜେଲଖାନାର କର୍ମଚାରୀମାନେ ତାଙ୍କୁ ଭଲ ପାଉଥିଲେ । ତାର ସାଥି ବନ୍ଦୀମାନେ ତାଙ୍କୁ ସମ୍ମାନ ଦେଖାଇ 'ଅଜା' ବୋଲି ଡାକୁଥିଲେ ।

ବନ୍ଦୀମାନଙ୍କ ଭିତରେ କଳିଗୋଳ ଲାଗିଲେ ଉଭୟ ପକ୍ଷ ମୀମାଂସା ପାଇଁ ଅଜା ପାଖକୁ ଆସୁଥିଲେ । ଆକ୍‌ସେନୋଭ ପ୍ରକୃତ କଥା ବୁଝି ଅଡୁଆ ଛୁଟାଇଦେଉଥିଲା ।

ତା ଘରୁ କୌଣସି ଖବର ଆସୁନଥିଲା । ତାର ସ୍ତ୍ରୀ ଓ ପିଲା-ମାନେ ବଞ୍ଚିଛନ୍ତି କି ମଲେଣି ତାହା ସୁଦ୍ଧା ସେ ଜାଣି ପାରି ନ ଥିଲା ।

ଦିନେ ଦଳେ ନୂଆ କଏଦୀ ପହଞ୍ଚିଲେ । ସେ ଦିନ ସନ୍ଧ୍ୟା-ବେଳେ ପୁରୁଣା କଏଦୀମାନେ ଏମାନଙ୍କୁ ବେଢ଼ିଯାଇ କିଏ କେଉଁଠାରୁ ଆସିଛି, କିଏ କେଉଁ ଅପରାଧରୁ ଦଣ୍ଡ ପାଇଛି, ଏ ସବୁ ପ୍ରଶ୍ନ ପଚା-ରିଲେ । ପୁରୁଣା କଏଦୀମାନଙ୍କ ଭିତରେ ଆକ୍‌ସେନୋଭ ମଧ୍ୟ ଥିଲା । ସେ ନୂଆ କଏଦୀମାନଙ୍କ ପାଖରେ ବସି ସମସ୍ତଙ୍କ କଥା ଶୁଣୁଥିଲା ।

ନୂଆ କଏଦୀମାନଙ୍କ ଭିତରେ ଜଣେ ଖୁବ୍ ଡେଙ୍ଗା ଓ ବଳୁଆ ଲୋକ ଥିଲା । ତାର ବୟସ ପ୍ରାୟ ଷାଠିଏ ବର୍ଷ ହେବ । ମୁହଁରେ ପାଚିଲା ଦାଢ଼ି । ସେ କାହିଁକି ଦଣ୍ଡ ପାଇଲା, ତାହା ବର୍ଣ୍ଣନା କରି କହିଲା—

"ଜଣେ ଲୋକର ଘୋଡ଼ା ଗାଡ଼ିରେ ଲାଗିଥିଲା । ମୁଁ କିଛି ସମୟ ପାଇଁ ଘୋଡ଼ାଟାକୁ ନେଇଥିଲି । କିନ୍ତୁ ମୁଁ ଚୋରି କରିଛି ବୋଲି ଦଣ୍ଡ ଦିଆଯାଇଛି । ମୁଁ କହିଲି—"ଚଞ୍ଚଳ ଘରକୁ ଯିବି ବୋଲି ମୁଁ ଘୋଡ଼ାଟା ନେଇଥିଲି । ଘରେ ପହଞ୍ଚି ଘୋଡ଼ାକୁ ଛାଡ଼ି ଦେଇଛି । ଗାଡ଼ିବାଲା ମୋର ବନ୍ଧୁ ବୋଲି ମୁଁ ତାକୁ ନ କହି ଘୋଡ଼ାକୁ ପାଇଁ

Digitized by srujanika@gmail.com

ଘୋଡ଼ାଟାକୁ ନେଇଥିଲି । ମୁଁ କିଛି ଦୋଷ କରିନାହିଁ । କିନ୍ତୁ ମୋ କଥା ଶୁଣାଗଲା ନାହିଁ । ମୋତେ କୁହାଗଲା, 'ନା, ତା ନୁହେଁ, ତୁ ଚୋର କରିଛୁ । "କପରି, କେଉଁଠି ଯେ ମୁଁ ଚୋର କଲି ସେ କଥା କେହି କହି ପାରିଲେ ନାହିଁ । ତଥାପି ମୋର ଦଣ୍ଡ ହେଲା । ପ୍ରକୃତରେ ମୁଁ ଥରେ ଗୋଟାଏ ଖୁବ୍ ଅନ୍ୟାୟ କାମ କରିଥିଲି । ସେଥିପାଇଁ ଅନେକ ଆଗରୁ ମୋର ଏଠାକୁ ଆସିବା ଉଚିତ ଥିଲା । କିନ୍ତୁ ସେତେବେଳେ ମୁଁ ଧରା ପଡ଼ିଲି ନାହିଁ । ଏବେ ବିନା ଦୋଷରେ ମୋତେ ଏଠାକୁ ଆସିବାକୁ ହୋଇଛି ।"

କେହି ଜଣେ ପଚାରିଲା, "ତୁମେ କେଉଁଠାରୁ ଆସିଛ ?"

ଉତ୍ତର ମିଳିଲା, "ମୁଁ ଆସିଛି ଭ୍ଲାଡିମିରରୁ । ମୋର ପିଲାପିଲି ସେଇ ସହରରେ ଥାନ୍ତି । ମୋର ନାମ ହେଉଛି ମକର । ମୋତେ ସେମେନାଚ୍ ବୋଲି ମଧ୍ୟ ଡାକନ୍ତି ।"

ଏତେବେଳଯାଏ ଆକ୍‌ସେନୋଭ ଚୁପ କରି ବସିଥିଲା । ଏହା ଶୁଣିଲା ମାତ୍ରେ ସେ ମୁଣ୍ଡ ଟେକି ପଚାରିଲା, "ଆଚ୍ଛା ସେମେନାଚ୍, ଭ୍ଲାଡ଼ିମିର ସହରର ସଉଦାଗର ଆକ୍‌ସେନୋଭ କଥା କିଛି ଜାଣିଛ ? ତା ପରିବାରର କେହି ବଞ୍ଚିଛନ୍ତି ?"

ସେମେନାଚ୍ ଉତ୍ତର କଲା, "ଜାଣିବା କଥା ପଚାରୁଛ ? ନିଶ୍ଚୟ, ଭଲ ରକମ ଜାଣେ । ଆକ୍‌ସେନୋଭ ପରିବାର ଖୁବ୍ ଧନୀ । କିନ୍ତୁ ଦୁର୍ଭାଗ୍ୟର କଥା, ଆକସେନୋଭ ଆମରି ଭଳି ବନ୍ଦୀ ହୋଇ ସାଇବେରିଆରେ ଅଛି । ଅଜା, ତୁମେ କପରି ଏଠାକୁ ଆସିଲ ?"

ନିଜର ଦୁର୍ଦ୍ଦଶା ବର୍ଣ୍ଣନା କରିବାକୁ ଆକ୍‌ସେନୋଭର ଇଚ୍ଛା ନ ଥିଲା । ସେ ଗୋଟିଏ ଦୀର୍ଘଶ୍ବାସ ପକାଇ ଏତିକି ମାତ୍ର କହିଲା— "ନିଜର ପାପ ପାଇଁ ମୁଁ ଛବିଶ ବର୍ଷ ହେଲା ବନ୍ଦୀ ହୋଇ ରହିଛି ।"

Digitized by srujanika@gmail.com

ସେମେନଚ୍ ପଚାରିଲ, "କି ଅପରାଧ ?"

ଆକ୍‌ସେନୋଭ ସଂକ୍ଷେପରେ କହିଲ, "ଏ ଦଣ୍ଡ ମୋର ପ୍ରାପ୍ୟ ଥିଲ ।" ସେ ଆଉ କିଛି କହିଲ ନାହିଁ । ମାତ୍ର ତାର ସଙ୍ଗରେ ଥିବା ଅନ୍ୟ ବନ୍ଦୀମାନେ ସମସ୍ତ ଘଟଣା ବର୍ଣ୍ଣନା କରିଗଲେ । କେହି ଜଣେ ଲୋକ ଗୋଟିଏ ବେପାରୀକୁ ମାରିଦେଇ ଛୁରୀଟି ଆଣି ଆକ୍‌ସେନୋଭର ଜିନିଷ ଭିତରେ ଲୁଚାଇଦେଇଥିଲ । ତେଣୁ ସେ ଅନ୍ୟାୟରେ ଦଣ୍ଡ ପାଇ ସାଇବେରିଆକୁ ଆସିଛି ।

ସେମେନଚ ଏହା ଶୁଣି ଆକ୍‌ସେନୋଭକୁ ଚାହିଁ କହିଲ, "ଏ ବଡ଼ ଆଶ୍ଚର୍ଯ୍ୟ କଥା ! ବାସ୍ତବରେ ମୁଁ ବଡ଼ ଆଶ୍ଚର୍ଯ୍ୟ ହେଉଛି ! ତୁମେ କେଡ଼େ ବୁଢ଼ା ହୋଇଗଲଣି ଅଜା !"

ଅନ୍ୟମାନେ ସେମେନଚକୁ ପଚାରିଲେ, "ତୁମେ ଏପରି ଆଶ୍ଚର୍ଯ୍ୟ ହେଉଛ କାହିଁକି ? ଆଗରୁ ତୁମେ ଆକସେନୋଭକୁ କେଉଁଠି ଦେଖିଥିଲ ?" ସେମେନଚ ଏ ପ୍ରଶ୍ନର ଉତ୍ତର ନ ଦେଇ କହିଲ, "ଆଶ୍ଚର୍ଯ୍ୟର କଥା, ଆମର ଏଠାରେ ଭେଟ ହୋଇଗଲ ।"

ଏଥିରୁ ଆକ୍‌ସେନୋଭର ସନ୍ଦେହ ହେଲ, ବୋଧହୁଏ ବେପାରୀକୁ କିଏ ମାରିଥିଲ ତାହା ସେମେନଚ ଜାଣେ । ତେଣୁ ସେ କହିଲ, "ସେମେନଚ୍, ହୁଏତ ତୁମେ ସେ ଘଟଣା ସବୁ ଶୁଣିଛ, କିମ୍ବା ତମେ ତେ ଆଗରୁ ଦେଖିଛ । କିଏ ସେ ବେପାରୀକୁ ମାରିଥିଲ ତୁମେ ଶୁଣିଛ ?"

ସେମେନଚ ଉତ୍ତର କଲ, "ନ ଶୁଣନ୍ତି କପରି ? ଭୁଣ୍ଡ ବାଇଦ ସହସ୍ର କୋଶ । ସେ ଅନେକ ଦିନ ତଳର କଥା । କଅଣ ଶୁଣିଥିଲି ଭୁଲିଗଲିଣି ।"

Digitized by srujanika@gmail.com

ଆକ୍‌ସେନୋଭ ପଚାରିଲେ, "ବେପାରୀଙ୍କୁ କିଏ ମାରିଥିଲା ତୁମେ ହୁଏତ ଶୁଣିଥିବ ।"

ସେମେନଚ୍ ହସି ହସି କହିଲା, "ଯାହା ଜିନିଷ ଭିତରୁ ଛୁରି ବାହାରିଲା ସେଇ ମାରିଥିବ, ଆଉ କିଏ ମାରନ୍ତା ? ଯଦି ଆଉ କେହି ତା ବୋଝ ଭିତରେ ଛୁରିଟି ରଖିଦେଇ ଯାଇଥାଏ, ତେବେ—କଥା ଅଛି, କେହି ଧରା ନ ପଡ଼ିବା ଯାଏ ତାଙ୍କୁ ଚୋର କୁହାଯାଇ ନପାରେ । ତୁମ ମୁଣ୍ଡ ତଳେ ତୁମ ବୋଝ ଥିଲା ବେଳେ କିଏ କିପରି ଛୁରିଟାଏ ସେଥିରେ ରଖିଦିଅନ୍ତା ? ତୁମେ ଉଠିପଡ଼ିଥାନ୍ତ ।"

ଆକ୍‌ସେନୋଭ ଏହା ଶୁଣିଲା ପରେ ନିଶ୍ଚିତ ଭାବରେ ଜାଣି ପାରିଲା ଯେ, ଏହି ଲୋକଟି ହିଁ ବେପାରୀଙ୍କୁ ମାରିଛି । ସେ ଉଠି ସେଠାରୁ ଚାଲିଗଲା । ସେଦିନ ରାତି ଯାକ ଆକ୍‌ସେନୋଭଙ୍କୁ ନିଦ ହେଲାନାହିଁ । ତାଙ୍କୁ ଶାନ୍ତି ଲାଗିଲା ନାହିଁ । ନାନା କଥା ତା ମନରେ ପଡ଼ିଲା । ମେଳାକୁ ବାହାରିଲା ବେଳେ ତା ସ୍ତ୍ରୀର ମୁହଁ ତା ଆଖି ଆଗରେ ନାଚିଗଲା । ସତେ ଯେପରି ସେ ସ୍ତ୍ରୀର ମୁହଁ, ଆଖି, ନାକ ସବୁ ଦେଖିପାରିଲା; ତାର ହସ ଓ ତାର କଥା ଶୁଣିପାରିଲା । ଶେଷ ପିଲାଦିଓଟି ମଧ୍ୟ ତାଙ୍କୁ ଦେଖାଦେଲେ—ଗୋଟିଏ କୁରୁତା ପିନ୍ଧିଛି, ଆରଟି ମାଆ କୋଳରେ ଦୁଧ ପିଉଛି । ସେତେବେଳେ ସେ ନିଜେ କିପରି ସୁସ୍ଥ, ସବଳ, ସୁନ୍ଦର ଯୁବକ ଥିଲା ସେକଥା ମନେପକାଇଲା । ଯେଉଁଠାରେ ସେ ପାହାର ଖାଇଥିଲା, ସେ ଜାଗା କଥା ତା ମନେ ପଡ଼ିଲା । ଏ ସବୁ ଭାବି ଭାବି ସେ ଜୀବନ ହରାଇ ଦେବାକୁ ଇଚ୍ଛା କଲା ।

ସେ ଚିନ୍ତା କଲା, 'ମୁଁ ଜୀବନରେ ଯେତେ କଷ୍ଟ ଭୋଗିଲିଣି ସେ ସବୁ ଏଇ ଦୁଷ୍ଟ ଲୋକ ଯୋଗେ ।' ସେମେନଚ ଉପରେ ତାର ଖୁବ୍ ରାଗ ହେଲା ଓ ତା ଉପରେ ପ୍ରତିହିଂସା ନେବାକୁ ମନ ହେଲା ।

Digitized by srujanika@gmail.com

ତାକୁ ମାରିବାକୁ ଯାଇ ନିଜେ ମରିବାକୁ ହେଲେ ମଧ୍ୟ କ୍ଷତି ନାହିଁ ବୋଲି ସେ ଭାବିଲା । ସେ ରାତିଯାକ ଈଶ୍ୱରଙ୍କୁ ପ୍ରାର୍ଥନା କଲା; ମାତ୍ର ମନରେ ଶାନ୍ତି ଆସିଲା ନାହିଁ । ଦିନବେଳା ସେ ଆଉ ସେମେନିଚ ପାଖକୁ ଗଲା ନାହିଁ, କି ତା ମୁହଁ ଚାହିଁଲା ନାହିଁ ।

ଏହିପରି ପନ୍ଦର ଦିନ କଟିଗଲା । ରାତିରେ ଆକ୍‌ସେନୋଭର ନିଦ ହୁଏ ନାହିଁ । ମନରେ ଭାରି ଦୁଃଖ; କିନ୍ତୁ ସେ କଅଣ କରିବ ସ୍ଥିର କରି ପାରୁ ନଥାଏ ।

ଜେଲଖାନାରେ ବନ୍ଦୀମାନେ ଶୋଇବା ପାଇଁ ଭାଡ଼ି ହୋଇଥାଏ । ଦିନେ ରାତିରେ ଆକ୍‌ସେନୋଭ ଜେଲଖାନା ଭିତରେ ବୁଲୁ ବୁଲୁ ଦେଖିଲା, ଗୋଟିଏ ଭାଡ଼ିତଳୁ କିଛି ମାଟି ବାହାରି ପଡ଼ୁଛି । ମାଟି କେଉଁଠୁ ଆସିଲା ଜାଣିବା ପାଇଁ ସେ ସେଠାରେ ଛିଡ଼ା ହୋଇଗଲା । ହଠାତ୍ ସେମେନିଚ ଭାଡ଼ିତଳୁ ମୁଣ୍ଡ ଟେକି ଆକ୍‌ସେନୋଭକୁ ଅନାଇଲା । ତାର ମୁହଁ ଭୟରେ ଶେତା ହୋଇଗଲା । ଆକ୍‌ସେନୋଭ ତା ଆଡ଼କୁ ନ ଚାହିଁ ଚାଲିଯିବାକୁ ବସିଲା; କିନ୍ତୁ ସେମେନିଚ ତାର ହାତ ଧରି କହିଲା– "ଏଠାରୁ ପଳାଇ ଯିବାପାଇଁ ମୁଁ କାନ୍ଥତଳେ ଗୋଟାଏ କଣା କରୁଛି । ପ୍ରତିଦିନ ଜୋତା ଭିତରେ କିଛି କିଛି ମାଟି ନେଇଯାଏଁ । ବନ୍ଦୀମାନେ କାମ କରିବାକୁ ବାହାରକୁ ଚାଲିଗଲେ ମୁଁ ସେ ମାଟିକୁ ରାସ୍ତାରେ ଫିଙ୍ଗିଦିଏଁ । କଣା ହୋଇ ସାରିଲାଣି । ତୁମେ କାହାକୁ କିଛି ନ କହି ଚୁପ୍ କରି ରହ । ମୁଁ ବାହାରିଯିବି; ତୁମେ ବି ସେଇ ବାଟେ ବାହାରିଯିବ । ତୁମେ ଜେଲଖାନାର କର୍ମଚାରୀଙ୍କ ଆଗେ ଏ କଥା ପ୍ରକାଶ କଲେ ମୁଁ ମାଡ଼ ଖାଇ ଖାଇ ମରିବି; କିନ୍ତୁ ତା ଆଗରୁ ତୁମକୁ ମାରିଦେବି ।"

ଆକ୍‌ସେନୋଭ ତାର ଏହି ଶତ୍ରୁର ମୁହଁକୁ ଚାହିଁ ରାଗରେ କମ୍ପି ଉଠିଲା । ସେ ତା'ଠାରୁ ହାତ ଛଡ଼ାଇ ନେଇ କହିଲା, "ମୁଁ

Digitized by srujanika@gmail.com

ପଳାଇ ଯିବାକୁ ଚାହେଁ ନାହିଁ । ତୁମର ମୋତେ ମାରିବା ଦରକାର ମଧ୍ୟ ନାହିଁ । ଅନେକ ବର୍ଷ ହେଲା ମୋତେ ମାରିସାରିଛ; ଆଉ ମାରିବ କଅଣ ? ତୁମେ ଏ ଯେଉଁ କାମ କରିଛ ସେ କଥା ମୁଁ କର୍ମଚାରୀମାନଙ୍କୁ ଜଣାଇବି କି ନାହିଁ ? ଏ ବିଷୟରେ ଈଶ୍ୱର ମୋତେ ଯେଉଁ ଆଦେଶ ଦେବେ, ତାହା କରିବି ।"

ଏ ଘଟଣାର ପରଦିନ ବନ୍ଦୀମାନଙ୍କୁ କାମ କରିବା ପାଇଁ ବାହାରକୁ ନଆଗଲା । ଜଗୁଆଳି ଦେଖିଲା, କେହି ଜଣେ ବନ୍ଦୀ ତାର ଜୋତା ଭିତରୁ କିଛି ମାଟି କାଢ଼ି ରାସ୍ତା ଉପରେ ପକାଇ ଦେଲା । ତେଣୁ ଜେଲଖାନାଯାକ ଖୋଜା ପଡ଼ିଲା ଓ କାନ୍ଥତଳେ ଗୋଟାଏ କଣା ହୋଇଥିବାର ଦେଖାଗଲା । ଜେଲର୍ ଆସି ସବୁ ବନ୍ଦୀଙ୍କୁ ପଚାରିଲେ – କିଏ କାନ୍ଥତଳେ କଣା କରିଛି ? ସେମାନେ କେହି କିଛି ଜାଣନ୍ତି ନାହିଁ ବୋଲି କହିଲେ । ଜେଲର ଜାଣିଥିଲେ ଯେ ଆକ୍‌ସେନୋଭ କେବେ ମିଛ କହେ ନାହିଁ । ପ୍ରକୃତ ଘଟଣା ଜାଣିବା ପାଇଁ ସେ ଆକ୍‌ସେନୋଭଙ୍କୁ କହିଲେ, "ତୁମେ ବୁଢ଼ା, ସବୁବେଳେ ସତ କହ ବୋଲି ମୋର ଧାରଣା । ଈଶ୍ୱରଙ୍କୁ ସାକ୍ଷୀ ରଖି କହିଲ, କିଏ ଏ କଣା କରିଛି ?"

ସେମେନଚ କିଛି ନ ଶୁଣିଲା ପରି ଜେଲର୍‌ଙ୍କ ଆଡ଼କୁ ଚାହିଁ ରହିଥାଏ । ଆକ୍‌ସନୋଭର ହାତ, ତାଙ୍କର ଓଠ ଥରିଉଠିଲା । ଅନେକ ବେଳଯାଏ ସେ କିଛି କହି ପାରିଲା ନାହିଁ । ସେ ମନେ ମନେ ଭାବିଲା, 'ଯେଉଁ ଲୋକ ମୋର ସର୍ବନାଶ କରିଛି, ତାକୁ ରକ୍ଷା କରିବି କାହିଁକି ? ମୁଁ ଯେତେ କଷ୍ଟ ଭୋଗିଲିଣି ସେଥିପାଇଁ ସେ ଦଣ୍ଡ ଭୋଗକରୁ । କିନ୍ତୁ ସତ କଥା କହିଦେଲେ ସେମେନଚ ମାଡ଼ ଖାଇ ଖାଇ ମରିବ । ହୁଏତ ମୋର ତା ପ୍ରତି ସନ୍ଦେହ ଠିକ୍

Digitized by srujanika@gmail.com

ନ ହୋଇପାରେ । ସେ ମାଡ଼ ଖାଇ ମଲେ ମୋର ବା କି ଲାଭ ହେବ ?'

ଆକ୍‌ସେନୋଭ ନୀରବ ରହିବାର ଦେଖି ଜେଲର୍ କହିଲେ "ବୁଢ଼ା, ସତ କଥା କହିଦିଅ, କିଏ ଗାତ ଖୋଳି କଣା କରିଛି ?"

ଆକ୍‌ସେନୋଭ ସେମେନିଚ ଆଡ଼କୁ ଚାହିଁ କହିଲା, "ମହାଶୟ, ମୁଁ କହି ପାରିବି ନାହିଁ । ମୁଁ ସେ କଥା କହିବା ଈଶ୍ୱରଙ୍କର ଇଚ୍ଛା ନୁହେଁ । ମୁଁ ଆପଣଙ୍କ ଅଧୀନରେ । ମୋତେ ଆପଣ ଯାହା ଇଚ୍ଛା ତାହା କରି ପାରନ୍ତି; କିନ୍ତୁ ଏ ବିଷୟରେ ମୁଁ କିଛି କହି ପାରିବି ନାହିଁ ।"

ଜେଲର୍ ଅନେକ ବୁଝାଇଲେ ସୁଦ୍ଧା ଆକ୍‌ସେନୋଭ ଏ ବିଷୟରେ ଆଉ କିଛି କହିଲା ନାହିଁ । ତେଣୁ ସେକଥା ଏତିକିରେ ରହିଲା ।

ସେଦିନ ରାତିରେ ଆକ୍‌ସେନୋଭ ବିଛଣାରେ ପଡ଼ିଥାଏ । ଟିକିଏ ନିଦ ମାଡ଼ିଆସିଲା ବେଳକୁ କେହି ଜଣେ ଧୀରେ ଧୀରେ ଆସି ତା ପାଖରେ ଛିଡ଼ାହେଲା । ଆକ୍‌ସେନୋଭ ଦେଖିଲା, ଏହି ଲୋକଟି ହେଉଛି ସେମେନିଚ ।

ଆକ୍‌ସେନୋଭ ପଚାରିଲା, "ସେମେନିଚ, ତୁମେ ଏଠାକୁ ଆସିଛ କାହିଁକି ? ଆଉ କଅଣ କରିବାକୁ ତୁମର ମନ ଅଛି ?"

ସେମେନିଚ କିଛି ଉତ୍ତର ଦେଲା ନାହିଁ । ଆକ୍‌ସେନୋଭ ବସିପଡ଼ି କହିଲା, "ତୁମେ କଅଣ ଚାହଁ ? କାହିଁକି ଆସିଛ ? ଶୀଘ୍ର ଏଠାରୁ ଚାଲିଯାଅ; ନ ଗଲେ ଜଗୁଆଳିକୁ ଡାକିବି ।"

ସେମେନିଚ ଆହୁରି ପାଖକୁ ଲାଗି ଆସି ଚୁପ୍‌ଚୁପ୍ କରି କହିଲା, "ଆକ୍‌ସେନୋଭ, ମୋତେ କ୍ଷମା ଦିଅ ।"

Digitized by srujanika@gmail.com

ଆକ୍ସେନୋଭ କହିଲା, "ତୁମେ ମୋର କି ଦୋଷ କରିଛ ଯେ କ୍ଷମା ଦେବି !"

ସେମେନିଚ କହିବାକୁ ଲାଗିଲା, "ତୁମ ପାଖରେ ମୁଁ ଘୋର ଅପରାଧ କରିଛି । ମୁଁ ସେ ବେପାରୀକୁ ମାରି ଛୁରୀଟାକୁ ତୁମ ଜିନିଷ ଭିତରେ ଲୁଚାଇ ଦେଇଥିଲି । ତୁମକୁ ମଧ୍ୟ ମାରିଦେବା ମୋର ମତଲବ ଥିଲା । କିନ୍ତୁ ସେତିକି ବେଳେ ବାହାରେ ଗୋଳମାଳ ଶୁଣାଯିବାରୁ ମୁଁ ଛୁରୀଟାକୁ ତୁମ ଜିନିଷ ଭିତରେ ରଖିଦେଇ ଝରକାବାଟେ ପଳାଇଗଲି ।"

ଆକ୍ସେନୋଭ ଚୁପ୍ କରି ବସିରହିଲା । ସେ କଅଣ କହିବ ସ୍ଥିର କରି ପାରିଲା ନାହିଁ । ସେମେନିଚ ବିଛଣା ଉପରୁ ତଳକୁ ଖସିଆସି ଆଣ୍ଠୁ ମାଡ଼ି କହିଲା, "ଆକ୍ସେନୋଭ, ମୋତେ କ୍ଷମା ଦିଅ । ମୋତେ କ୍ଷମା ଦେଲେ ଈଶ୍ୱର ତୁମର ମଙ୍ଗଳ କରିବେ । ମୁଁ ସେ ବେପାରୀକୁ ହତ୍ୟା କରିଥିଲି ବୋଲି ସ୍ୱୀକାର କରିବି । ତାହାହେଲେ ତୁମେ ମୁକ୍ତି ପାଇ ଘରକୁ ଯାଇ ପାରିବ ।"

ଆକ୍ସେନୋଭ କହିଲେ, "ତୁମ ପକ୍ଷରେ ଏପରି କହିବାଟା ସହଜ ହୋଇପାରେ; ମାତ୍ର ତୁମରି ଯୋଗେ ମୁଁ ଛବିଶ ବର୍ଷ ହେଲା ଦଣ୍ଡ ଭୋଗୁଛି । ଏବେ ମୁଁ କେଉଁଠାକୁ ଯିବି ? ମୋର ସ୍ତ୍ରୀ ମଲାଣି; ମୋର ପିଲାମାନେ ମୋତେ ଭୁଲିଗଲେଣି । ମୋର ଯିବା ପାଇଁ ସଂସାରରେ କୌଣସି ସ୍ଥାନ ନାହିଁ ।"

ସେମେନିଚ ସେହିପରି ତଳେ ବସି ମୁଣ୍ଡ ପିଟିବାକୁ ଲାଗିଲା । ସେ ପାଟିକରି କହିଲା, "ଆକ୍ସେନୋଭ, ମୋତେ କ୍ଷମା କର । ତୁମେ କ୍ଷମା ନ କଲେ ମୋର ରକ୍ଷା ନାହିଁ । ମୋ ଉପରେ ପାହାର ଉପରେ ପାହାର ବସିଲାବେଳେ ମୁଁ ସେ କଷ୍ଟ ସହିଥିଲି । ଏବେ ତୁମକୁ ଦେଖିଲେ ମୋର ଯେଉଁ କଷ୍ଟ ହେଉଛି ତାହା ସହିବାରୁ

Digitized by srujanika@gmail.com

ନାହିଁ । ତୁମର ମୋ ଉପରେ ଏତେ ଦୟା ! ମୁଁ ଗାତ ଖୋଳି କଣା କରିଥିଲି ବୋଲି ତୁମେ କହିଲ ନାହିଁ । ତୁମର ଏତେ ଦୟା ! ମୋତେ କ୍ଷମା ଦିଅ ।" ଏହା କହି ସେ କାନ୍ଦିବାକୁ ଲାଗିଲା । ସେମେନିଚର କଥା ଶୁଣି ଆକ୍‌ସେନୋଭ ମଧ୍ୟ କାନ୍ଦି ପକାଇଲା ।

ସେ କହିଲା, "ସେମେନିଚ, ମୁଁ କଅଣ କ୍ଷମା ଦେବି ? ଈଶ୍ୱର ତୁମକୁ କ୍ଷମା ଦେବେ । ହୁଏତ ମୁଁ ତୁମଠାରୁ ଶହେ ଗୁଣରେ ବେଶି ପାପୀ ।" ଆକ୍‌ସେନୋଭର ଛାତିରୁ ଗୋଟାଏ ବୋଝ ଯିଏ ପଡ଼ିଲା ପରି ସେ ଅନୁଭବ କଲା । ତାର ଆଉ ଘରକୁ ଯିବାର ଇଚ୍ଛା ହେଲା ନାହିଁ । ଜେଲଖାନାରୁ ମୁକ୍ତି ପାଇବା କଥା ସେ ଚିନ୍ତା କଲା ନାହିଁ । ତାର ଏକମାତ୍ର କାମନା—ମୋର ମରଣ ହିଁ ଶ୍ରେୟଃ ।

ଆକ୍‌ସେନୋଭ ମନାକରି ଥିଲେହେଁ ସେମେନିଚ ନିଜର ଅପରାଧ ସ୍ୱୀକାର କଲା । ଆକ୍‌ସେନୋଭକୁ ମୁକ୍ତି ଦେବା ପାଇଁ ଆଦେଶ ଆସିଲା; କିନ୍ତୁ ସେତେବେଳକୁ ଆକ୍‌ସେନୋଭ ସଂସାରରୁ ମୁକ୍ତି ପାଇ ସ୍ୱର୍ଗକୁ ଚାଲିଯାଇଥିଲା ।

Digitized by srujanika@gmail.com

ଶୂନ୍ୟ ମାଦଳ

ଏମେଲିଆନ ବୋଲି ଜଣେ ଲୋକ ଥିଲା । ସେ ମୂଲ ଲାଗି ଚଳୁଥିଲା । ଦିନେ ସେ କାମ କରିବାକୁ ଯାଉଥିବାବେଳେ କିଏ ଜଣେ ପଛରୁ ତାର ନାଆଁ ଧରି ଡାକିଲା । ସେ ପଛକୁ ବୁଲିପଡ଼ି ଦେଖିଲା, ଜଣେ ଖୁବ୍ ସୁନ୍ଦରୀ ସ୍ତ୍ରୀଲୋକ ତାକୁ ଡାକୁଛି । ସ୍ତ୍ରୀଲୋକଟି କହିଲା, "ଏମେଲିଆନ, ତୁମେ ବିବାହ କରୁନାହଁ କାହିଁକି ?"

ସେ ଉତ୍ତର କଲା, "ବିଭା ହେବି କିପରି ? ଏଇ ପିନ୍ଧିବା ପୋଷାକ ଛାଡ଼ିଦେଲେ ମୋର ଆଉ କିଛି ନାହିଁ । ମୋଭଳି ଗରିବ ଲୋକକୁ ବିଭା ହେବ କିଏ ?"

ସେହି ସୁନ୍ଦରୀ କହିଲା, " ମୁଁ ତୁମର ସ୍ତ୍ରୀ ହୋଇ ରହିବି ।"

ଏମେଲିଆନ ଝିଅଟିର ରୂପ ଦେଖି ତାକୁ ଭଲ ପାଉଥିଲା । ତେଣୁ ସେ କହିଲା, "ତୁମକୁ ବିବାହ କରିବାକୁ ମୋର ଖୁବ୍ ଇଚ୍ଛା; କିନ୍ତୁ ବିବାହ ପରେ କେଉଁଠାରେ ରହିବା ? ଚଳିବା କିପରି ?"

ଝିଅଟି ଉତ୍ତର କଲା, "ସେଥିପାଇଁ ଚିନ୍ତା କରିବା ଦରକାର କଅଣ ? ଯେକୌଣସି ସ୍ଥାନରେ ଆମେ ନିଜର ଖାଇବା ପିନ୍ଧିବା ଯୋଗାଡ଼ କରିପାରିବା । କେବଳ ଆମକୁ ଟିକିଏ ଅଧିକା ପରିଶ୍ରମ କରିବାକୁ ପଡ଼ିବ । ବେଶୀ ସମୟ ପରିଶ୍ରମ କରିବାକୁ ହେଲେ କମ୍ ଶୋଇବା ଆବଶ୍ୟକ ହେବ ।"

ଏମେଲିଆନ କହିଲା, "ତାହାହେଲେ ଆମର ବିଭା ହୋଇ ପଡ଼ିବା । ଏବେ ଆମେ କେଉଁଠାକୁ ଯିବା ?"

ଝିଅଟି କହିଲା, " ଚାଲ ସହରକୁ ଯିବା ।"

Digitized by srujanika@gmail.com

ଏମେଲଆନ ଝିଅଟିକୁ ସଙ୍ଗରେ ନେଇ ସହରକୁ ଗଲା । ସହରମୁଣ୍ଡରେ ଗୋଟିଏ ଘର ସ୍ଥିର କରି ଦୁଇହିଁଯାକ ବିବାହ ହୋଇ ସେଠାରେ ବାସ କରିବାକୁ ଲାଗିଲେ ।

ଦିନେ ସେ ଦେଶର ରାଜା ଘୋଡ଼ାଗାଡ଼ିରେ ବସି ସେହି ଘର ପାଖେ ଯାଉଥିଲେ । ସେ ଏମେଲଆନର ସ୍ତ୍ରୀକୁ ଦେଖିପାରି ଭାବିଲେ, "ଏଭଳି ସୁନ୍ଦରୀ ସ୍ତ୍ରୀ ଏଠାକୁ କିପରି ଆସିଲା !" ଗାଡ଼ି ବନ୍ଦ କରି ତାକୁ ଡାକି ପଚାରିଲେ, "ତୁମେ କିଏ ?" ସେ ଉତ୍ତର ଦେଲା, "ଏମେଲଆନ ବୋଲି ଜଣେ ମୂଲିଆ ଅଛି । ମୁଁ ତାର ସ୍ତ୍ରୀ ।"

ରାଜା ବିସ୍ମିତ ହୋଇ ପଚାରିଲେ, "ତୁମେ ଏତେ ସୁନ୍ଦରୀ ହୋଇ ସାମାନ୍ୟ ମୂଲିଆଟାକୁ ବିଭା ହେଲ କାହିଁକି ? ତୁମେ ରାଣୀ ହେବାର ଯୋଗ୍ୟ ।"

ଝିଅଟି ଉତ୍ତର କଲା, "ଆପଣଙ୍କ ଏହି ପ୍ରଶଂସା ପାଇଁ ଧନ୍ୟବାଦ; କିନ୍ତୁ ମୋର ମୂଲିଆ ସ୍ୱାମୀ ମୋପକ୍ଷରେ ଖୁବ୍ ଭଲ ।"

ରାଜା କିଛି ସମୟ ତାହା ସଙ୍ଗେ କଥାବାର୍ତ୍ତା କରି ପୁଣି ଗାଡ଼ି ଚଳାଇ ଚାଲିଗଲେ; କିନ୍ତୁ ସେ ଏମେଲଆନର ସ୍ତ୍ରୀକଥା ଭୁଲି ପାରିଲେ ନାହିଁ । ରାତିଯାକ ରାଜାଙ୍କୁ ନିଦ ହେଲା ନାହିଁ । କେଉଁ ଉପାୟରେ ଏମେଲଆନର ସେହି ସୁନ୍ଦରୀ ସ୍ତ୍ରୀକୁ ନେବେ ତାହାହିଁ ସେ ଚିନ୍ତା କରୁଥାନ୍ତି । କିନ୍ତୁ ତାଙ୍କୁ କୌଣସି ଉପାୟ ଦେଖାଗଲା ନାହିଁ । ସେ ଚାକରମାନଙ୍କୁ କହିଲେ, "ଏମେଲଆନର ସ୍ତ୍ରୀକୁ ଆଣିବାପାଇଁ କିଛି ଉପାୟ ବାହାର କର ।"

ଚାକରମାନେ ରାଜାଙ୍କୁ କହିଲେ, " ଏମେଲଆନ ରାଜବାଟୀକୁ ଆସି କାମ କରିବ ବୋଲି ଛାମୁ ହୁକୁମ କରନ୍ତୁ । ଆମେ ତାକୁ ଏଭଳି କଠିନ କାମ ଦେବୁ ଯେ କାମ କରି କରି ସେ ମରିଯିବ ।

Digitized by srujanika@gmail.com

ତାର ସ୍ତ୍ରୀ ·ଏକୁଟିଆ ହୋଇଗଲେ ଆମେ ତାକୁ ନେଇ ଆସିବୁ । ଆମ୍ଭ ତାକୁ ବଡ଼ ହୋଇ ରାଣୀ କରି ରଖିବେ ।”

ଏହାପରେ ପରାମର୍ଶ କରି ରାଜା ଏମେଲିଆନକୁ ହୁକୁମ ଦେଲେ— ଆମ ରାଜବାଟୀକୁ ଆସି ତୋତେ କାମ କରିବାକୁ ହେବ । ସେ ରାଜବାଟୀ ଭିତରେ ରହିବ । ତାର ସ୍ତ୍ରୀ ମଧ୍ୟ ତା ପାଖରେ ରହି ପାରିବ ।

ରାଜାଙ୍କ ଲୋକେ ଆସି ଏମେଲିଆନକୁ ରାଜାଙ୍କର ଏହି ଆଦେଶ ଶୁଣାଇ ଦେଲେ । ଏମେଲିଆନର ସ୍ତ୍ରୀ ସ୍ୱାମୀକୁ କହିଲା, “ଚିନ୍ତା ନାହିଁ । ରାଜବାଟୀକୁ ଯାଇ ତୁମେ ଦିନଯାକ ସେଠାରେ କାମ କରିବ । କିନ୍ତୁ କାମ ସାରି ସନ୍ଧ୍ୟାପରେ ଘରକୁ ଚାଲି ଆସିବ । ”

ଏମେଲିଆନ ଯାଇ କାମ କରିବାକୁ ରାଜବାଟୀରେ ପହଞ୍ଚିଲା । କାମସରକାର ତାକୁ ପଚାରିଲା, “ତୋର ସ୍ତ୍ରୀକୁ ନ ଆଣି ତୁ ଏକୁଟିଆ ଆସିଲୁ କାହିଁକି ?”

ଏମେଲିଆନ ଉତ୍ତର ଦେଲା, “ ମୁଁ କାମ କରିବ । ତାକୁ ଏଠାକୁ ଆଣିବା ଦରକାର କଅଣ ? ତାର ରହିବାପାଇଁ ଘର ଅଛି; ନଥିଲେ ସିନା ଆଣିଥାନ୍ତି । ”

ରାଜବାଟୀରେ ତାକୁ କାମସରକାର ଯେଉଁ କାମ ଦେଲା, ଦୁଇ-ଜଣ ଲୋକ ମଧ୍ୟ ତାହା କରି ପାରିବା କଠିନ । ସେ କାମ ଆରମ୍ଭ କଲା; ମାତ୍ର ସନ୍ଧ୍ୟା ପୂର୍ବରୁ ସାରିପାରିବ ବୋଲି ଆଶା ନଥାଏ । ସେ ପରିଶ୍ରମ କରି କରି ସନ୍ଧ୍ୟାବେଳକୁ କାମଟି ଶେଷ କରି ଘରକୁ ବାହାରିଲା ।

Digitized by srujanika@gmail.com

କାମସରକାର ଆସି ଦେଖିଲା, ଏମେଲଆନ କାମଟି ଠିକ୍ ସମ୍ପୂର୍ଣ୍ଣ ଭିତରେ କରି ଦେଇଛି । ତେଣୁ ତା ପର ଦିନ ପାଇଁ ତହିଁରେ ଚାରିଗୁଣ କାମ କରିବାକୁ ବରାଦ ହେଲା ।

ଏମେଲଆନ ଘରେ ପହଞ୍ଚିଲା । ସବୁ ସଫାସୁତୁରା ହୋଇ ରହିଛି । ତାର ସ୍ତ୍ରୀ ରନ୍ଧାବଢ଼ା ସାରି କିଛି ସିଲେଇ କରୁଛି । ସ୍ୱାମୀ କେତେବେଳେ ଫେରିବ ସେଥିପାଇଁ ତାର ଅପେକ୍ଷା । ସ୍ୱାମୀ ଫେରିବାରୁ ସେ ଆନନ୍ଦରେ ଘରକୁ ଡାକି ଖାଇବାକୁ ଦେଲା । ଖାଇବାବେଳେ ସ୍ୱାମୀକୁ କାମ ବିଷୟରେ ପଚାରିଲା ।

ସ୍ୱାମୀ କହିଲା, "ଓଃ ବଡ଼ ଖରାପ କାମ । ମୋତେ ଅତି ବେଶୀ କାମ କରିବାକୁ ଦେଉଛନ୍ତି । କାମ କରାଇ କରାଇ ସେମାନେ ମୋତେ ମାରିଦେବେ ।"

ସ୍ତ୍ରୀ ଆଶ୍ୱାସନା ଦେଲା, "କାମ ପାଇଁ ଚିନ୍ତା କର ନାହିଁ । କେତେ କାମ ହେଲାଣି, କେତେ କାମ ଆଉ ରହିଲା, ସେ କଥା କେବେହେଲେ ଭାବିବ ନାହିଁ । କେବଳ କାମ କରିଯାଉଥିବ । ଦେଖିବ, ଠିକ୍ ବେଳକୁ କାମ ଶେଷ ହୋଇଯିବ ।"

ରାତିରେ ଖାଇସାରି ଏମେଲଆନ ଶୋଇ ପଡ଼ିଲା । ସକାଳୁ ରାଜବାଟୀକୁ ଯାଇ କାମ କରିବାକୁ ଲାଗିଲା । କାମ ଛଡ଼ା ଅନ୍ୟ କାହାରି ଉପରେ ତାର ଦୃଷ୍ଟି ନ ଥାଏ । ସନ୍ଧ୍ୟା ବେଳକୁ କାମ ସରିଲା; ସେ ଘରକୁ ଚାଲିଗଲା ।

ଏହିପରି ପ୍ରତିଦିନ କାମସରକାର ତାର କାମ ବଢ଼ାଉଥାଏ । ତଥାପି ଏମେଲଆନ ପ୍ରତିଦିନ ସନ୍ଧ୍ୟା ବେଳକୁ କାମ ପୂରାକରି ଘରକୁ ଯାଉଥାଏ ।

Digitized by srujanika@gmail.com

ଗୋଟିଏ ସପ୍ତାହ ପୂରିଗଲା । ରାଜାଙ୍କ ଗୁଳକରମାନେ ଦେଖିଲେ ଏମେଲିଆନକୁ ଯେତେ କାମ ଦିଆଗଲା, ସବୁ ଠିକ୍ ସମୟରେ କରି ଦେଲା । ସେମାନେ ଭାବିଲେ, "ଏଭଳି କାମରେ ଖାଲି ଦେହର ବଳ ଦରକାର ବୋଲି ସେ କରି ଦେଉଛି । ଏଥର ଏପରି କାମ ଦେବା ଯହିଁରେ କୌଶଳ ଦରକାର ।"

ଏଣିକି ଏମେଲିଆନକୁ ଇଟାବସା, ପଥରକଟା, ଛାତପକା, କାଠରେ ଜିନିଷ ତିଆରି ପ୍ରଭୃତି କାରିଗରି କାମ କରିବାକୁ ଦିଆଗଲା । ଆଶ୍ଚର୍ଯ୍ୟର କଥା ତାକୁ ଯାହା ବରାଦ ଦିଆଗଲା, ସେ ଠିକ୍ ସମୟରେ ତାହା ଶେଷ କରି ସନ୍ଧ୍ୟାକୁ ଘରକୁ ଯାଉଥିଲା । ରାତିଟି ସେ ସ୍ତ୍ରୀ ସହିତ ଶାନ୍ତିରେ ଘରେ କଟାଉଥିଲା । ଏହିପରି ଦ୍ୱିତୀୟ ସପ୍ତାହ ଗୁଲିଗଲା ।

ଏତେ ଦିନ ପର୍ଯ୍ୟନ୍ତ ଅପେକ୍ଷା କରି କରି ଦିନେ ରାଜା ଗୁଳକରମାନଙ୍କୁ ଡାକି କହିଲେ, "ମୁଁ ତୁମମାନଙ୍କୁ ଖାଇବାକୁ ପିଇବାକୁ ଦେଇ ଦରମା ଦେଇ ରଖିଛି କାହିଁକି ? ଦୁଇ ସପ୍ତାହ ହୋଇଗଲା; କିନ୍ତୁ ତୁମେମାନେ କିଛି କଲ ନାହିଁ । କହୁଥିଲ, ଏମେଲିଆନକୁ କାମ କରାଇ କରାଇ ମାରିଦେବ; କିନ୍ତୁ ମୁଁ ଦେଖୁଛି ପ୍ରତିଦିନ ସନ୍ଧ୍ୟା-ବେଳେ କାମ ଶେଷ କରି ସେ ଆନନ୍ଦରେ ଗୀତ ଗାଇ ଗାଇ ଘରକୁ ଯାଉଛି । ମୋ ସାଥିରେ କଅଣ ଥଟ୍ଟା କରୁଛ ?"

ଗୁଳକରମାନେ ନିଜର ଦୋଷ ଛଡ଼ାଇବାକୁ ଯାଇ କହିଲେ, "ଯେଉଁ କାମରେ କୌଶଳ ଲୋଡ଼ା ନାହିଁ, କଠିନ ପରିଶ୍ରମ ଲୋଡ଼ା ପ୍ରଥମେ ସେଇଭଳି କାମ ଦେଲୁ । ଯେତେ କଠିନ କାମ ଦେଲୁ ସେ କରି ପାରିଲା ।

Digitized by srujanika@gmail.com

ଆମେ ଭାବିଲୁ, ଦେହର ବଳ ଅଛି ବୋଲି ଏ କାମ କରି ଦେଉଛି । କାଠଗଡ଼ କାମକୁ ପାରିବ ନାହିଁ; ସେଥିପାଇଁ କାଠଗଡ଼ କାମ ଦେଲୁ; କିନ୍ତୁ ସେ କାମ ମଧ୍ୟ ସେ ସହଜରେ କରି ଦେଲା । ଆମର ସନ୍ଦେହ ହେଉଛି, ସେ କିମ୍ବା ତାର ସ୍ତ୍ରୀ କେହି ଜଣେ ମନ୍ତ୍ରବିଦ୍ୟା ଜାଣେ । ସେହି ମନ୍ତ୍ରବଳରେ ସେ ସବୁ କାମ କରି ପାରୁଛି । ତାକୁ ବିପଦ ଦେବା ପାଇଁ ନୂଆ ନୂଆ କାମ ଭାବି ଆମେ ଥକିଗଲୁଣି । କଅଣ ସେ କରି ନ ପାରିବ ତାହା ସ୍ଥିର କରିବା କଠିନ ହେଲାଣି । ଆମେ ଠିକ୍ କରିଛୁ ଯେ ଦିନକ ଭିତରେ ରାଜବାଟୀ ପାଖରେ ଗୋଟିଏ ଗୀର୍ଜାଘର କରି ଦେବାକୁ ତାକୁ କୁହାଯିବ; କରି ନ ପାରିଲେ ତାର ମୁଣ୍ଡକାଟ ହେବ ।"

ରାଜା ଏମେଲିଆନକୁ ଡାକି କହିଲେ, "କାଲି ଦିନକ ଭିତରେ ରାଜବାଟୀ ପାଖରେ ଗୋଟିଏ ନୂଆ ଗୀର୍ଜା କରି ଦେବାକୁ ହେବ । ସନ୍ଧ୍ୟା ପୂର୍ବରୁ କାମ ଶେଷ ହୋଇଥିବାର ଦେଖାଗଲେ ତୁମକୁ ପୁରସ୍କାର ଦିଆଯିବ; ହୋଇ ନ ଥିଲେ ତୁମର ମୁଣ୍ଡକାଟ ହେବ ।"

ରାଜାଙ୍କ ଆଦେଶ ଶୁଣି ଏମେଲିଆନ ଘୋର ଦୁଃଖରେ ଘରକୁ ଗଲା । ସ୍ତ୍ରୀକୁ କହିଲା, "ମୋର ଜୀବନ ଯିବା ଉପରେ । ଚାଲ, ଏଠାରୁ ପଳାଇଯିବା; ନ ଗଲେ ବିନା ଦୋଷରେ ମୋତେ ପ୍ରାଣ ହରାଇବାକୁ ପଡ଼ିବ ।"

ସ୍ତ୍ରୀ ପଚାରିଲେ, "ଆମେ ପଳାଇଯିବାର ଦରକାର କଅଣ ? କାହିଁକି ତୁମର ଏତେ ଭୟ ହେଉଛି ?"

Digitized by srujanika@gmail.com

ଏମେଲିଆନ କହିଲା, "ଭୟ ନ କରି ରହି ହେଉନାହିଁ । ରାଜା ମୋତେ ହୁକୁମ କରିଛନ୍ତି, କାଲି ଦିନକ ଭିତରେ ଗୋଟାଏ ନଆ ଗୀର୍ଜାଘର ତିଆରି କରିଦେବାକୁ । କରି ନ ପାରିଲେ ମୋର ମୁଣ୍ଡକାଟ ହେବ । ଏପରି ସ୍ଥଳେ ଏକମାତ୍ର ଉପାୟ ହେଉଛି, ଏଠାରୁ ପଳାଇଯିବା ।"

ସ୍ତ୍ରୀ ଏ ପ୍ରସ୍ତାବରେ ରାଜି ନ ହୋଇ କହିଲା, "ତୁମେ ପଳାଇ ଯିବାକୁ କହୁଛ; କିନ୍ତୁ ଆମେ କେତେ ଦୂର ପର୍ଯ୍ୟନ୍ତ ପଳାଇ ଯାଇ ପାରିବା ? ରାଜାଙ୍କର ଏତେ ସୈନ୍ୟ ଅଛନ୍ତି । ଯେଉଁଠାକୁ ଗଲେ ମଧ୍ୟ ସେମାନେ ପୁଣି ଆମକୁ ଧରି ଆଣି ପାରିବେ । ରାଜାଙ୍କ ପାଖରୁ ଖସି ପଳାଇବା ଅସମ୍ଭବ । ତେଣୁ ତୁମ ଦେହରେ ବଳଥିବାଯାକେ ରାଜାଙ୍କ ହୁକୁମ ଅନୁସାରେ କାମ କର ।"

ଏମେଲିଆନ ପ୍ରତିବାଦ କଲା, "ରାଜା ଯାହା କରିବାକୁ କହୁଛନ୍ତି, ତାହା କରିବାକୁ ମୋର ବଳ ନାହିଁ । ରାଜାଙ୍କ ହୁକୁମ ମାନିବି କପରି ?"

ତାର ସ୍ତ୍ରୀ ଆଶ୍ୱାସନା ଦେଇ କହିଲା, "ଧୈର୍ଯ୍ୟ ଧର । ମନରେ ସାହସ ବାନ୍ଧ । ବର୍ତ୍ତମାନ ଖାଇପିଇ ଶୋଇବାକୁ ଯାଅ । ଭୋରରୁ ଉଠି କାମ କରିବାକୁ ଚାଲିଯିବ । ଦେଖିବ, ସନ୍ଧ୍ୟାବେଳକୁ ଗୀର୍ଜା ତିଆରି ହୋଇଥିବ ।"

ଏମେଲିଆନ ଖାଇସାରି ଶୋଇବାକୁ ଗଲା । ତାର ସ୍ତ୍ରୀ ତାକୁ ଅନ୍ଧାରିଆରୁ ଉଠାଇ କହିଲା, "ଶୀଘ୍ର ଯାଇ ଗୀର୍ଜାର କାମ ଶେଷ କରି ଦିଅ । କିଛି ଲୁହା କଣ୍ଟା ଓ ହାତୁଡ଼ିଟିଏ ନିଅ । ଯେଉଁଠି ଦରକାର ସେଠାରେ କଣ୍ଟା ପିଟିବ । ଏଇଥିରେ ତୁମକୁ ଦିନଟିଏ ଲାଗିଯିବ ।"

Digitized by srujanika@gmail.com

ଏମେଲଆନ ରାଜବାଟୀ ପାଖରେ ଗୋଟିଏ ପ୍ରକାଣ୍ଡ ଗୀର୍ଜା ତିଆରି ହୋଇ ରହିଥିବାର ଦେଖିଲା । ସବୁ କାମ ପ୍ରାୟ ଶେଷ ହୋଇଥିଲା; ଯେତିକ ବାକି ଥିଲା ସେତିକ ଶେଷ କରିବାରେ ଏମେଲଆନ ଲାଗିପଡ଼ିଲା । ରାଜା ସକାଳେ ନିଦରୁ ଉଠି ଝରକା ବାଟେ ଚାହିଁ ଦେଖିଲେ, ଗୋଟାଏ ବିରାଟ ଗୀର୍ଜା ଛିଡ଼ା ହୋଇଛି; ଏମେଲଆନ ସେଥିରେ କେଉଁଠି କେଉଁଠି କଣ୍ଟା ପିଟୁଛି । ଏହା ଦେଖି ରାଜାଙ୍କର ଘୋର ଅସନ୍ତୋଷ । ସେ ଭାବିଥିଲେ, ଏମେଲଆନ ଏ କାମ କରି ପାରିବ ନାହିଁ । ସେ ତାହାର ମୁଣ୍ଡକାଟ କରି ତାର ବିଧବା ସ୍ତ୍ରୀକୁ ଆଣି ରଖିଥାନ୍ତେ । ସେ ବିଗୁର ରହିଲା ନାହିଁ ।

ରାଜା ପୁଣି ଗୁକରମାନଙ୍କୁ ଡାକି ପରାମର୍ଶ କଲେ । ରାଜା କହିଲେ, "ଏମେଲଆନକୁ ଯାହା ହୁକୁମ ହୋଇଥିଲା, ସେ ତାହା କରିଛି । ତାକୁ ପ୍ରାଣଦଣ୍ଡ ଦେବାପାଇଁ ଗୋଟାଏ କିଛି କାରଣ ଦେଖାଇବାକୁ ହେବ । ଦିନକ ଭିତରେ ଗୋଟାଏ ଗୀର୍ଜା ଗଢ଼ି-ଦେବା ସହଜ କଥା ନୁହେଁ; କିନ୍ତୁ ସେ ତାହା କରିଦେଲା । ଏବେ ତୁମେମାନେ ବିଗୁର କରି ଏପରି କିଛି ଅସାଧ୍ୟ କାମ ବାହାର କର; ଯାହା ସେ କେବେହେଲେ କରିପାରିବ ନାହିଁ । ନୋହିଲେ ତୁମ-ମାନଙ୍କର ମୁଣ୍ଡକାଟ ହେବ ।" ବହୁତ ଭାବି ଭାବି ସେମାନେ ରାଜାଙ୍କୁ କହିଲେ, "ଏମେଲଆନକୁ ହୁକୁମ ହେଉ, ସେ ଦିନକ ଭିତରେ ନଅର ଚାରିପାଖେ ଗୋଟାଏ ନଈ ଖୋଳିଦେବ; ସେଥିରେ ଜାହାଜ ଚାଲୁ ଥିବ ।"

ଏ ପ୍ରସ୍ତାବ ରାଜାଙ୍କ ମନକୁ ପାଇଲା । ସେ ଏମେଲଆନକୁ ଡାକି କହିଲେ, "ଆମ ନଅର ଚାରିପାଖେ ଗୋଟାଏ ନଈ ଖୋଳି ଦେବ । ସେଥିରେ ଜାହାଜ ଚାଲୁଥିବ । କାଲି ସନ୍ଧ୍ୟାବେଳକୁ ଏ

Digitized by srujanika@gmail.com

କାମ ସରିବା ଦରକାର । ଦିନକ ଭିତରେ ତୁମେ ଗୋଟାଏ ଗୀର୍ଜା କରିପାରିଲେ । ଏ କାମ କରିବା ତୁମ ପକ୍ଷରେ କଠିନ ହେବ ନାହିଁ । ସାବଧାନ, ଠିକ୍ ସମୟ ଭିତରେ ଏହା କରି ନ ପାରିଲେ ତୁମର ମୁଣ୍ଡକାଟ ହେବ ।"

ଏମେଲିଆନ ନିତାନ୍ତ ଦୁଃଖିତ ହୋଇ ଘରେ ପହଞ୍ଚିଲା । ତାକୁ ଦେଖି ସ୍ତ୍ରୀ ପଚାରିଲା, "ତୁମ ମନରେ ଏତେ ଦୁଃଖ କାହିଁକି ? ରାଜା କଅଣ ଆଗଠାରୁ ଆହୁରି କଠିନ କାମ କରିବାକୁ ଦେଇଛନ୍ତି କି ?"

ଏମେଲିଆନ ସ୍ତ୍ରୀକୁ ସବୁ ଘଟଣା ବୁଝାଇ କହିଲା, "ଆମେ ଏଠାରୁ ପଳାଇଯିବା ଦରକାର ।"

ତାର ସ୍ତ୍ରୀ କହିଲା, "ପଳାଇଯିବା ଅସମ୍ଭବ । ଯୁଆଡ଼େ ଗଲେ ମଧ୍ୟ ରାଜାଙ୍କ ସୈନ୍ୟମାନେ ଆମକୁ ଧରି ଆଣିପାରିବେ । ତେଣୁ ରାଜାଙ୍କ ହୁକୁମ ପାଳିବା ଛଡ଼ା ଅନ୍ୟ ଉପାୟ ନାହିଁ । ତୁମେ ଅଧୀର ହୁଅ ନାହିଁ ।"

ଏମେଲିଆନ କହିଲା, "ତୁମେ ଯାହା କହୁଛ ସତ କଥା; ମାତ୍ର ଏ ଅସାଧ୍ୟ କାମ ମୁଁ କରିବି କିପରି ?"

ସ୍ତ୍ରୀ କହିଲା, "ସେଥିକି ଚିନ୍ତା କର ନାହିଁ । ଖାଇପିଇ ଶୋଇ-ପଡ଼ । ଖୁବ୍ ଅନ୍ଧାରିଆରୁ ଉଠି ଯାଅ । ଦେଖିବ, ଠିକ୍ ବେଳ ଭିତରେ ସବୁ ହୋଇଯାଇଥିବ ।"

ଏମେଲିଆନ ରାତିରେ ଶୋଇଲା । ସ୍ତ୍ରୀ ସକାଳୁ ତାକୁ ଉଠାଇ କହିଲା, "ରାଜବାଟୀକୁ ଯାଅ। ଦେଖିବ, ସବୁ କାମ ହୋଇ ସାରିଥିବ; କେବଳ ରାଜବାଟୀ ସାମନାରେ କିଛି ମାଟି ଜମା ହୋଇଥିବ । ତୁମେ ଗୋଟାଏ କୋଦାଳ ନେଇ ସେ ମାଟିକୁ ତାଡ଼ି ସମାନ କରିଦେବ ।"

Digitized by srujanika@gmail.com

ରାଜା ସକାଳୁ ଉଠି ରାଜବାଟୀ ଗୃହପାଖେ ଗୋଟାଏ ନଈ ଖୋଳା ହୋଇଥିବାର ଦେଖିଲେ । ସେଥିରେ ଅନେକ ଜାହାଜ ଯିବା ଆସିବା କରୁଥିଲା । ଏମେଲଆନ ଗୋଟାଏ କୋଦାଳ ଧରି ରାଜବାଟୀ ସାମନାରେ କିଛି ମାଟି ସମାନ କରୁଥିଲା । ଏହା ଦେଖି ରାଜା ଏକବାରେ ଆଶ୍ଚର୍ଯ୍ୟ ହୋଇଗଲେ; କିନ୍ତୁ ସେ ମନେ ମନେ ଭାରି ବିରକ୍ତ ହେଲେ । ଏ ନଈ, ଜାହାଜ କିଛିହେଲେ ତାଙ୍କୁ ଭଲ ଲାଗିଲା ନାହିଁ । ଅସଲ କଥା ହେଲା, ସେ ଏମେଲଆନକୁ ମାରିବା ପାଇଁ ଉପାୟ କରିଥିଲେ, ଏବେ ତାକୁ ମାରିବାର କିଛି କାରଣ ରହିଲା ନାହିଁ ।

ସେ କହିଲେ, "ମୁଁ ଦେଖୁଛି, ପୃଥିବୀରେ ଏପରି କିଛି କାମ ନାହିଁ ଯାହା କି ଏମେଲଆନ କରିପାରିବ ନାହିଁ ।" ତେଣୁ ସେ ପୁଣି ଥରେ ଚାକରମାନଙ୍କୁ ଡାକି ସେମାନଙ୍କୁ ପରାମର୍ଶ ମାଗିଲେ । ସେ କହିଲେ, "ଆମେ ତାକୁ ଯେତେ ଅସମ୍ଭବ କାମ କରିବାକୁ ଦେଲେ ହେଁ ସେ ତାହା କଲା । ମୁଁ ତାର ସ୍ତ୍ରୀକୁ ନେବାକୁ ଚାହେଁ; କିନ୍ତୁ ଗୋଟାଏ କିଛି କାରଣ ନ ଦେଖାଇଲେ ଏମେଲଆନକୁ ହତ୍ୟା କରି ହେଉ ନାହିଁ । ତୁମେମାନେ ବିଚାର କରି ଏଥିର ଉପାୟ ବାହାର କର ।"

ଚାକରମାନେ ବହୁତ ବେଳଯାଏ ବିଚାରକରି ଗୋଟାଏ କୌଶଳ ବାହାର କଲେ । ସେମାନେ ରାଜାଙ୍କୁ କହିଲେ, "ଏମେଲଆନକୁ ଆଦେଶ ଦିଅନ୍ତୁ, ସେ ଅଜଣା ରାଇଜକୁ ଯାଇ ଅଜଣା ଜିନିଷ ନେଇ ଆସିବ । ଏପରି କଲେ ସେ କେବେ ଖସିଯାଇ ପାରିବ ନାହିଁ । ସେ ଯେଉଁଠାକୁ ଯାଉ ନା କାହିଁକି, ଆପଣ କହି ପାରିବେ, ସେ ରାଜ୍ୟ ଅଜଣା ରାଜ୍ୟ ନୁହେଁ । ସେ ଯେଉଁ ଜିନିଷ

Digitized by srujanika@gmail.com

ଆଣି ଆସିବ, ଆପଣ କହିପାରିବେ, ସେ ଜନ୍ତୁ ଅଜଣା ଜନ୍ତୁ ନୁହେଁ ।”

ଏ ପ୍ରସ୍ତାବଟା ରାଜାଙ୍କ ମନକୁ ପାଇଲା । ସେ ଏମେଲିଆନକୁ ଡକାଇ ଆଣି କହିଲେ, “ଅଜଣା ରାଇଜକୁ ଯାଇ ଅଜଣା ଜନ୍ତୁ ନେଇ ଆସିବ । ଏହା କରି ନ ପାରିଲେ ତୁମର ମୁଣ୍ଡକାଟ ହେବ ।”

ଏମେଲିଆନ ଘରକୁ ଆସି ସବୁକଥା ତାର ସ୍ତ୍ରୀକୁ କହିଲା । ସେ ବହୁତ ଭାବି ଭାବି କହିଲା, “ରାଜାଙ୍କ ଲୋକେ ତୁମର ଅନିଷ୍ଟ କରିବାପାଇଁ ତାଙ୍କୁ ଏହା ଶିକ୍ଷା ଦେଇଛନ୍ତି । ଏବେ ଖୁବ୍ ସାବଧାନ ହୋଇ ଆମକୁ କାମ କରିବାକୁ ପଡ଼ିବ ।”

ଅନେକ ଭାବିଚିନ୍ତି ସେ ସ୍ୱାମୀକୁ କହିଲା, “ଏଠାରୁ ବହୁତ ଦୂର ଯିବାପରେ ତୁମେ ଆମ ଦେଶର ଜଣେ ବୁଢ଼ୀକୁ ଦେଖିପାରିବ । ତୁମକୁ ସାହାଯ୍ୟ ଦେବାପାଇଁ ତାଙ୍କୁ କହିବ । ସେ ଯେବେ ପରାମର୍ଶ ଦେବେ ତାହାହେଲେ ରାଜବାଟୀକୁ ଚାଲି ଆସିବ । ସେତେବେଳକୁ ମୁଁ ରାଜାଙ୍କ ନଅରରେ ଥିବି । ତୁମେ ଚାଲିଗଲା ପରେ ରାଜାଙ୍କ ଲୋକେ ମୋତେ ବଳପୂର୍ବକ ନଅରକୁ ଧରିନେଇ ଯିବେ; କିନ୍ତୁ ମୋତେ ସେଠାରେ ବେଶି ଦିନ ରଖିପାରିବେ ନାହିଁ । ବୁଢ଼ୀ ତୁମକୁ ଯେପରି କରିବାକୁ କହିବେ, ତୁମେ ଠିକ୍ ସେହିପରି କଲେ ଆମେ ଦୁହେଁଯାକ ଉଦ୍ଧାର ପାଇପାରିବା ।”

ସ୍ତ୍ରୀ ସ୍ୱାମୀକୁ ଗୋଟିଏ ଥଳୀରେ କିଛି ଜନ୍ତୁପର ଓ ଗୋଟିଏ ସୂତା ନଟେଇ ଦେଇ କହିଲା, “ବୁଢ଼ୀ ହେଉଛି ଆମର ଆଈ । ଏଇ ତା ନଟେଇ ଦେଖିଲେ ସେ ଜାଣିବ ଯେ ତୁମେ ମୋର ସ୍ୱାମୀ ।”

Digitized by srujanika@gmail.com

ଏମେଲିଆନକୁ ବାଟ ଦେଖାଇ ଦେଇ ସ୍ତ୍ରୀ ଘରକୁ ଆସିଲା ।

ଏମେଲିଆନ ସହର ପାରହୋଇ ଗୋଟିଏ ଜାଗାରେ ଦେଖିଲା, ଗୁଡ଼ାଏ ସୈନ୍ୟ ଧାଡ଼ ଧାଡ଼ ହୋଇ ଯିବା ଆସିବା କରୁଛନ୍ତି । ସେ ଠିଆହୋଇ ସେମାନଙ୍କୁ ଅନେକ ବେଳଯାଏ ଚାହିଁଲା । ସେମାନେ ବିଶ୍ରାମ ନେବାକୁ ବସିଲାରୁ ଏମେଲିଆନ ସେମାନଙ୍କ ପାଖକୁ ଯାଇ କହିଲା "ଭାଇମାନେ, ମୋତେ ଟିକିଏ ସାହାଯ୍ୟ କର । ମୁଁ କିପରି ଅଜଣା ରାଇଜକୁ ଯାଇ ଅଜଣା ଜିନିଷ ଆଣି ପାରିବି, ଜାଣିଥିଲେ ବତେଇ ଦିଅ ।"

ଏ କଥା ଶୁଣି ସୈନ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ପଚାରିଲେ, "ଏଭଳି ଜିନିଷ ନେବାପାଇଁ କିଏ ତୁମକୁ ପଠାଇଛି ?"

ଏମେଲିଆନ ଉତ୍ତର କଲା, "ରାଜା ପଠାଇଛନ୍ତି ?"

ସୈନ୍ୟମାନେ କହିଲେ, "ଆମେମାନେ ନିଜେ ସୈନ୍ୟ-ବିଭାଗରେ ଚାକିରି କଲାଦିନୁ ଅଜଣା ରାଇଜକୁ ଚାଲିଛୁ; କିନ୍ତୁ ଆଜଯାଏ ସେ ରାଇଜରେ ପହଞ୍ଚି ନାହୁଁ । ସେହିପରି ଆମେ ଅଜଣା ଜିନିଷ ଖୋଜି ବୁଲୁଛୁ; କିନ୍ତୁ ଆଜଯାଏ ସେ ଜିନିଷ ପାଇନାହୁଁ । ତୁମକୁ ଆମେ ବତେଇଦେବୁ କିପରି ?"

କିଛି ବେଳଯାଏ ସୈନ୍ୟମାନଙ୍କ ସଙ୍ଗେ ଗପ କରି ଏମେଲିଆନ ପୁଣି ଚାଲିଲା । ଅନେକ ବାଟ ଚାଲିଲା ପରେ ସେ ଗୋଟିଏ ଜଙ୍ଗଲରେ ପହଞ୍ଚିଲା । ଜଙ୍ଗଲ ଭିତରେ ସେ ଗୋଟିଏ କୁଡ଼ିଆ ଦେଖିପାରିଲା । କୁଡ଼ିଆରେ ଜଣେ ବୁଢ଼ୀ ବସି ଅରଟରେ ସୂତା କାଟୁଥିଲା । ସୂତା-କାଟିଲାବେଳେ ସେ କାନ୍ଦୁଥାଏ । ଦୁଇଧାର ଲୁହ ତା ଆଖିରୁ ବୋହି

ପଡ଼ୁଥାଏ । ହାତ ଓଦା କରିବାକୁ ହେଲେ ସେ ପାଣିରେ ହାତ ନ ବୁଡ଼ାଇ ଆଖିରେ ଲଗାଉଥିଲା ।

ବୁଢ଼ୀ ଏମେଲିଆନକୁ ଦେଖିଲାକ୍ଷଣି କହିଲା, "ତୁ ଏଠାକୁ କାହିଁକି ଆସିଛୁ ?" ଏମେଲିଆନ ବୁଢ଼ୀ ହାତକୁ ସୂତାନଟେଇଟି ବଢ଼ାଇଦେଇ କହିଲା, "ମୋ ସ୍ତ୍ରୀ ଏହା ପଠାଇଛି ।"

ନଟେଇଟି ଦେଖିଲାକ୍ଷଣି ବୁଢ଼ୀ ଏମେଲିଆନକୁ ଖୁବ୍ ଆଦର କରି ଅନେକ କଥା ପଚାରିଲା । କିପରି ସେ ତାର ସ୍ତ୍ରୀକୁ ପାଇଲା, କିପରି ସେମାନେ ସହରରେ ରହିଲେ, କିପରି ରାଜବାଟୀରେ ତାକୁ କି କି କାମ କରିବାକୁ ହେଲା, ଏସବୁ ବର୍ଣ୍ଣନା କରିସାରି ଏମେଲିଆନ କହିଲା "ରାଜା ଏବେ ମୋତେ ହୁକୁମ କରିଛନ୍ତି, ଅଜଣା ରାଇଜରୁ ଅଜଣା ଜିନିଷ ନେଇ ତାଙ୍କୁ ଦେବ । ନ ଦେଇ ପାରିଲେ ମୋର ମୁଣ୍ଡକାଟ ହେବ ।"

ବୁଢ଼ୀ ସବୁକଥା ମୂଳରୁ ଶେଷଯାଏ ଶୁଣିଗଲା । କାନ୍ଦ ବନ୍ଦକରି ସେ ମନକୁମନ କହିଲା, "ତେବେ ବେଳ ଆସି ପହଞ୍ଚିଲା ।"

ଏହାପରେ ସେ ଏମେଲିଆନକୁ ଖୁଆଇ ପିଆଇ କଅଣ କରିବାକୁ ହେବ ବତାଇଦେଲା । ସେ କହିଲା, "ଏଇ ସୂତା-ପିଣ୍ଡୁଳାଟି ନେ । ଏହାକୁ ଆଗକୁ ଗଡ଼ାଇ ଦେବୁ । ସୂତା ଯୁଆଡ଼େ ଯିବ, ତୁ ସେଇ ବାଟେ ତା ପଛେ ପଛେ ଚାଲିବୁ । ଏହିପରି ଯାଇ ତୁ ସମୁଦ୍ରପାଖରେ ପହଞ୍ଚିବୁ । ସେଠାରେ ଗୋଟିଏ ବଡ଼ ସହର ଦେଖିବୁ । ସହର ଭିତରକୁ ପଶି ସିଧା ସହର ସେ ମୁଣ୍ଡକୁ ଯିବୁ । ସେଠାରେ ଗୋଟିଏ ଘର ଅଛି । ତୁ ସେ ଘରେ ରହିବାକୁ କହିବୁ । ତୁ ଯେଉଁ ଜିନିଷପାଇଁ ଆସିଛୁ, ସେ ଜିନିଷ ସେଇଠାରେ ପାଇବୁ ।"

Digitized by srujanika@gmail.com

ଏମେଲଆନ ପଚାରିଲା, "ଜନେଷଟିକୁ ମୁଁ ଚିହ୍ନିବି କପରି ?"

ବୁଢ଼ୀ ଉତ୍ତର କଲା, "ତାକୁ ଚିହ୍ନିବାର ଉପାୟ ଅଛି । ଦେଖିବୁ, ଲୋକେ ବାପମାଆଙ୍କ କଥାଠାରୁ ତାକୁ ବେଶି ମାନନ୍ତି । ସେ ଜନେଷଟିକୁ ଧରି ରଜାଙ୍କ ପାଖକୁ ଯିବୁ । ରଜା କହିବେ, 'ନା, ତୁ ଯାହା ଆଣିଛୁ ସେ ଅଜଣା ଜନେଷ ନୁହେଁ ।' ତହୁଁ ତୁ କହିବୁ, 'ଏଇଟା ଯେବେ ସେ ଜନେଷ ନୁହେ, ତେବେ ତାକୁ ଭାଙ୍ଗିଦେବା ଦରକାର ।' ଏହା କହି ତୁ ସେ ଜନେଷକୁ ପିଟିପିଟି ନଈକୂଳକୁ ଯିବୁ । ସେଠାରେ ତାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ନଈରେ ଫିଙ୍ଗି ଦେବୁ । ଏପରି କଲେ ତୁ ତୋର ସ୍ତ୍ରୀକୁ ଫେରି ପାଇବୁ ଓ ମୋର ଲୁହ ଶୁଖିଯିବ ।"

ଏମେଲଆନ ବୁଢ଼ୀଠାରୁ ବିଦାୟ ନେଇ ସୂତାପିଣ୍ଡୁଳାଟି ଆଗକୁ ଗଡ଼ାଇ ଦେଲା । ସେ ତା ପଛେ ପଛେ ଚାଲିଲା । ଶେଷରେ ସୂତା-ପିଣ୍ଡୁଳା ସମୁଦ୍ରପାଖରେ ପହଞ୍ଚିଲା । ଏମେଲଆନ ସେଠାରେ ଗୋଟିଏ ପ୍ରକାଣ୍ଡ ସହର ଦେଖିବାକୁ ପାଇଲା । ସହର ମୁଣ୍ଡରେ ଗୋଟିଏ ଖୁବ୍ ବଡ଼ ଘର ଥିଲା । ସେ ରହିବାକୁ ବଖରାଏ ଘର ମାଗିଲା । ତା ମଧ୍ୟ ସହଜରେ ମିଳିଗଲା । ରାତିରେ ସେଠାରେ ଶୋଇ ଏମେଲଆନ ସକାଳୁ ଉଠିଲା । ସେତିକବେଳକୁ ସେ ଘରେ ଗୋଟିଏ ବିଚିତ୍ର କଥା ଘଟିଲା । ବାପ ପୁଅକୁ ଡାକି କହିଲା, "ପୁଅ, ଉଠ । ଯାଆ, କାଠ ଦାଣି ଆଣିଲେ ଜାଳ ହେବ ।" ପୁଅ ବାପର କଥା ନ ଶୁଣି କହିଲା, "ଏତେ ସକାଳୁ କଏ ଯିବ ? ଆଉ ଘଡ଼ିଏ ଶୋଇ ପାରିଲେ ଯାହା କରିବ ।"

ତାହା ପରେ ମାଆ କହିଲା, "ପୁଅ, ଆଜ ବାପାଙ୍କ ଦେହ ଭଲ ନାହିଁ । ତୁ ଯାଇ କାଠ ଦାଣି ଆଣ । ତୁ ନ ଯାଇ ବାପା କଅଣ

Digitized by srujanika@gmail.com

ସେଗିଣା ଦେହରେ କାମ କରିବାକୁ ଯିବେ ? କେତେବେଳ ହେଲାଣି ଦେଖିଲୁ । ଯାଆ ବାପ !"

ପୁଅ ଘଗ-ଘରଘର ହୋଇ କଅଣ କହି ପୁଣି ଶୋଇରହିଲା । ଏଇ ସମୟରେ ରାସ୍ତାରେ ଗୋଟାଏ ଗୋଳମାଳ ଶୁଣାଗଲା । ତା ଭିତରେ ଗୋଟାଏ ଶବ୍ଦ ଖୁବ୍ ଜୋରରେ ଶୁଣାଯାଉଥାଏ । ଏହି ଶବ୍ଦ ଶୁଣିଲାକ୍ଷଣି ପୁଅ ବିଛଣାରୁ ଉଠିପଡ଼ିଲା । ଦେହରେ ଖଣ୍ଡେ ପୋଷାକ ଗଳେଇ ଦେଇ ରାସ୍ତା ଉପରକୁ ଦଉଡ଼ିଗଲା । ଏମେଲିଆନ ଏହା ଦେଖି ତା ପଛେ ପଛେ ଦଉଡ଼ିଲା । ଯେଉଁ ପୁଅ ବାପମାଆଙ୍କ କଥା ନ ମାନି ଶୋଇ ରହିଥିଲା, ସେ ପୁଣି କାହା କଥା ମାନି ଏପରି ଦଉଡ଼ୁଛି ? ଏମେଲିଆନ ଦେଖିଲା, ଜଣେ ଲୋକର ବେକରୁ ଗୋଟାଏ ଗୋଲ ଜିନିଷ ଝୁଲି ତା ପେଟ ଉପରେ ପଡ଼ିଛି । ଲୋକଟା ଦୁଇ ହାତରେ କାଠି ଧରି ପିଟୁଛି ଓ ସେଥିରୁ ଏହି ଶବ୍ଦ ବାହାରୁଛି । ଏହି ଜିନିଷର ଦେହଟା ଗୋଲ; ମାତ୍ର ଦୁଇ ମୁଣ୍ଡରେ ଚମଡ଼ା ଛପର ହୋଇଛି । ଏମେଲିଆନ ଜାଣିପାରିଲା, ପୁଅ ବାପମାଆଙ୍କ କଥା ନ ମାନି ଏଇ ଜିନିଷଟିକୁ ମାନୁଛି ।

ସୈନ୍ୟମାନଙ୍କ ପାଖକୁ ଯାଇ ସେ ପଚାରିଲା, "ଏଇ ଜିନିଷଟିର ନାଁ କଅଣ ?

ଉତ୍ତର ମିଳିଲା, "ଏ ଗୋଟିଏ ଢୋଲ ।"

ଏମେଲିଆନ ଆହୁରି ପଚାରି ଜାଣିଲା ଯେ ଢୋଲ ଭିତରେ କିଛି ନାହିଁ, ଏକବାରେ ଫମ୍ପା ।"

ଲୋକେ ଏହି ଫମ୍ପା ଜିନିଷଟିକୁ ଏପରି ମାନୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ଏହି ଜିନିଷଟି ହିଁ ତାର ଅଜଣା ଜିନିଷ ।

Digitized by srujanika@gmail.com

ସୈନ୍ୟମାନଙ୍କୁ ସେ ସେଇ ଢୋଲଟି ମାଗିଲା; ମାତ୍ର ସେମାନେ ଦେବାକୁ ମନା କରି ଦେଲେ । ଏମେଲଆନ ଦେଖିଲା, ମାଗିଲେ କେହି ଢୋଲଟି ଦେବେ ନାହିଁ । ତେଣୁ ଯେଉଁ ଲୋକ ଢୋଲ ପିଟି ପିଟି ଯାଉଥିଲା, ତାହାର ପଛେ ପଛେ ସେ ଚାଲିଲା । ଏହିପରି ଦିନ ଯାକ ଢୋଲ ପିଟି ପିଟି ଲୋକଟି ଢୋଲକୁ ରଖିଦେଇ ଶୋଇଲା । ଏହି ଅବସରରେ ଏମେଲଆନ ଢୋଲଟିକୁ ଧରି ପଳାଇଲା ।

ସେ ଠିକଏ ସୁଦ୍ଧା ବାଟରେ ନରହି ଧାଇଁ ଧାଇଁ ନିଜ ସହରରେ ପହଞ୍ଚିଲା । ଆପଣା ଘରକୁ ଯାଇ ସେ ଦେଖିଲା ଯେ ତାର ସ୍ତ୍ରୀ ଘରେ ନାହିଁ । ସେ ସହର ଛାଡ଼ି ଅଜଣା ଜିନିଷ ପାଇଁ ଯିବାର ପରଦିନ ରାଜା ତାର ସ୍ତ୍ରୀକୁ ଧରିନେଇ ନଅରରେ ରଖିଥିଲେ ।

ଏମେଲଆନ ନଅରରେ ପହଞ୍ଚି ରାଜାଙ୍କ ପାଖକୁ ଖବର ପଠାଇଲା—'ଯେଉଁ ଲୋକ ଅଜଣା ରାଇଜରୁ ଅଜଣା ଜିନିଷ ଆଣିବାକୁ ଯାଇଥିଲା; ସେ ସେହି ଜିନିଷ ନେଇ ଆସିଛି ।'

ରାଜାଙ୍କର ଜଣେ ଲୋକ ଆସି ଖବର ଦେଲା—ଆଜି ରାଜା ବାହାରିବେ ନାହିଁ, କାଲିକି ଆସିବ । ଏମେଲଆନ ପୁଣି କହି ପଠାଇଲା, "ରାଜା ଯେଉଁ ଜିନିଷ ପାଇଁ ମୋତେ ପଠାଇଥିଲେ ମୁଁ ସେ ଜିନିଷ ନେଇ ଆଜି ଆସିଛି । ସେ ମୋ ପାଖକୁ ଆସନ୍ତୁ; ସେ ଆସି ନ ପାରିଲେ ମୁଁ ତାଙ୍କ ପାଖକୁ ଯିବି ।"

ଶେଷରେ ରାଜା ତା ପାଖକୁ ଆସି ପଚାରିଲେ, "ତୁମେ କେଉଁଠାକୁ ଯାଇଥିଲ ?"

ଏମେଲଆନ ସମୁଦ୍ରକୂଳ ସହରର କଥା କହିଲା । ତହୁଁ ରାଜା କହିଲେ, "ସେ ଜାଗା ଅଜଣା ରାଇଜ ନୁହେଁ । ଆଚ୍ଛା, ତୁମେ କଅଣ

Digitized by srujanika@gmail.com

ଆଣି ଆସିଛ ?" ଏମେଲଆନ ଢୋଲଟିକୁ ଦେଖାଇ ଦେଲା । ମାତ୍ର ରାଜା ଢୋଲ ଆଡ଼କୁ ଟିକଏ ସୁଦ୍ଧା ନ ଚାହିଁ କହିଲେ, "ମୁଁ ଏ ଜିନିଷପାଇଁ କହିନଥିଲି । ଏ ଅଜଣା ଜିନିଷ ନୁହେଁ ।"

ଏମେଲଆନ ବଡ଼ପାଟି କରି କହିଲା, "ଏଇଟା ଯେବେ ଠିକ୍ ଜିନିଷ ନୁହେଁ, ତେବେ ଏହାକୁ ଭାଙ୍ଗି ଶେଷ କରି ଦେବି ।"

ଏହା କହି ଏମେଲଆନ ଢୋଲକୁ ପିଟି. ପିଟି ଚାଲିଲା । ଢୋଲର ଶବ୍ଦ ଶୁଣି ରାଜାଙ୍କ ସୈନ୍ୟମାନେ ବାହାରିପଡ଼ି ତାହା ପାଖରେ ପହଞ୍ଚିଗଲେ । ସେମାନେ କହିଲେ, "କଅଣ କରିବୁ ହୁକୁମ ହେଉ ।"

ରାଜା ଝରକା ପାଖରେ ବସିଥିଲେ । ସୈନ୍ୟମାନେ ଏମେଲଆନ ପଛରେ ଦଉଡ଼ୁଥିବାର ଦେଖି ସେ ସେମାନଙ୍କୁ ଡାକି ପକାଇଲେ । ସେ କହିଲେ, "ତୁମେମାନେ ସେ ଲୋକଟା ପାଖକୁ ଯାଅ ନାହିଁ ।"

ମାତ୍ର ସୈନ୍ୟମାନେ ରାଜାଙ୍କ କଥା ଆଦୌ ନ ମାନି ତାହାରି ପାଖକୁ ଦଉଡ଼ିଲେ । ତାହାରି ହୁକୁମକୁ ଚାହିଁ ରହିଲେ ।

ଅବସ୍ଥା ଅସମ୍ଭାଳ ହେବାର ଦେଖି ରାଜା ତତ୍‌କ୍ଷଣାତ୍ ଏମେଲଆନର ସ୍ତ୍ରୀକୁ ତା ଘରକୁ ପଠାଇଦେଲେ ଏବଂ ସେହି ଢୋଲଟିକୁ ତାଙ୍କୁ ଦେବାପାଇଁ ଏମେଲଆନକୁ କହିଲେ ।

କିନ୍ତୁ ସେ ଉତ୍ତର ଦେଲା, "ତା ହୋଇ ନ ପାରେ । ମୁଁ ଏଇଟିକୁ କାହାକୁ ଦେବି ନାହିଁ । ଏହାକୁ ଭାଙ୍ଗି ଟିକିଟିକି କରି ନଈରେ ଫିଙ୍ଗିବାକୁ ହେବ ।"

Digitized by srujanika@gmail.com

ଏମେଲଆନ କାହାର କଥା ନ ଶୁଣି ଢୋଲକୁ ପିଟିପିଟି ନଈକୂଳକୁ ଗଲା । ସୈନ୍ୟମାନେ ମଧ୍ୟ ତାହା ପଛେ ପଛେ ସେଠାରେ ପହଞ୍ଚିଲେ । ନଈକୂଳରେ ଏମେଲଆନ ଢୋଲକୁ ଭାଙ୍ଗି ଖଣ୍ଡ ଖଣ୍ଡକରି ପାଣିକୁ ପକାଇ ଦେଲା । ଢୋଲ ଯିବା ସଙ୍ଗେ ସଙ୍ଗେ ସୈନ୍ୟମାନେ ପଳାଇଗଲେ ।

ଏମେଲଆନ ସ୍ତ୍ରୀକୁ ନେଇ ନିଜ ଘରକୁ ଗଲା । ରାଜା ଆଉ ତା ସାଥିରେ ଲାଗିଲେ ନାହିଁ । ସେ ସ୍ତ୍ରୀକୁ ନେଇ ସୁଖରେ ଦିନ କଟାଇଲା ।

Digitized by srujanika@gmail.com

ତୀର୍ଥଯାତ୍ରୀ

ଥରେ ଏଫିମ ଓ ଏଲିସା ନାମରେ ଦୁଇଜଣ ଲୋକ ଏକାଠ ସାଥି ହୋଇ ଜେରୁଜେଲମ୍‌କୁ ତୀର୍ଥକରି ଯିବେ ବୋଲି ମାନସିକ କରିଥିଲେ । ଦୁହିଙ୍କ ଭିତରୁ ଏଫିମ ଥିଲା ଜଣେ ଧନୀ କୃଷକ; କିନ୍ତୁ ଏଲିସାର ଅବସ୍ଥା ସ୍ୱଚ୍ଛଳ ନ ଥିଲା ।

ଏଫିମର ସ୍ୱଭାବ ଧୀର ସ୍ଥିର, ସେ ବଡ଼ ଗମ୍ଭୀର ପ୍ରକୃତିର ଲୋକ ଥିଲା । ମାଦକ ଜିନିଷ ସେ ଛୁଇଁ ନ ଥିଲା, ଏପରିକି କେବେ ନାସ ମଧ୍ୟ ଶୁଙ୍ଘୁ ନ ଥିଲା । କେବେ ସେ କାହାରିକୁ ପଦେ ହୁଡ଼ି କହିଥିବାର ଜଣା ନାହିଁ । ସେ ଦୁଇଥର ଗ୍ରାମର ସରବରାକାର କାମ କରିଥିଲା; କିନ୍ତୁ କୌଣସିଥର ତାର ହିସାବପତ୍ରରେ କିଛି ଗୋଳମାଳ ଘଟି ନ ଥିଲା । ତାର କୁଟୁମ୍ବରେ ବହୁତ ପ୍ରାଣୀ, ଦୁଇ ପୁଅ, ନାତି, ନାତୁଣୀବୋହୂ ସମସ୍ତେ ଏକାଠି ରହୁଥାନ୍ତି ।

ଏଫିମ ସୁସ୍ଥସବଳ ଥିଲା । ଲମ୍ବ ଦାଢ଼ିଟି ଛାତି ଉପରକୁ ଝୁଲି ପଡ଼ୁଥାଏ । ତାର ବୟସ ଷାଠିଏରୁ ବଳି ଯାଇଥିଲା ସତ; କିନ୍ତୁ ମୁଣ୍ଡରବାଳ କଳା ରହିଥିଲା; କେବଳ ଦାଢ଼ିର କେତୋଟି ବାଳ ଧଳା ହୋଇ ଯାଇଥିଲା ।

ଏଲିସା ଖୁବ୍ ଧନୀ ନ ଥିଲା କି ଖୁବ୍ ଗରିବ ନ ଥିଲା । ପ୍ରଥମେ ସେ ବଢ଼େଇ କାମ କରି ଭଲ ରୋଜଗାର କରୁଥିଲା; କିନ୍ତୁ ବୁଢ଼ା ବୟସ ହୋଇ ଯିବାରୁ ସେ କାମ ଛାଡ଼ି ଘରେ ମହୁମାଛି ପାଳି ସାମାନ୍ୟ ରୋଜଗାର କରୁଥିଲା । ତାର ଦୁଇଟି ପୁଅ ଭିତରୁ ଗୋଟିଏ ଅନ୍ୟଆଡ଼େ ଚାକିରି କରୁଥିଲା । ଆଉଟି ଘରେ ରହୁଥିଲା । ଏଲିସା

Digitized by srujanika@gmail.com

ପରର କଷ୍ଟ ଦେଖିଲେ ଦୟା କରୁଥିଲା । ତାର ମନରେ ସବୁବେଳେ ଆନନ୍ଦ । ନାସ ଶୁଙ୍ଘିବା ତାର ଅଭ୍ୟାସ ଥିଲା; ବେଳେବେଳେ ଟିକିଏ ମଦ ମଧ୍ୟ ପିଇ ଦେଉଥିଲା । କେବେ କେବେ ଗୀତ ଗାଇ ସେ ଆନନ୍ଦ ଅନୁଭବ କରୁଥିଲା । ମୋଟ ଉପରେ ସେ ଶାନ୍ତିପ୍ରିୟ ଥିଲା । ନିଜର ପରିବାର ତଥା ଗ୍ରାମର ଲୋକମାନଙ୍କ ସହିତ ସଦ୍‌ଭାବ ରଖି ଚଳୁଥିଲା । ତାର ଦେହର ରଙ୍ଗ କଳା ଓ ଦାଢ଼ି କୁଞ୍ଚକୁଞ୍ଚିଆ ଥିଲା । ଉଚ୍ଚତାରେ ସେ ସାଧାରଣ ଲୋକଙ୍କଠାରୁ ଟିକିଏ ଊଣା ଥିଲା ।

ଅନେକ ଦିନରୁ ଦୁହେଁଯାକ ଜେରୁଜେଲମକୁ ତୀର୍ଥ କରିଯିବାର ମାନସିକ କରି ସବୁ ବନ୍ଦୋବସ୍ତ କରିଥିଲେ । ମାତ୍ର ଏଫିମର ଅସୁବିଧା ହେତୁ ବାହାରି ପାରନ୍ତି ନାହିଁ । ସବୁବେଳେ ତାର କିଛି ନା କିଛି କାମ ଲାଗିଥାଏ । ଗୋଟିଏ କାମ ସରିବାବେଳକୁ ଆଉ ଗୋଟାଏ କାମ ପଡ଼ିଯାଏ । ପ୍ରଥମେ ନାତିର ବିଭାଘର ପାଇଁ ବନ୍ଦୋବସ୍ତ କରିବାକୁ ହେଲା । ସେ ବିଭାଘର ସରିଲାବେଳକୁ ସାନ ପୁଅ ଯୁଦ୍ଧକୁ ଚାଲିଗଲା । ସେ ନ ଫେରିଲେ ଯାଏ ଦୂର ଜାଗାକୁ ଯିବ କିପରି ? ସେ ପୁଅ ଫେରିଲାବେଳକୁ ଏଫିମ ଖଣ୍ଡେ ଘର ତିଆରି ଆରମ୍ଭ କରି ଦେଇଥିଲା ।

ଗୋଟିଏ ପର୍ବଦିନରେ ଦୁଇବନ୍ଧୁ ବସି କଥାବାର୍ତ୍ତା ହେବାକୁ ଲାଗିଲେ ।

ଏଲିସା—ଏତେ ଦିନ ଗଲାଣି । କେବେ ତୀର୍ଥ କରି ବାହାରିବା ?

ଏଫିମ—ଟିକିଏ ଅପେକ୍ଷା କରିବା ଦରକାର । ଏ ବର୍ଷ ମୋତେ କାମର ଭିଡ଼ ଲାଗିଛି । ଖଣ୍ଡେ ଘର ତିଆରି କରୁଛି । ଶହେ

Digitized by srujanika@gmail.com

ଟଙ୍କାରେ ଘର ଖଣ୍ଡିକ ହୋଇଯିବ ବୋଲି ବିଗ୍ଭରିଥିଲି । ଏବେ ତିନିଶ ଟଙ୍କା ଲାଗିଲାଣି । ତେବେ ବି କାମ ସରିବାକୁ ନାହିଁ । ଆଉ କିଛି ଦିନ ଅପେକ୍ଷା କରିବା । ଈଶ୍ୱରଙ୍କ ଇଚ୍ଛା ଥିଲେ ଏଇ ଖରା-ଦିନେ ନିଶ୍ଚୟ ବାହାରିବା ।

ଏଲିସା—ମୋ ମତରେ ଆଉ ବେଶି ଦିନ ଅପେକ୍ଷା ନ କରି ଏଇ ବସନ୍ତ ଋତୁରେ ବାହାରିପଡ଼ିବା ସବୁଠାରୁ ଭଲ ହେବ ।

ଏଫିମ—ବସନ୍ତ ଋତୁ ତୀର୍ଥଯାତ୍ରା ପାଇଁ ଖୁବ୍ ସୁବିଧା, ସେ କଥା ସତ; ମାତ୍ର ମୋର ଘର ତିଆରି କଥା କଅଣ ହେବ ? ସେ କାମଟା ନ ସରିଲେ ଯିବି କିପରି ?

ଏଲିସା—ତୁମର କଅଣ କେହି ନାହାନ୍ତି କି ? ପୁଅ ଘରେ ଅଛି । ସେ କାମଟା ବୁଝିବ ।

ଏଫିମ—ଘରେ ପୁଅ ଅଛି ସତ । ହେଲେ ତାକୁ କଅଣ ବିଶ୍ୱାସ କରି ହେବ ? ତୁମେ ତ ଜାଣ, ସମୟ ସମୟରେ ତାର ମଦ ମଧ୍ୟ ଚଳେ ।

ଏଲିସା—ସେ କଥା କହୁଛ କାହିଁକି ? ଆମେ କଅଣ କାଳ କାଳକୁ ରହିଥିବା ? ଆମ ଅନ୍ତେ ସେଇମାନଙ୍କୁ ଘର ଚଳାଇବାକୁ ହେବ । ଏତିକବେଳୁ ପୁଅ କାମ ଶିଖୁ । ଘରଚଳାଇବାରେ ତାର ଅଭିଜ୍ଞତା ଆସିବ ।

ଏଫିମ—ତୁମ କଥାଟା ସତ; ମାତ୍ର ମୁଁ ଯେତେବେଳେ ଆରମ୍ଭ କରି ଦେଇଛି, ନସାରି ଯିବାପାଇଁ ମନ ବଳୁନାହିଁ ।

ଏଲିସା—ସଂସାରରେ ନାନା କାମ କରିବାକୁ ଅଛି । କେହି କେବେ ସବୁ ଶେଷ କରି ପାରିବ ? ଏଇ ସେଦିନ ଇଷ୍ଟର ପର୍ବ

Digitized by srujanika@gmail.com

ପାଇଁ ଆମ ଘରର ସ୍ତ୍ରୀଲୋକେ ଘରଦ୍ୱାର, ଲୁଗାପଟା ସଫା କରୁଥିଲେ । ସବୁବେଳେ କିଛି ନା କିଛି ଗୋଟାଏ କାମରେ ଲଗିଥାନ୍ତି । ତେବେ ବି ପର୍ବଦିନକୁ ସବୁ ସରି ପାରିଲା ନାହିଁ । ଆମର ବଡ଼ ବୋହୂର ଖୁବ୍ ବୁଦ୍ଧି । ସେ କଅଣ କହିଲା, ଜାଣ ? ସେ କହିଲା, "ଭଗବାନ୍‌ର କଥା, ଆମର ସୁବିଧା ଅସୁବିଧା, ଭଲ ମନ୍ଦକୁ ନ ଗୁଣି ଠିକ୍ ଦିନ ପର୍ବ ଆସି ପହଞ୍ଚିଯାଏ । ତା ନୋହିଥିଲେ ଯେତେ ଚେଷ୍ଟା କଲେ ମଧ୍ୟ, ପର୍ବ ଦିନ ପାଇଁ ସବୁ ବନ୍ଦୋବସ୍ତ ହୋଇ ପାରନ୍ତା ?"

ଏଫିମ—ଏ ଘର ତିଆରିରେ ମୋର ବହୁତ ଖରଚ ହୋଇ ସାରିଲାଣି । ତୀର୍ଥକରି ଗଲେ ଶୂନ୍ୟ ହାତରେ ତ ଯାଇ ହେବ ନାହିଁ । ବାଟ ଖର୍ଚ୍ଚ ପାଇଁ ଅନ୍ତତଃ ଶହେ ଟଙ୍କା ଦରକାର । ଏତେ ଟଙ୍କା ଯୋଗାଡ଼ କରିବା ସହଜ ନୁହେଁ ।

ଏଲିସା—ହୋ, ହୋଃ ! ଅଚ୍ଛା କଥା କହିଲ ? ମୋର ଯାହା ଅଛି, ତୁମର ତାର ଦଶଗୁଣରୁ ବେଶି ହେବ । ତେବେ ବି ତୁମର ଟଙ୍କା ନାହିଁ ? ସେ କଥା ପୂରା ମିଛ । କେବେ ତୀର୍ଥ କରି ଯିବା ଥିର କର । ଏଥି ଭିତରେ ମୁଁ ମୋର ବାଟଖରଚ ଯୋଗାଡ଼ କରିନେବି ।

ଏଫିମ—ଓହୋ, ତୁମେ ଯେ ଭିତରେ ଭିତରେ ଏତେ ଧନୀ ହୋଇଗଲଣି ବୋଲି ମୁଁ କଅଣ ଜାଣିଛି ? କହିଲ ଦେଖି, କିପରି ଟଙ୍କା ଯୋଗାଡ଼ କରିବ ?

ଏଲିସା—ଘରୁ କିଛି ନେବି । ନହେଲେ ହେଲେ ମହୁଫେଣାରୁ କିଛି ଜଣେ ପଡ଼ଶାକୁ ବିକି ଦେବି । ସେ ଅନେକ ଦିନ ହେଲା ମହୁଫେଣା କିଣିବ ବୋଲି କହୁଛି ।

Digitized by srujanika@gmail.com

ଏଫିମ—ଏବର୍ଷ ଯେବେ ମହୁମାଛି ଭଲ ହୁଆ ଦେବେ, ତେବେ ବିକ ଦେବା ହେତୁ ପରେ ମନରେ ଦୁଃଖ ହେବ ।

ଏଲିସା—ମନ ଦୁଃଖ କରିବ କାହିଁକି ? ଗୋଟାଏ କଷ୍ଟ କାମ କରି ପରେ ସେଥିପାଇଁ ମନ ଦୁଃଖ କରିବା ମୋର ସ୍ୱଭାବ ନୁହେଁ । ପାପକାମ କଲେ ଅବଶ୍ୟ ମନରେ କଷ୍ଟ ହେବାର କଥା । ପାପକଲେ ଆତ୍ମାକୁ କଷ୍ଟ । ମଣିଷର ଆତ୍ମାଠାରୁ ବଳି ଆଉ କିଛି ନାହିଁ ।

ଏଫିମ—ତୁମେ ଯାହା କହୁଛ, ସତ । ହେଲେହେଁ ଘର କଥାକୁ ହେଳା କଲେ ଚଳି ହେବ ନାହିଁ ।

ଏଲିସା—ଘର କଥା ବୁଝିବା ବୋଲି କଅଣ ଆତ୍ମାକୁ ହେଳା କରିବା ? ଯେତେବେଳେ ମାନସିକ କରିଥାଏଁ ନିଶ୍ଚୟ ଯିବା, ଏବେ କହିଲ, କେବେ ବାହାରିବା । ହେଳା କରି କରି ଏତେ ଦିନ ଗଲାଣି ।

ଏଲିସା ଏହିପରି ଏଫିମକୁ ବହୁତ ପ୍ରବର୍ତ୍ତାଇଲା । ଦିନେ ସକାଳେ ଏଫିମ ଏଲିସା ଘରକୁ ଆସି କହିଲା, "ଭାଇ, ମୁଁ ଦେଖୁଛି, ତୁମ କଥା ଠିକ୍ । ଜନ୍ମ ମରଣ କାହାର ଆୟତ୍ତରେ ନାହିଁ, ଅଛି ଈଶ୍ୱରଙ୍କ ହାତରେ । ପିଣ୍ଡରେ ପ୍ରାଣ ଆଉ ଦେହରେ ବଳ ଥାଉ ଥାଉ ତୀର୍ଥ କରି ନ ଯିବା ତ ଆଉ କେବେ ଯିବା ? ଚାଲ, ଶୀଘ୍ର ବାହାରି ପଡ଼ିବା ।"

ଗୋଟିଏ ସପ୍ତାହ ପରେ ଦୁହେଁଯାକ ଏକାଠି ତୀର୍ଥ କରି ବାହାରିବାର ସ୍ଥିର ହେଲା । ଏଫିମର ଟଙ୍କାର ଅଭାବ ନ ଥିଲା । ଘର ଖର୍ଚ୍ଚ ପାଇଁ ସେ ନିଜ ସ୍ତ୍ରୀ ହାତରେ ଦୁଇଶ ଟଙ୍କା ଦେଲା ଓ ନିଜେ ଏକଶହଟଙ୍କା ଧରି ବାହାରିଲା ।

Digitized by srujanika@gmail.com

ଏଲିସାର ଟିକିଏ ଟଙ୍କାର ଅଭାବ । ସେ ତାର ଜଣେ ପଡ଼ଶାକୁ ଦଶଟି ମହୁଫେଣା ବିକିବ ବୋଲି ଜବାବ କରି ଦାମ୍ ବାବଦ ଟଙ୍କା ଆଣିଲା । ସେହି ଦଶଟି ଫେଣାରେ ଗ୍ରୀଷ୍ମ ଋତୁ ପୂର୍ବରୁ ଯେତେ ହୁଆ ହେବ ସେସବୁ ମଧ୍ୟ ସେ ନେବ ବୋଲି କଥା ଛିଡ଼ିଲା । ଏହି ମହୁଫେଣା ବିକି ଏଲିଶା ସତୁରି ଟଙ୍କା ପାଇଲା । ଘରର ସ୍ତ୍ରୀଲୋକମାନଙ୍କଠାରୁ ଆଉ ତିରିଶ ଟଙ୍କା ଆଣି ସେ ମୋଟରେ ଶହେ ଟଙ୍କା ସଂଗ୍ରହ କଲା । ଏହାପରେ ତାର ସ୍ତ୍ରୀ ଓ ବୋହୂଙ୍କ ହାତରେ ଆଉ କିଛି ରହିଲା ନାହିଁ ।

ଘରୁ ବାହାରିବା ପୂର୍ବରୁ ଏପିମ ବଡ଼ ପୁଅକୁ ଡାକି ଘରର ପ୍ରତ୍ୟେକ ବିଷୟରେ ଉପଦେଶ ଦେଲା । କେଉଁଠି ଘାସକଟା ହୋଇ ରହିବ, କେଉଁଠି ଖତ ରଖାଯିବ, ଘରକାମ କିପରି ଶେଷ ହେବ, ଏସବୁ ବିଷୟରେ ସେ ପୁଅକୁ ପରାମର୍ଶ ଦେଲା । ଘରର ପ୍ରତ୍ୟେକ କଥା ଭାବି ଚିନ୍ତି, ସେ ବିଷୟରେ କଅଣ କରାଯିବ, ତାହା ପୁଅକୁ କହିବାକୁ ଏପିମ ଭୁଲିଲା ନାହିଁ । କିନ୍ତୁ ଏଲିଶା ତାର ସ୍ତ୍ରୀକୁ ଏତିକି କହିଲା ଯେ ଭଙ୍ଗି ହୋଇଥିବା ମହୁଫେଣାଗୁଡ଼ିକ ଅଲଗା କରି ରଖିବ ଓ ହୁଆ ସହିତ ସେଗୁଡ଼ିକ ପଡ଼ଶାକୁ ଦେବ । ଘର କିପରି ଚଳିବ ସେ ସମ୍ବନ୍ଧରେ କାହାରିକୁ ପଦେ ହେଲେ କିଛି କହିଲା ନାହିଁ । ଘରୁ ବାହାରିଲା ବେଳେ ଏତିକି ମାତ୍ର କହିଗଲା—"ମୁଁ ଯାଉଛି । ଯେତେବେଳେ ଯାହା ଦରକାର ପଡ଼ିବ ବୁଦ୍ଧି ବିଚାରି କାମ କରିବ । ତୁମର ଘର; ତୁମକୁ ଯାହା ଭଲ ଦିଶିବ, ତାହା କରିବ ।"

ଦୁଇଜଣଯାକ ଯିବାପାଇଁ ପ୍ରସ୍ତୁତ ହେଲେ । ଘରେ ରୁଟି ତିଆରି ହେଲା; ଜିନିଷପତ୍ର ନେବାପାଇଁ ଗୋଟିଏ ଲେଖାଏଁ ଥଳୀ ନେଲେ ।

Digitized by srujanika@gmail.com

ବାଟରେଲ୍ ନ ବାଧିବ ବୋଲି କନାର ପଟି ସିଲାଇ କରି ନେଲେ । ପାଦରେ ଯୋଡ଼ିଏ ଲେଖାଏଁ ଜୋତା ପିନ୍ଧିଲେ । ଆଉ କେତେ ହଳ ଜୋତା ଥଳୀରେ ପୂରାଇଲେ । ଘରର ଲୋକେ ଗାଁମୁଣ୍ଡ ପର୍ଯ୍ୟନ୍ତ ସଙ୍ଗରେ ଯାଇ ସେମାନଙ୍କଠାରୁ ବିଦାୟ ନେଲେ ।

ଦୁଇ ତୀର୍ଥଯାତ୍ରୀ ଚାଲିବାକୁ ଲାଗିଲେ ।

ଏଲିସା ଅତି ଆନନ୍ଦରେ ଘରୁ ବାହାରିଥିଲା । କିଛି ଦୂର ଯିବା ପରେ ସେ ଘରକଥା ଏକବାର ଭୁଲିଗଲା । ଏବେ ତାର ପ୍ରଧାନ ଚିନ୍ତା ହେଲା ବାଟରେ କିପରି ଏଫିମକୁ ସନ୍ତୁଷ୍ଟ କରି ରଖିବ, କାହାରିକୁ କର୍କଶ କଥା କହିବ ନାହିଁ; ତୀର୍ଥରେ ପହଞ୍ଚି କିପରି ସୁଖଶାନ୍ତିରେ ଘରକୁ ଫେରି ଆସିବ । ବାଟରେ ଯାଉ ଯାଉ ଏଲିସା ମନେମନେ ଭଗବାନଙ୍କୁ ସ୍ତୁତି କରୁଥାଏ କିମ୍ବା ମହାପୁରୁଷଙ୍କ ଜୀବନୀ ମନେ ପକାଉଥାଏ । କାହାରି ସାଥିରେ ଦେଖାହେଲେ କିମ୍ବା ରାତିରେ କୌଣସିଠାରେ ବିଶ୍ରାମ ନେଲେ ସେ ଲୋକମାନଙ୍କ ସଙ୍ଗରେ ମଧୁର ଆଳାପ କରେ ବା ଧର୍ମକଥା କହେ । ଏହିପରି ସେ ଆନନ୍ଦରେ ସମୟ କଟାଉଥାଏ । କେବଳ ସେ ଗୋଟିଏ ଅଭ୍ୟାସ ଛାଡ଼ିପାରି ନ ଥିଲା । ନାସ ଶୁଙ୍ଘିବା ତାର ବହୁ ଦିନର ଅଭ୍ୟାସ । ନାସଦାନଟା ଘରେ ଛାଡ଼ି ଆସିଥିଲା । ତଥାପି ତାର ନାସ ଶୁଙ୍ଘିବାକୁ ମନ । ବାଟରେ କେହି ଟିକିଏ ନାସ ଦେଲେ ସେ ଏଫିମର ପଛରେ ରହିଯାଇ ଶୁଙ୍ଘେ ।

ଏଫିମ କାହାରି ଅନିଷ୍ଟ ଚିନ୍ତାକରେ ନାହିଁ; କିନ୍ତୁ ତାର ମନ ଆପଣା ଘରଚିନ୍ତାରେ ପୂରିଥାଏ । ବାଟରେ ଯାଉ ଯାଉ ସେ ପୁଅକୁ ଆଉ କଅଣ ଉପଦେଶ ଦେଇଥାନ୍ତା ତାହା ଭାବୁଥାଏ । ତାର ମନରେ

Digitized by srujanika@gmail.com

ସନ୍ଦେହ ହେଉଥାଏ, ପୁଅ ସବୁ କାମ ଠିକ୍‌ଠିକ୍ ତୁଲେଇ ପାରୁଥିବ କି ନା । ବାଟରେ କେଉଁଠି ଆକୁ ଲଗା ହେଉଥିବା କମ୍ପା କ୍ଷେତରେ ଖତ ଦିଆଯାଉଥିବାର ଦେଖିଲେ ସେ ଭାବେ—ପୁଅ ଏହିପରି କରୁଥିବ ତ ! ବେଳେବେଳେ ତାର ମନେହୁଏ, ଘରକୁ ଫେରିଯାଇ ପୁଅକୁ କାମ ଶିଖାଇ ଦିଅନ୍ତା, ନୋହିଲେ ନିଜେ କରନ୍ତା ।

ପାଞ୍ଚସପ୍ତାହ ଯାଏ ଦୁହେଁ ଏହିପରି ଚାଲିଲେ । ବାଟଚାଲିରେ ସେମାନଙ୍କର ଜୋତା ଛିଣ୍ଡି ଯାଉଥିବାରୁ ମଝିରେ ମଝିରେ ଜୋତା କିଣିବାକୁ ପଡୁଥିଲା । ଯାହା ହେଉ ସେମାନେ ଏବେ ଲିଟିଲିରୁସିଆ ଅଞ୍ଚଳରେ ପହଞ୍ଚିଲେ । ଏ ପର୍ଯ୍ୟନ୍ତ ସେମାନଙ୍କୁ ବାଟରେ ନିଜନିଜର ଖାଇବା ଜିନିଷ କିଣିବାକୁ ହେଉଥିଲା, ରହିବାକୁ ଘରଭଡ଼ା ଦେବାକୁ ପଡ଼ୁଥିଲା । ମାତ୍ର ଏ ଅଞ୍ଚଳର ଲୋକେ ତୀର୍ଥଯାତ୍ରୀ ଦୁହିଁଙ୍କୁ ଘରକୁ ଡାକିନେଇ ଖାଇବାକୁ ଦେଲେ । ଘରେ ସେମାନଙ୍କୁ କିଛି ସମୟ ରଖି ନିଜକୁ ଧନ୍ୟ ମନେ କଲେ । ଏମାନେ ପଇସା ଯାଚିଲେ କେହି ନେଉ ନ ଥିଲେ । ଏହାଛଡ଼ା ସେମାନଙ୍କ ଘରୁ ବିଦାୟ ନେଇ ଗଲାବେଳେ ସେମାନେ ତୀର୍ଥଯାତ୍ରୀଙ୍କ ଥଳିରେ କିଛି ଖାଦ୍ୟ ବଳେ ବଳେ ଭର୍ତ୍ତିକରି ଦେଉଥିଲେ ।

ଏହିପରି ଆତିଥ୍ୟ ମିଳିବାରୁ ସେମାନେ ବିନା ଖର୍ଚ୍ଚରେ ପ୍ରାୟ ପାଞ୍ଚଶ ମାଇଲ ଚାଲିଲେ । ଆଉରି ଗୋଟିଏ ଅଞ୍ଚଳ ପାରି ହେବା ପରେ ସେମାନେ ଯେଉଁଠାରେ ପହଞ୍ଚିଲେ ସେଠାରେ ସେବର୍ଷ କୃଷିହାନି ଘଟିଥିଲା । ତେଣୁ ଏଲିସା ଓ ଏଫିମ ବିନାବ୍ୟୟରେ ରହିବାକୁ ସ୍ଥାନ ପାଇଲେ; ମାତ୍ର ଖାଇବାକୁ ପାଇ ପାରିଲେ ନାହିଁ । ସେମାନେ ନିଜ ନିଜର ଖାଦ୍ୟ କିଣି ଖାଇଲେ । ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବେଶି ଥିଲା । ପୁଣି ସ୍ଥାନେ ସ୍ଥାନେ ପଇସା ଦେଲେ ମଧ୍ୟ ଜିନିଷ

Digitized by srujanika@gmail.com

ମିଳୁ ନ ଥିଲା । ସେମାନେ ଲୋକଙ୍କଠାରୁ ଶୁଣିଲେ ଯେ ଏହାର ପୂର୍ବବର୍ଷ ଆଦୌ ଫସଲ ନ ହେବାରୁ ଧନୀଲୋକେ ଗରିବ ହୋଇଯାଇଥିଲେ । ବାଧ୍ୟ ହୋଇ ସେମାନଙ୍କୁ ସମ୍ପତ୍ତି ଦେଇ ଜୀବନ ରକ୍ଷିବାକୁ ପଡ଼ିଲା । ମଧ୍ୟବିତ୍ତ ପରିବାର ଗୁଡ଼ିକ ଛାରଖାର ହୋଇଗଲେ । ଗରିବମାନଙ୍କ ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଲା । ସେମାନେ ଘରଦ୍ୱାର ଛାଡ଼ି କଏ କୁଆଡ଼େ ପଳାଇଲେ । ଯେଉଁମାନେ ପଳାଇ ଯାଇ ନ ଥିଲେ ସେମାନେ ଭିକ ମାଗି ବୁଲିଲେ, ନୋହିଲେ ଘର କଣରେ ପଡ଼ି କୌଣସି ଉପାୟରେ ପଡ଼ି ମଲେ । ପ୍ରାଣ ବଞ୍ଚାଇବା ପାଇଁ ଲୋକେ ଚଷୁ, କୁଣ୍ଡା, ଘାସ ମଧ୍ୟ ଖାଇଲେ ।

ଯାତ୍ରୀ ଦୁହେଁ ଦିନେ ରାତିରେ ଗୋଟିଏ ଛୋଟ ଗ୍ରାମରେ ଆଶ୍ରୟ ନେଲେ । ସେଠାରୁ ସେମାନେ କିଛି ଦିନ ସକାଳେ ରୁଟି କିଣିଲେ । ସକାଳୁ ସେମାନେ ଯିବାକୁ ବାହାରି ପଡ଼ିଲେ । ପ୍ରାୟ ଆଠମାଇଲ ଯିବା ପରେ ଗୋଟିଏ ଛୋଟ ନଈ ପଡ଼ିଲା । ଦୁହେଁଯାକ ନଈକୂଳରେ ବିଶ୍ରାମ ନେଲେ । ନଈରୁ ପାଣି ଆଣି ସେଥିରେ ରୁଟି ବତୁରାଇ ଖାଇଲେ । କିଛି ସମୟ ପରେ ପୁଣି ଯିବାକୁ ବାହାରିଲା ବେଳକୁ ଏଲିସା ଶୁଙ୍ଘିବା ପାଇଁ ଟିକିଏ ନାସ ବାହାରକଲା । ତାହା ଦେଖି ଏଫିମ ମୁହଁ ବୁଲାଇ ଦେଲା । ସେ କହିଲା, "ନାସ ଶୁଙ୍ଘିବାଟା ଗୋଟାଏ ଖରାପ ଅଭ୍ୟାସ । ଏତିକ ଛାଡ଼ି ପାରୁ ନାହିଁ ।" ଏଲିସା ଉତ୍ତର କଲା, "ହଁ, କଅଣ କରିବି ? ଅଭ୍ୟାସ ରହି ଯାଇଛି । ମନ୍ଦ ଅଭ୍ୟାସର ବଳ ମୋ ବଳଠାରୁ ବେଶି ।"

ସେଠାରୁ ପ୍ରାୟ ଆଠମାଇଲ ଯିବାପରେ ସେମାନେ ଗୋଟିଏ ବଡ଼ ଗ୍ରାମରେ ପହଞ୍ଚିଲେ । ସେମାନେ ଗ୍ରାମ ଦାଣ୍ଡରେ ଚାଲୁଥାନ୍ତି । ସେତେବେଳକୁ ଖରାର ତେଜ ବଢ଼ି ଯାଇଥାଏ । କ୍ଳାନ୍ତ ହୋଇଥିବାରୁ

Digitized by srujanika@gmail.com

ଏଲିସାର ଇଚ୍ଛା, ସେଠାରେ କିଛି ସମୟ ବିଶ୍ରାମନେଇ ପାଣି ପିଇ ଯିବେ; କିନ୍ତୁ ଏଫିମ କ୍ଳାନ୍ତ ହୋଇ ନ ଥିଲା । ବିଶ୍ରାମ ନେବାକୁ ତାର ଇଚ୍ଛା ନ ଥାଏ । ସେ ଆଗେ ଆଗେ ଚାଲୁଥାଏ; ଏଲିସାକୁ ତା ପଛରେ ଧାଇଁବାକୁ କଷ୍ଟ ହେଉଥାଏ ।

ଶେଷକୁ ଏଲିସା କହିଲା, "ମୋତେ ଶୋଷ ହେଉଛି । ମୁଁ ପାଣି ପାଏରେଁ, ତାପରେ ଯିବା ।" ମାତ୍ର ଏଫିମ କହିଲା, "ମୋର ପିଇବାକୁ ମୋଟେ ଇଚ୍ଛା ନାହିଁ । ତୁମେ ପିଇବ ତ ପିଅ ।" ଏଲିସା ପୁଣି କହିଲା, "ହଉ ତୁମେ ଧୀରେ ଧୀରେ ଚାଲୁଥାଅ; ଏ ଯେଉଁ ଛୋଟ ଘରଟି ଦିଶୁଛି, ସେଠାରେ ପାଣି ପିଇ ଦେଇ ମୁଁ ତୁମ ସାଥିରେ ମିଶିଯିବି ।"

ଏଫିମ ଏଥିରେ ଆପତ୍ତି ନ କରି ଏକା ଏକା ଚାଲିଲା । ଏଲିସା ପାଣି ପିଇବାପାଇଁ ସେହି ଘର ଆଡ଼କୁ ଗଲା ।

ଘରଟି ନିହାତି ଛୋଟ । କାନ୍ଥରେ ମାଟି ଲିପା ହୋଇଥିଲା; ସେଥିରୁ କେତେ ଜାଗାରେ ମାଟି ଛାଡ଼ି ପଡ଼ିଥିଲା । ଏଥିରୁ ଜଣା ପଡ଼ୁଥିଲା, ଅନେକ ଦିନ ହେଲା ଘରର କାନ୍ଥ ଲିପା ହୋଇ ନ ଥିଲା । ଚାଳରୁ ଖଣ୍ଡେ ଉଡ଼ି ଯାଇଥିଲା । ଅଗଣାବାଟେ ଘରକୁ ଯିବାକୁ ହେଉଥିଲା । ଏଲିସା ଅଗଣାକୁ ପଶିଯାଇ ଦେଖିଲା, ଘର ଚୁଲିପାଖେ ମାଟିର ଗୋଟାଏ ହୁଡ଼ା । ସେଇ ହୁଡ଼ା ପାଖରେ ଜଣେ ଲୋକ ଶୋଇଛି । ଲୋକଟିର ଶରୀର ନିତାନ୍ତ ଜୀର୍ଣ୍ଣଶୀର୍ଣ୍ଣ; ମୁହଁରେ ଦାଢ଼ି ନାହିଁ । ତାର କମିଜର ତଳ ଅଂଶଟି ପାଇଜାମା ଭିତରେ ପଶିଛି । ଏଲିସା ଅନୁମାନ କଲା; ଲୋକଟି ପ୍ରଥମେ ଘରର ଛାଇରେ ଶୋଇଥିଲା; କିନ୍ତୁ ସୂର୍ଯ୍ୟ ଆକାଶରେ ଉପରକୁ ଉଠିବାରୁ ତାର ଦେହରେ ଖରା ପଡ଼ୁଛି । ଲୋକଟି ନିଦରେ ଶୋଇଥିଲା । ଏଲିସା

Digitized by srujanika@gmail.com

ସେହି ଲୋକକୁ ଡାକ ପାଣି ମାଗିଲା; କିନ୍ତୁ କୌଣସି ଉତ୍ତର ପାଇଲା ନାହିଁ ।

ଏଲିସା ମନେ ମନେ ସ୍ଥିର କଲା ଯେ ଲୋକଟି ହୁଏତ ରୋଗରେ ପଡ଼ିଛି; କିମ୍ବା ନହାତ ନିର୍ଦ୍ଦୟ ପ୍ରକୃତିର ଲୋକ । ସେ ଦୁଆର ମୁହଁକୁ ଯାଇ ଘର ଭିତରେ ଗୋଟିଏ ପିଲା କାନ୍ଦୁଥିବାର ଶୁଣିପାରିଲା । କବାଟର ଜଞ୍ଜିରକୁ ଠକ ଠକ କରି ସେ ପଚାରିଲା, "ଏ ଘରେ କିଏ ଅଛି ?" କିନ୍ତୁ କିଛି ଉତ୍ତର ମିଳିଲା ନାହିଁ । ସେ ଖୁବ୍ ଜୋରରେ ଜଞ୍ଜିରରେ ଶବ୍ଦକରି ପୁଣି ଡାକିଲା, "ହେ ଖ୍ରୀଷ୍ଟିଆନ ଭାଇ !" ତଥାପି କିଛି ଉତ୍ତର ମିଳିଲା ନାହିଁ । ଏଲିସା ଆଉଥରେ ଡାକିଲା, "ହେ ଧର୍ମପରାୟଣ ଭକ୍ତ, ଏ ଘରେ କିଏ ଅଛ ? ଶୁଣ ।" ମାତ୍ର ଏଲିଶା କୌଣସି ଉତ୍ତର ପାଇଲା ନାହିଁ ।

ସେ ନିରାଶ ହୋଇ ଫେରି ଯିବାକୁ ବାହାରିଲା । ଏତିକି ବେଳେ ଘର ଭିତରେ କବାଟପାଖେ କିଏ ଗଁ ଗଁ ହେଉଥିବାର ଶୁଣାଗଲା । ସେ ଭାବିଲା, "ବୋଧହୁଏ ଏ ଘରର ଲୋକେ କୌଣସି ବିପତ୍ତିରେ ପଡ଼ିଛନ୍ତି । ଯାଇ ଦେଖିବା ଉଚିତ ।" ଏହାପରେ ଭାବି ସେ କବାଟ ଠେଲି ଘର ଭିତରକୁ ପଶିଗଲା ।

ଘରର ବାଁ ପାଖରେ ଗୋଟି ଚୁଲି ଓ ସାମନା କାନ୍ଥରେ ଠାକୁରଙ୍କ ରଖିବାପାଇଁ ଗୋଟିଏ ଥାକ ଥିଲା । ଆଗରେ ଗୋଟିଏ ଟେବୁଲ ପାଖରେ ବେଞ୍ଚଟିଏ ପଡ଼ିଥିଲା । ବେଞ୍ଚଉପରେ ଗୋଟିଏ ବୁଢ଼ୀ ବସି ମୁଣ୍ଡଟିକୁ ଟେବୁଲ ଉପରେ ରଖିଥିଲା । ତା ପାଖରେ ଥିଲା ଗୋଟିଏ ଛୋଟ ପିଲା । ପିଲାଟିର ଦେହ ଶୋଷା ହୋଇ ଯାଇଥାଏ ଓ ତାର ପେଟ ଫୁଲିଲା ପରି ଦିଶୁଥାଏ । ଏହି ପିଲାଟି କାନ୍ଦି କାନ୍ଦି ବୁଢ଼ୀକୁ କଅଣ ମାଗୁଥାଏ । ଘର ଭିତରେ ପଶିଲା ମାତ୍ରେ ଏଲିସା ନାକରେ

Digitized by srujanika@gmail.com

ଗୋଟାଏ ଦୁର୍ଗନ୍ଧ ଅନୁଭବ କଲା । ସେ ଘର ଭିତରଟା ଭଲରୂପେ ଦେଖିଲା । ଚାଲିର ପଛ ପଟେ ଜଣେ ସ୍ତ୍ରୀଲୋକ ପଡ଼ିଥିବାର ସେ ଦେଖି ପାରିଲା । ତାର ଆଖି ବନ୍ଦ ଥିଲା ଓ ଯନ୍ତ୍ରଣାରେ ହାତଗୋଡ଼ ଛଟପଟ ହେଉଥିଲା । ଏହାରିଠାରୁ ସେ ଦୁର୍ଗନ୍ଧ ବାହାରୁ ଥିଲା । ସ୍ତ୍ରୀ ଲୋକଟିର କିଛି ହେଲେ କରିବା ପାଇଁ ଦେହରେ ବଳ ନ ଥିଲା । ତାକୁ ସାହାଯ୍ୟ କରିବାକୁ କେହି ନ ଥିଲେ । ବୁଢ଼ୀ ଟେବୁଲ ଉପରୁ ଟିକିଏ ମୁଣ୍ଡଟି ଟେକି ଏଲିସା ଆଡ଼କୁ ଚାହିଁ ପଚାରିଲା, "ତୁମେ କଅଣ ପାଇଁ ଆସିଛ ? ଆମର କିଛି ହେଲେ ନାହିଁ ।"

ଏଲିସା—ମୁଁ ପାଣି ପିଇବାପାଇଁ ଆସିଥିଲି ।

ବୁଢ଼ୀ—ପାଣି ଦେବାକୁ ଏଠାରେ କେହି ନାହାନ୍ତି । ପାଣି ଆଣିବାକୁ ଆମର କିଛି ନାହିଁ । ତୁମେ ଚାଲିଯାଅ ।

ଏଲିସା—ଏ ସ୍ତ୍ରୀ ଲୋକଟି ଏପରି ବଡ଼ କଷ୍ଟ ପାଉଛି । ତା କଥା ବୁଝିବାକୁ କଅଣ ଘରେ କାହାରି ବଳ ନାହିଁ ?

ବୁଢ଼ୀ—ତା କଥା ବୁଝିବାକୁ କିଏ ଅଛି ? କେହି ବୋଲି କେହି ନାହିଁ । ଦୁଆର ମୁହଁରେ ମୋର ପୁଅ ପଦାରେ ପଡ଼ି ପଡ଼ି ମରୁଛି । ଘର ଭିତରେ ଆମେ ମରୁଛୁ । କିଏ କାହା କଥା ବୁଝିବ କିପରି ?

ପିଲାଟି ଗୋଟିଏ ଅଚିହ୍ନା ଲୋକକୁ ଘର ଭିତରେ ଦେଖି କାନ୍ଦ ବନ୍ଦ କରି ଦେଇଥିଲା । ବୁଢ଼ୀ ତାହା ସଙ୍ଗେ କଥାବାର୍ତ୍ତା କଲା-ବେଳକୁ ସେ ପୁଣି କାନ୍ଦ ଉଠିଲା । ବୁଢ଼ୀର କାନ ଓଟାରି ଓଟାରି ସେ କହିଲା; "ଆଈ, ରୁଟି ଦେ, ଖାଇବି, ରୁଟି ଦେ ।"

ଏଲିସା ବୁଢ଼ୀକୁ ଆଉ କିଛି ପଚାରିଥାନ୍ତା; କିନ୍ତୁ ଏହି ସମୟରେ ବାହାରେ ଖସରେ ପଡ଼ିଥିବା ଲୋକଟି ଧୁଷୁଡ଼ି ଧୁଷୁଡ଼ି

Digitized by srujanika@gmail.com

ଘର ଭିତରକୁ ଆସିଲା । କାନ୍ଥ ଧରି ଆସୁ ଆସୁ ସେ ଏରୁଣ୍ଡି ପାଖରେ ପଡ଼ିଗଲା । ଉଠି ଛିଡ଼ା ହେବାର ଚେଷ୍ଟା ନ କରି ସେ ଅତି ଧୀର ସ୍ୱରରେ କହିଲା, "ଆମେ—ସମସ୍ତେ—ରୋଗରେ··ପଡ଼ିଛୁ । ଖାଇବା—ବିନା—ଆମର—ପ୍ରାଣ—ଯାଉଛି ।"

ସେ ଏତେ ଦୁର୍ବଳ ହୋଇ ପଡ଼ିଥାଏ ଯେ ପଦେ କଥା କହିବାକୁ ସୁଦ୍ଧା ତାର କଷ୍ଟ ହେଉଥାଏ । ସେ ଆଉ କିଛି ନ କହି ପିଲାଟି ଆଡ଼କୁ ହାତ ଦେଖାଇ କାନ୍ଦିଲା ।

କାନ୍ଧରୁ ଥଳୀଟି ଆଣି ଏଲିସା ବେଞ୍ଚ ଉପରେ ରଖିଲା । ତାକୁ ଫିଟାଇ ସେଥିରୁ ଗୋଟିଏ ରୁଟି ବାହାର କଲା । ଛୁରୀରେ ରୁଟିଟି କାଟି ସେଥିରୁ ଖଣ୍ଡିଏ ସେହି ଲୋକକୁ ଯାଚିଲା । ମାତ୍ର ସେ ତାହାକୁ ନେଲା ନାହିଁ । କିଛି ନ କହି ସେ କେବଳ ଶ୍ରେଷ୍ଠ ପୁଅ ଆଡ଼କୁ ଓ ଚୁଲି ପଛ ପଟେ ପଡ଼ିଥିବା ଝିଅ ଆଡ଼କୁ ହାତରେ ଠାରିଲା । ଏଲିଶା ଲୋକଟିର ମନକଥା ବୁଝିପାରି ଖଣ୍ଡିଏ ଶ୍ରେଷ୍ଠ ରୁଟି ପୁଅଟିକୁ ଯାଚିଲା । ପିଲାଟି ଦୁଇ ହାତ ବଢ଼ାଇ ସେ ଖଣ୍ଡିକ ନେଇଗଲା ଓ ସଙ୍ଗେସଙ୍ଗେ କାମୁଡ଼ି ଖାଇବାରେ ଲାଗିଲା । ଶ୍ରେଷ୍ଠ ଝିଅଟି ଚୁଲି ପଛରୁ ଧୀରେ ଧୀରେ ଆସି ରୁଟି ଖଣ୍ଡିକୁ ଚାହିଁ ରହିଲା । ଏଲିସା ତାକୁ ଖଣ୍ଡିଏ ଦେଲା । ଏହାପରେ ସେ ଖଣ୍ଡିଏ ରୁଟି କାଟି ବୁଢ଼ୀକୁ ଦେଲା । ବୁଢ଼ୀ ମଧ୍ୟ ପିଲାଙ୍କ ପରି ସେ ଖଣ୍ଡିକ ଖାଇଦେଲା ।

ରୁଟି ଖାଇବାପରେ ବୁଢ଼ୀ କହିଲା, "କେମିତି ପାଣି ମିଳାଏ ଆସନ୍ତା କି ? ସମସ୍ତଙ୍କର ତଣ୍ଟି ଶୁଖି ଯାଉଛି । ଆଜି କି କାଲି ମୁଁ ଘଡ଼ିଧରି ପାଣି ଆଣିବାକୁ ଯାଉଥିଲି । ବାଟରେ ପଡ଼ିଗଲି । ଆଉ ଯାଇ ପାରିଲି ନାହିଁ । ଘଡ଼ିଟା କେଉଁଠି ପଡ଼ିଥିଲା । କେହି ନେଇ ଯାଇ ନ ଥିଲେ ସେଇଠି ପଡ଼ିଥିବ ।"

Digitized by srujanika@gmail.com

ଏଲିସା ବୁଢ଼ୀକୁ ପର୍ବତର କୂଅ ପାଖକୁ ଗଲା । ଯାଉ ଯାଉ ବାଟରୁ ଘଡ଼ଟା ମିଳିଗଲା । ସେଥିରେ ସେ କୂଅରୁ କିଛି ପାଣି ଆଣି ସମସ୍ତଙ୍କୁ ପିଇବାକୁ ଦେଲା । ବୁଢ଼ୀ ଓ ପିଲାମାନେ ଆଉ କିଛି ରୁଟି ଖାଇ ପୁଣି ପାଣି ପିଇଲେ । ମାତ୍ର ପୁରୁଷ ଲୋକଟି କିଛି ଖାଇଲା ନାହିଁ ।

ସ୍ତ୍ରୀ ଲୋକଟି ଅଚେତା ହେଲାପରି ପଡ଼ି ଛଟପଟ ହେଉଥାଏ । ଏଲିସା ବୁଝିପାରିଲା, ଏ ସମସ୍ତଙ୍କର ପ୍ରଧାନ ରୋଗ ହେଉଛି ଖାଇବାର ଅଭାବ । ସେ ଗାଁର ଦୋକାନକୁ ଯାଇ ମଇଦା, ଲୁଣ ପ୍ରଭୃତି କିଣି ଆଣିଲା । ଘରୁ କୁରାଢ଼ି ନେଇ କିଛି କାଠ ଚିରି ଚୁଲି ଲଗାଇଲା । ଝିଅଟି ଆସି ତାକୁ କାମରେ ସାହାଯ୍ୟ କଲା । ଏହିପରି ସେ କିଛି ଜାଉ ତିଆରି କରି ସମସ୍ତଙ୍କୁ ଖାଇବାକୁ ଦେଲା ।

ଏଥର ପୁରୁଷ ଲୋକଟି ସାମାନ୍ୟ ଖାଇଲା । ବୁଢ଼ୀ ମଧ୍ୟ କିଛି ଖାଇଲା । ପିଲାଦିଓଟି ଜାଉ ଖାଇସାରି ଗିନାକୁ ଚାଟି ଚାଟି ସଫା କରିଦେଲେ । ତାହାପରେ ସେ ଦୁହେଁଯାକ ଶୋଇପଡ଼ିଲେ ।

ଏହାପରେ ବୁଢ଼ୀ ଓ ସେ ଲୋକଟି ଏଲିସାକୁ ସେମାନଙ୍କ ଦୁଃଖର କାହାଣୀ କହିବାକୁ ଲାଗିଲେ । ବୁଢ଼ୀ ଆରମ୍ଭ କଲା—

"ସହଜେ ଆମର ଗରିବ ଘର । ଫସଲ ଆଦୌ ହେଲା ନାହିଁ । ତେଣୁ ଶରତଋତୁ ବେଳକୁ ଆମର ଖାଇବା ଜିନିଷ ସରି- ଆସିଲା । ଶୀତଋତୁ ଆସିଲା । ଘର ଏକବାରେ ଶୂନ୍ୟ । ଆମେ ଭିକ ମାଗି ବାହାରିଲୁ । ପ୍ରଥମେ ପ୍ରଥମେ କିଛି କିଛି ଭିକ ମିଳୁଥିଲା । ଚେଣିକି ଭିକ ମିଳିଲା ନାହିଁ । ଆମପ୍ରତି ଯେ କାହାର ଦୟା ନଥିଲା, ତା ନୁହେଁ । ପ୍ରକୃତ କଥା ହେଲା—ନିଜର ତ ଖାଇବାକୁ ନାହିଁ । ଆମକୁ କାହୁଁ ଦେବେ ? ଆଗରୁ ସଭିଙ୍କଠାରୁ ଧାର ଉଧାର କରି

Digitized by srujanika@gmail.com

ଯାଉଥିଲୁ । କାହାଠାରୁ ଟଙ୍କାପଇସା, କାହାଠାରୁ ରୁଟି, ଅଟା, କାହାଠାରୁ ଅବା ଗହମ । ଆଉ ଧାର ଦେବ କିଏ ?"

ପୁରୁଷ ଲୋକଟି କହିଲା, "ମୁଁ ମଜୁରି ଲଗିବାକୁ ଗାଁ ଗାଁ ବୁଲିଲି; କିନ୍ତୁ କୌଣସିଠାରେ କାମ ମିଳିଲା ନାହିଁ । କେବଳ ପେଟକୁ ମୁଠାଏ ଖାଇବାପାଇଁ ବହୁତ ଲୋକ କାମ କରିବାକୁ ଅଥୟ ହେଉଥାନ୍ତି । ଦିନେ କାମ ମିଳିଗଲା ତ ତାର ପର ଦୁଇ ତିନି ଦିନ କାମ ଖୋଜିବାରେ ଯାଏ । ବୁଢ଼ୀ ଆଉ ଏ ଝିଅ ଖୁବ୍ ଦୂର ଗାଆଁକୁ ଭିକ ମାଗିଗଲେ; କିନ୍ତୁ ସେଠାରେ ମଧ୍ୟ ଅଭାବ । ତେଣୁ ସେମାନେ ଅତି ସାମାନ୍ୟ ଭିକ ପାଆନ୍ତି । ତାକୁହିଁ ଦିନେ ଖାଇ, ଦୁଇଦିନ ଉପାସ ରହି କୌଣସିମତେ ଜୀବନ ରଖିବାର ଚେଷ୍ଟା କରୁଥାଉଁ । ଗୋଟାଏ ଆଶା ଥାଏ, ଆସନ୍ତା ଫସଲ ଆମଦାନୀଯାଏ ବଞ୍ଚିଗଲେ ହେଲା । ତେଣିକି ଖାଇବାକୁ ମିଳିବ । କିନ୍ତୁ ବସନ୍ତଋତୁ ଆସିଲା ବେଳକୁ ଆଦୌ ଭିକ ମିଳିଲା ନାହିଁ । ଖାଇବା ଅଭାବରୁ ଆମକୁ ନାନା ରୋଗ ଧରିଲା । କିଛି ନ ମିଳିବାରୁ ଆମେ ଘାସ ସୁଦ୍ଧା ଖାଇଲୁ । ହୁଏ ତ ଏଇ ଘାସ ଖାଇବାହେତୁରୁ ମୋ ସ୍ତ୍ରୀର ରୋଗ ହେଲା । ସେ ଆଉ ଗୁଲି ପାରିଲା ନାହିଁ । ଏପରିକି ଛିଡ଼ା ହେବାକୁ ତାର ଦେହରେ ବଳ ରହିଲା ନାହିଁ । ମୋର ଅବସ୍ଥା ମଧ୍ୟ ସେହିପରି ହୋଇଆସିଲା ।"

ବୁଢ଼ୀ କହିଲା, "ଜୀବନ ବଞ୍ଚାଇବାକୁ ମୁଁ ଊଣା ଚେଷ୍ଟା କରିନାହିଁ । ଖାଇବା ବିନା ମୁଁ ବଡ଼ ଦୁର୍ବଳ ହୋଇ ପଡ଼ିଲି । ହାତ ଗୋଡ଼ ଚଳିଲା ନାହିଁ । ଏ ଝିଅ ମଧ୍ୟ ସେହିପରି ଦୁର୍ବଳ ହୋଇ ପଡ଼ିଲା । ଆମ ପଡ଼ିଶାଙ୍କ ଘରୁ କିଛି ମାଗି ଖାଇବାକୁ ଦିବାପାଇଁ ମୁଁ ତାକୁ କହିଲି । ସେ ଘରୁ ବାହାରି ପାରିଲା ନାହିଁ । ଦୁଇ ଦିନ ତଳେ

Digitized by srujanika@gmail.com

ଆମର ଜଣେ ପଡ଼ୋଶୀ ଏଠାକୁ ଆସିଥିଲେ । ସେ ଆମର ଅବସ୍ଥା ଦେଖି ମୁହଁ ବୁଲେଇ ଚାଲିଗଲେ । ତାଙ୍କର ସ୍ୱାମୀ ଘର ଛାଡ଼ି କୁଆଡ଼େ ପଳାଇ ଯାଇଛନ୍ତି । ତାଙ୍କର ନିଜ ପିଲାଙ୍କୁ ଖାଇବାକୁ ଦେଇ ପାରୁନାହାନ୍ତି । ସେ ଆମକୁ କଅଣ ସାହାଯ୍ୟ କରନ୍ତେ ?"

ଏଲିସା ଏମାନଙ୍କର କଥା ଶୁଣି ସେ ଦିନ ଯାଇ ଏଫିମ ସାଥିରେ ମିଶିବାର ଆଶା ଛାଡ଼ିଦେଲା । ରାତିଯାକ ସେ ଏହିମାନଙ୍କ ପାଖରେ ରହିଲା । ସକାଳୁ ଉଠି ସେ ଘର କାମରେ ଲାଗିଗଲା । ବୁଢ଼ୀ ଅଣ୍ଟା ଟେକି ଚୁଲି ଲଗାଇ ଦେଲା । ସାନ ଝିଅଟିକୁ ସାଥିରେ ନେଇ ଏଲିସା ଦୋକାନରୁ କେତେକ ଅତି ଦରକାରୀ ଜିନିଷ କିଣି ଆଣିଲା । ଏଥିପୂର୍ବରୁ ଖାଇବା ମୁଠାକ ପାଇଁ ଘରର ବାସନକୁସନ, ଲୁଗାପଟା ମଧ୍ୟ ବିକି ହୋଇ ଯାଇଥିଲା । ତେଣୁ ଏଲିସା ଘରର ବ୍ୟବହାର ପାଇଁ କେତେକ ଦରକାରୀ ଜିନିଷ କିଣି ଆଣିଲା । ଏହିପରି ସେ ସେଠାରେ ତିନିଦିନଯାଏ ରହିଗଲା । ସାନ ପୁଅଟି ଦେହରେ ଟିକିଏ ବଳ ଆସିଗଲା । ଏଲିସା ବେଞ୍ଚରେ ବସିଥିଲାବେଳେ ସେ ଆସି ତା ପାଖରେ ବସେ । ସାନ ଝିଅଟିର ଚେହେରା ଏଥିମଧ୍ୟରେ ବଦଳି ଯାଇଥିଲା । ସେ ଏଲିସାକୁ 'ମଉସା', 'ମଉସା' ଡାକି ତାକୁ ସବୁ କାମରେ ସାହାଯ୍ୟ କରୁଥାଏ ।

ବୁଢ଼ୀ ଦେହରେ ଟିକିଏ ବଳ ଆସିଯିବାରୁ ସେ ପଡ଼ୋଶୀ-ଘରକୁ ଯିବା ଆସିବା କଲାଣି । ଲୋକଟିର ଦେହ ମଧ୍ୟ ଭଲ ହୋଇ ଆସିଲା । ସେ ମଧ୍ୟ ଚାଲିବୁଲି ହୋଇ ପାରିଲା । କେବଳ ସ୍ତ୍ରୀଲୋକଟି ଉଠିବସି ପାରୁ ନଥାଏ । ତିନି ଦିନ ପରେ ତାର ଅବସ୍ଥା ମଧ୍ୟ ଟିକିଏ ଭଲ ହୋଇଗଲା ଓ ସେ କିଛି ଖାଇଲା ।

Digitized by srujanika@gmail.com

ଏଲିସା ମନେ ମନେ ଭାବିଲା—ମୁଁ ଏପରି ଦିନେବିନ ଅଟକି-ଯିବି ବୋଲି ଜାଣି ନଥିଲି । ଏମିତି କେତେଦୂର ଗଡ଼ିଯିବଣି । ଏବେ ମୋର ଏଠାରୁ ବାହାରିଯିବା ଦରକାର ।

ଏଲିସା ସେଠାରେ ରହିବାର ଚତୁର୍ଥ ଦିନ ଗୋଟାଏ ପର୍ବ ହୋଇଥାଏ । ସେ ଏହି ପରିବାର ସହିତ ସେହି ପର୍ବ ଦିନଟି କଟାଇବ ବୋଲି ସ୍ଥିର କଲା । ତାର ଇଚ୍ଛା, ପର୍ବ ଉପଲକ୍ଷେ ଭଲ ଖିଆପିଆ ହେବ । ତାପରେ ଉପରବେଳା ସେ ବାହାରିଯିବ ।

ସେ ଗାଆଁ ଦୋକାନକୁ ଯାଇ ମଇଦା, ଘିଅ, ଦୁଧ ପ୍ରଭୃତି କିଣି ଆଣିଲା । ପର୍ବ ପାଇଁ ସେ ବୁଢ଼ୀ ସାହାଯ୍ୟରେ ପିଠା ତିଆରି କରି ରଖିଲା । ପରଦିନ ସକାଳେ ଗୀର୍ଜାରେ ପ୍ରାର୍ଥନା ସାରି ଏଲିସା ସେମାନଙ୍କ ସଙ୍ଗରେ ବସି ଖାଇଲା । ସେ ଦିନ ସ୍ତ୍ରୀଲୋକଟିର ଦେହରେ ଟିକିଏ ବଳ ଆସିଥିଲା । ସେ କିଛିଦୂର ବୁଲିବୁଲି କରି ପାରିଲା । ତାର ସ୍ୱାମୀ କ୍ଷୌର ହୋଇ ସଫାସୁତୁରା ହେଲା । ବୁଢ଼ୀ ଖଣ୍ଡିଏ କମିଜ ସଫାକରି ରଖିଥିଲା । ତାକୁ ନେଇ ସେ ପିନ୍ଧିଲା । ଗ୍ରାମର ଜଣେ ଧନୀ କୃଷକ ପାଖରେ ତାର ଚଷଜମି ଖଣ୍ଡିକ ବନ୍ଧକ ରହିଥିଲା । ଫସଲ ଉଠିବାଯାଏ ତାର ଜମିଖଣ୍ଡିକ ତାକୁ ଛାଡ଼ିଦେବା-ପାଇଁ ଅନୁରୋଧ କରିବାକୁ ସେ ସେହି କୃଷକ ପାଖକୁ ଗଲା । ସନ୍ଧ୍ୟାବେଳକୁ ସେ ଦୁଃଖରେ କାନ୍ଦି କାନ୍ଦି ଘରକୁ ଫେରି ଆସିଲା । ଧନୀ କୃଷକ ତା କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲା । ସେ କହିଲା, "ତୁମ ଉପରେ ଟଙ୍କା ବାକି ଥିବାଯାଏ ଜମି ଛାଡ଼ିଦେବି କିପରି ? ମୋ ଟଙ୍କା ଶୁଝିଦିଅ । ତେଣିକି ତୁମ ଜମି ତୁମର ।"

ଏଲିସା ସବୁ କଥା ଶୁଣି ମନେମନେ ଚିନ୍ତା କଲା, "ଏବେ ଏ ପ୍ରାଣୀଗୁଡ଼ିକ ବଞ୍ଚିବେ କିପରି ? ଫସଲ ହେବ । ଲୋକେ ଫସଲ

Digitized by srujanika@gmail.com

ଅମଳ କରିବେ, ନଡ଼ାପାଳ ସଞ୍ଚ ରଖିବେ; କିନ୍ତୁ ଏମାନେ କରିବେ କଅଣ ? ଏମାନଙ୍କର ତିନି ଏକରପାକ ଜମି ବନ୍ଧା ପଡ଼ିଛି । ଫସଲ ହେଲେ ମଧ୍ୟ ଏମାନଙ୍କର ଦୁଃଖ ଯିବ ନାହିଁ । ମୁଁ ତ ଚାଲିଯିବି । ତାହାପରେ ଏମାନଙ୍କର ଅବସ୍ଥା ଆଗରୁ ଯାହା ଥିଲା, ପୁଣି ତାହାହିଁ ହେବ ।”

ସେ ଯେଉଁଠାରୁ ଚାଲିଯିବା'କ ଏମାନଙ୍କର ବ୍ୟବସ୍ଥା କରିବାକୁ ରହିବ, ଏକଥା ବସି ଭାବିଲା । ସେ ଦିନ ଚାଲି ନଯାଇ ତା ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ ସ୍ଥିର କଲା । ଈଶ୍ୱରଙ୍କ ପ୍ରାର୍ଥନା ସାରି ସେ ଶୋଇବାକୁ ଗଲା । ଚିନ୍ତାରେ ତାକୁ ନିଦ ହେଲା ନାହିଁ । ପ୍ରଥମ ଚିନ୍ତା—ତାର ତୀର୍ଥକୁ ଯିବାର କଥା । ଏଠାରେ ଏତେଦିନ ରହି ଅନେକ ଖରଚ କରି ସାରିଲାଣି । ଦ୍ୱିତୀୟ ଚିନ୍ତା—ଏ ଲୋକ-ଗୁଡ଼ିକର ଦୁର୍ଦ୍ଦଶା କିପରି ମେଣ୍ଟିବ ?

ସେ ଭାବିଲା, “ମୁଁ ଯେଉଁ କାମରେ ଏବେ ପଶିଲିଣି, ତାର ଶେଷ କେଉଁଠି ? ପ୍ରଥମେ ମୁଁ ଭାବିଥିଲି, କିଛି ପାଣି ଆଣି ଏମାନଙ୍କୁ ମନାଏ ମନାଏ ପିଇବାକୁ ଦେବି ଓ ଖଣ୍ଡେ ଦୁଇଖଣ୍ଡ ରୁଟି ଦେଇ ଚାଲିଯିବି । ଏବେ ସେମାନଙ୍କର ବନ୍ଧା ପଡ଼ିଥିବା ଜମିଖଣ୍ଡିକ ମୁକୁଳାଇବା କଥା ବିଚାରୁଛି । ସେଥିକରେ ଯେ ସବୁ ସୁବିଧା ହୋଇଯିବ ତାହା ନୁହେ । ପିଲାଙ୍କ ପାଇଁ ଗୋଟିଏ ଗାଈ ଦରକାର; ଚାଷକାମ ପାଇଁ ଗାଡ଼ି ଘୋଡ଼ା ଦରକାର । ଦେଖୁଛି, ମୁଁ ମହା ଅଡୁଆରେ ପଡ଼ିଲି ।

ଏଲିସା କୁରୁତାଟିକୁ ମୁଣ୍ଡତଳେ ରଖି ଶୋଇଥିଲା । ତାହାକୁ ଖୋଲି ଟିକିଏ ନାସ ବାହାର କରି ଶୁଙ୍ଘିଲା । ତାର ଧାରଣା, ନାସ ଶୁଙ୍ଘିଲେ ଭଲ ବିଚାର କରି ହୁଏ; କିନ୍ତୁ ତାର ଚିନ୍ତାର ଧାରା

Digitized by srujanika@gmail.com

ଅଡ଼ୁଆ ହୋଇଗଲା ! ସେ କିଛି ଠିକ୍ କରି ପାରିଲା ନାହିଁ । ତାର ଚାଲିଯିବାର କଥା; କିନ୍ତୁ ଲୋକଗୁଡ଼ିକଙ୍କ ପ୍ରତି ଦୟାହେତୁ ଯାଇ ପାରୁ ନ ଥିଲା । ସେ କୁରୁତାଟି ଭାଙ୍ଗି ପୁଣି ମୁଣ୍ଡତଳେ ଦେଇ ଶୋଇଲା । ପାହାନ୍ତିଆ ବେଳକୁ ଟିକିଏ ଚାଇ ନିଦ ଲାଗି ଆସିଲା । ଏହି ସମୟରେ ସେ ଗୋଟିଏ ସ୍ୱପ୍ନ ଦେଖିଲା ।

ସେ ପିଠିରେ ଆପଣାର ଥଳୀଟି ପକାଇ ବାଡ଼ି ଧରି ଘରୁ ବାହାରି ଯାଉଛି । ଦାଣ୍ଡ କବାଟ ମେଲା । କବାଟ ପାର ହୋଇ ଗଲାବେଳକୁ ତାର ଥଳୀଟି କାନ୍ଥରେ ଲାଖିଗଲା । ଥଳୀ ଠିକ୍ କରି ପିଠିରେ ରଖିଲା ବେଳକୁ ତାର ଗୋଡ଼ ବନ୍ଧା ହୋଇଗଲା । ସେ ଦେଖିଲା, ସାନ ଝିଅଟି ଥଳୀକୁ ଧରି କହୁଛି, 'ମଉସା, ରୁଟି ଦିଅ, ମଉସା ରୁଟି ଦିଅ ?' ଗୋଡ଼ ତଳକୁ ଚାହିଁ ଦେଖିଲା, ଛୋଟ ପୁଅଟି ତାର ଗୋଡ଼ରେ ବନ୍ଧା ହୋଇଥିବା ପଟିକୁ ଧରି ଟାଣୁଛି । ସେ ପୁରୁଷ ଲୋକଟି ଓ ବୁଢ଼ୀ ତାକୁ ଝରକାବାଟେ ଚାହିଁ ରହିଛନ୍ତି ।

ଏଲିସାର ନିଦ ଭାଙ୍ଗିଗଲା । ସେ ମନେ ମନେ କହିଲା, "ଏମାନଙ୍କୁ ଏପରି ନିରାଶ୍ରୟ ଭାବରେ ଛାଡ଼ି ଚାଲିଯିବା ଅନ୍ୟାୟ ହେବ । କାଲି ଏମାନଙ୍କର ଜମିତକ ମୁକୁଳାଇ ଆଣିବି, ଗୋଟାଏ ଘୋଡ଼ା କିଣି ଦେବି । ଆସନ୍ତା ଫସଲ ଅମଳଯାଏ ଏମାନଙ୍କ ଚଳିବା ପାଇଁ ଅଟା କିଣି ଦେବି । ପିଲା ଦିଓଟିଙ୍କ ପାଇଁ ଗୋଟିଏ ଗାଈ କିଣିବା ନିହାତି ଦରକାର । ଏହା ନକଲେ ମୁଁ ସମୁଦ୍ର ପାର ହୋଇ ତୀର୍ଥରେ ପ୍ରଭୁଙ୍କୁ ଖୋଜୁ ଖୋଜୁ ମୋ ଅନ୍ତରରୁ ପ୍ରଭୁ କୁଆଡ଼େ ଚାଲିଯାଇଥିବେ ।"

ଆରଦିନ ସକାଳୁ ଏଲିସା ଧନୀ କୃଷକର ଘରକୁ ଯାଇ ତାର ଟଙ୍କା ଶୁଝିଦେଇ ଜମିତକ ମୁକୁଳାଇ ଆଣିଲା । ଘଣ୍ଟା, ଚାଷ

Digitized by srujanika@gmail.com

ଉପକରଣ କିଛି ନଥିଲା । ସବୁ ବିକ୍ରି ହୋଇ ଯାଇଥିଲା । ତେଣୁ ସେ ଖଣ୍ଡିଏ ଦାଆ କିଣି ଆଣି ଲୋକଟିକୁ ଦେଲା ଓ ତାକୁ ଘାସ କାଟିବାକୁ ପଠାଇ ଦେଲା । ଏହାପରେ ସେ ଗାଆଁ ଭିତରକୁ ଯାଇ ଶୁଣିଲା ଯେ ଗୋଟିଏ ଗାଡ଼ି ଘୋଡ଼ା ସହିତ ବିକ୍ରି ହେବ । ସେ ସେହି ଗାଡ଼ି ଓ ଘୋଡ଼ା କିଣି ପକାଇଲା । ବସ୍ତାଏ ଅଟା କିଣି ସେହି ଗାଡ଼ିରେ ଲଦିଲା ଓ ଗୋଟିଏ ଗାଈ କିଣିବାକୁ ବାହାରିଲା । ବାଟରେ ଯାଉଯାଉ ଦୁଇଜଣ ସ୍ତ୍ରୀଲୋକ କଥାବାର୍ତ୍ତା ହେଉଥିବାର ସେ ଶୁଣି ପାରିଲା । ଜଣେ କହୁଥିଲା, "ପ୍ରଥମେ ସେମାନେ ସେ ଲୋକଟିକୁ ଆଦୌ ଚିହ୍ନି ନଥିଲେ । ସେମାନେ ଭାବୁଥିଲେ, ପାଣି ମନ୍ଦାଏ ପିଇବାକୁ କିଏ ଜଣେ ଆସିଛି । ତାପରେ ସେ ସେମାନଙ୍କ ଘରେ ରହିଲା । ସେମାନଙ୍କ ପାଇଁ ଯାହା ଦରକାର ସବୁ କିଣି ଆଣି ଦେଲାଣି । ଆଜି ଗୋଟାଏ ଗାଡ଼ି ଓ ଘୋଡ଼ା କିଣି ଦେଇଛି ବୋଲି ଶୁଣୁଛି । ଏ ଭଳି ଲୋକ ଯେ ପୃଥିବୀରେ ଅଛନ୍ତି, ମୋର ବିଶ୍ୱାସ ନ ଥିଲା । ମଣିଷ ନୁହେଁ ତ ଦେବତା । ଥରେ ଯାଇ ତାଙ୍କୁ ଦର୍ଶନ କରି ଆସିବାକୁ ମୋର ଇଚ୍ଛା ।"

ଏହା ଶୁଣି ଏଲିସା ବୁଝିପାରିଲା ଯେ ସ୍ତ୍ରୀ ଲୋକଟି ତାହାର ପ୍ରଶଂସା କରି ଏପରି କହୁଛି । ସେ ଗାଈ କିଣିବାକୁ ନ ଯାଇ ଗାଡ଼ିରେ ବସି ଘରକୁ ଫେରିଗଲା । ତାକୁ ଗାଡ଼ିରୁ ଓହ୍ଲାଇବାର ଦେଖି ସମସ୍ତେ ବିସ୍ମିତ ହୋଇଗଲେ । ଗାଡ଼ି ଓ ଘୋଡ଼ା ଯେ ସେମାନଙ୍କ ପାଇଁ ଆସିଛି ଏହା ଜାଣିବାକୁ ବିଳମ୍ବ ହେଲାନାହିଁ । କେହି କିଛି ପଚାରିବାକୁ ସାହସ କଲେନାହିଁ । ଶେଷରେ ଘରର ମାଲିକ ପଚାରିଲା, "ଏ ସବୁ କେଉଁଠାରୁ ଆଣିଲ, ଅଜା ?" ଏଲିସା ଉତ୍ତର କଲା, "କିଣି ଆଣିଛି । ଖୁବ୍ ଶସ୍ତାରେ ମିଳିଗଲା । ଘୋଡ଼ାଟା

Digitized by srujanika@gmail.com

ରାସ୍ତାରେ ଖାଇବା ପାଇଁ କିଛି ଘାସ କାଟିଆଣ ! ଏ ବସ୍ତାଟି ଘରକୁ ନେଇଯାଅ ।’’

ଲୋକଟି ଏଲିସାର କଥା ଅନୁସାରେ ଘୋଡ଼ାକୁ ଗାଡ଼ିରୁ ଫିଟାଇ ନେଇ ବାନ୍ଧିଲା ଓ ବସ୍ତାଟି ଘରକୁ ନେଇଗଲା । ଏହାପରେ ଘାସ କାଟିଆଣି କୁଣ୍ଡରେ ଭର୍ତ୍ତିକଲା । ସମସ୍ତେ ଘରେ ଶୋଇଲେ; ମାତ୍ର ଏଲିସା ମୁଣ୍ଡତଳେ ତାହାର ଥଳିଟିକୁ ତକିଆ ପରି ରଖି ବାହାରେ ଶୋଇଲା । ସମସ୍ତେ ଶୋଇପଡ଼ିବା ପରେ ସେ ଉଠି ନିଜର ଜିନିଷସବୁ ବନ୍ଧାବନ୍ଧି କଲା; ଗୋଡ଼ରେ କନାପଟି ବାନ୍ଧିଲା । ପାଦରେ ଜୋତା ଓ ଦେହରେ କୁରୁତା ପିନ୍ଧି ସେ ରାସ୍ତାରେ ଚାଲିବାକୁ ଲାଗିଲା ।

ସେ ପ୍ରାୟ ତିନି ମାଇଲ ବାଟ ଯିବାପରେ ସକାଳ ହେଲା । ସେ ଗୋଟିଏ ଗଛମୂଳେ ବସି ଥଳିଟି ଫିଟାଇ ଦେଖିଲା, ପାଖରେ ଆଉ ମୋଟେ ସତରଟଙ୍କା ଓ ସାମାନ୍ୟ ରେଜା ଅଛି ।

ସେ ଭାବିଲା, “ଏଇ କେତୋଟା ଟଙ୍କା ନେଇ ଏତେ ଦୂରକୁ ଯାଇ ହେବନାହିଁ । ଅବଶ୍ୟ ବାଟରେ ଭିକ ମାଗିଲେ ଯାଇ ହେବ; କିନ୍ତୁ ଭିକ ମାଗି ତୀର୍ଥ କରିବାଠାରୁ ତୀର୍ଥକୁ ମୋଟେ ନ ଯିବା ଭଲ । ଏଫିମ ମୋ ଆଗରୁ ଜେରୁଜେଲମ ଯାଇଛି । ସେ ନିଶ୍ଚୟ ମୋ ପାଇଁ ମଧ୍ୟ ଗୀର୍ଜାରେ ଦୀପ ବସାଇଥିବ । ମାନସିକ କରିଥିଲି, ତୀର୍ଥ କରିଯିବି; କିନ୍ତୁ ସେ ମାନସିକ ପୂରଣ କରିବାର ଆଶାନାହିଁ । ତେବେ ସୌଭାଗ୍ୟର କଥା, ମୁଁ ଯେଉଁ ପ୍ରଭୁଙ୍କ ପୀଠକୁ ଯିବାର ମାନସିକ କରିଥିଲି, ତାଙ୍କ ଦୟାର ସୀମା ନାହିଁ । ସେ ପ୍ରଭୁ ନିତାନ୍ତ ଅଧମ ପାପୀକୁ ମଧ୍ୟ କ୍ଷମା ଦେଇଥାନ୍ତି ।”

Digitized by srujanika@gmail.com

ଏହାପରେ ଚନ୍ଦ୍ରାକର ସେ ଆଉ ଆଗକୁ ନ ଯାଇ ସେଇଠାରୁ ଘରକୁ ଫେରିଲା । କିଏ କାଳେ ତାକୁ ଚିହ୍ନି ପକେଇବ ବୋଲି ସେ ବାଟ ବଦଳେଇ ଅନ୍ୟ ଗାଁ ବାଟେ ଆସିଲା । ଘରୁ ଆସିଲାବେଳେ ତାକୁ କଷ୍ଟ ହେଉଥିଲା । ଏଫିମ ସାଥିରେ ସେ ଚାଲି ନ ପାରି ପଛକୁ ପଡ଼ି ଯାଉଥିଲା; କିନ୍ତୁ ଫେରିଲାବେଳକୁ ତାକୁ ବାଟଚଲା ବାଧା ଆଦୌ ଜଣାପଡ଼ିଲା ନାହିଁ । ବାଡ଼ି ହଲାଇ ହଲାଇ ସେ ଆନନ୍ଦରେ ଚାଲିଲା । ସତେ ଅବା ତାକୁ ଭଗବାନ ଚଲାଇ ନେଉଛନ୍ତି । ଦିନକ ଭିତରେ ଚାଳିଶ ମାଇଲ ଯିବାକୁ ସେ କଷ୍ଟ ବୋଧକଲା ନାହିଁ ।

ଏଲିସା ଘରେ ପହଞ୍ଚିବାରୁ ସମସ୍ତେ ଆନନ୍ଦିତ ହେଲେ; କିନ୍ତୁ ସେ ଏତେ ଶୀଘ୍ର ଫେରିଆସିବାର କାରଣ ଜାଣିବାକୁ ସେମାନଙ୍କ ମନରେ ପ୍ରବଳ ଆଗ୍ରହ । କେହି କେହି ପଚାରିଲେ, "ତୁମେ କଅଣ ଚାଲି ପାରିଲ ନାହିଁ ? ଜେରୁଜେଲମ ନ ଯାଇ ଫେରିଆସିଲ କାହିଁକି ?"

ଏଲିସା ଏ ସବୁ ପ୍ରଶ୍ନର ଉତ୍ତର ନ ଦେଇ ସଂକ୍ଷେପରେ କହିଲା, "ମୋର ଜେରୁଜେଲମକୁ ତୀର୍ଥ କରିଯିବା ଭଗବାନଙ୍କର ଇଚ୍ଛା ନୁହେଁ । ମୁଁ ଏଫିମ ସାଥିରେ ଚାଲି ପାରିଲି ନାହିଁ । ବାଟରେ ଟଙ୍କାତକ ମଧ୍ୟ ହରେଇଲି । ମୋତେ ଆପଣମାନେ କ୍ଷମା କରିବେ ।"

ପାଖରେ ଆଉ ଯେଉଁ କେତୋଟି ଟଙ୍କା ଥିଲା, ତାହା ସେ ନିଜର ସ୍ତ୍ରୀକୁ ଦେଲା । ସେ ଖବର ପଚାରି ବୁଝିଲା ଯେ ଘର ସୁବିଧାରେ ଚଳୁଛି । ଯେଉଁ ସବୁ କାମ ବାକି ଥିଲା, ସେ ସବୁ ହୋଇ ଯାଇଛି । ସମସ୍ତେ ସୁଖ ଶାନ୍ତିରେ ମିଳାମିଶି ଚଳୁଛନ୍ତି ।

Digitized by srujanika@gmail.com

ଏଲିସା ଫେର ଆସିଲାଣି ବୋଲି ଶୁଣି ଏଫିମର ଘରର ଲୋକେ ତାର ଖବର ପଚାରିବାକୁ ଆସିଲେ । ସେମାନଙ୍କୁ ମଧ୍ୟ ଏଲିସା କହିଲା,

"ମୁଁ ଏଫିମ ସାଥିରେ ଚାଲି ପାରିଲି ନାହିଁ । ସେଣ୍ଟପିଟର ପର ତିନି ଦିନ ଥିଲା, ଆମେ ଅଲଗା ହୋଇଗଲୁ । ସେ ଆଗରେ ଗଲା । ମୁଁ ପରେ ତା ସାଥିରେ ମିଶିବ ବୋଲି ଚାହୁଁଥିଲି । ମାତ୍ର ନାନା ଅସୁବିଧା ହେଲା । ମୁଁ ଟଙ୍କାତକ ହରେଇଲି । ହାତରେ ଆଉ ଯିବାପାଇଁ ଟଙ୍କା ବେଶି ନ ଥିଲା । ମୁଁ ଫେର ଆସିବାକୁ ବାଧ୍ୟ ହେଲି ।"

ଗାଁର ଲୋକେ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏଲିସା ଭଳି ବୁଦ୍ଧିମାନ ଲୋକ ଏପରି କାମ କଲା କପରି ? ତୀର୍ଥ କରି ଯିବ ବୋଲି ଘରୁ ବାହାରିଲା; ମାତ୍ର ଅଧବାଟରୁ ଫେରି ଆସିଲା ? ପୁଣି ଘରୁ ଯେଉଁ ଟଙ୍କାପଇସା ନେଇଥିଲା, ତାକୁ କଅଣ କଲା ?

କିଛିଦିନ ପରେ ଲୋକେ ଏ ସବୁ କଥା ଭୁଲିଗଲେ । ଏଲିସା ମଧ୍ୟ ତୀର୍ଥଯାତ୍ରା କଥା ଭୁଲିଯାଇ ନିଜ ଘରଧନ୍ଦାରେ ମନ ଦେଲା । ପୁଅ ସଙ୍ଗରେ ମିଶି ଶୀତଦିନ ପାଇଁ କାଠ ଚିରି ରଖିଲା; ଫସଲ ଅମଳ କଲା । ବାହାର ଘରର ଚାଳଟି ଛପରେଇଲା । ମହୁଫେଣା ଗୁଡ଼ିକର ଯତ୍ନନେଲା । ବିକ୍ରି କରିଥିବା ଦଶଟି ମହୁଫେଣା ନେଇ ତାର ପଡ଼ୋଶୀକୁ ଦେଲା । କେତୋଟି ଫେଣାରେ ଛୁଆ ହୋଇଥିଲେ ସେ କଥା ତାର ସ୍ତ୍ରୀ କହିଲା ନାହିଁ; କିନ୍ତୁ ଏଲିସା ଦେଖିଲା ମାତ୍ରକେ କେଉଁ କେଉଁ ଫେଣାରୁ ଛୁଆ ବାହାରିଛନ୍ତି ଜାଣି ପାରିଲା । ତେଣୁ ସେ ଆହୁରି ସାତୋଟି ଫେଣାର ଛୁଆ ନେଇ

Digitized by srujanika@gmail.com

ଚନ୍ଦ୍ରାଣୀକୁ ଦେଲା । ଶୀତଦିନ ପାଇଁ ସବୁ ବନ୍ଦୋବସ୍ତ କରି ସାରି ସେ ପୁଅକୁ କୌଣସିଠାରେ କାମ କରିବା ପାଇଁ ପଠାଇଦେଲା । ନିଜେ ଅନ୍ୟ କାମରେ ଲାଗିଲା ।

ଯେଉଁଦିନ ଏଲିସା ପାଣି ପିଇବାକୁ ଯାଇ ରୋଗୀ ପରିବାରଟିର ସେବାରେ ରହିଗଲା, ସେ ଦିନଟିଯାକ ଏଫିମ ବାଟରେ ତାକୁ ଅପେକ୍ଷା କଲା । ସେ କିଛିଦୂର ଯାଇ କେତେକ ସମୟ ବସୁଥାଏ । ହୁଏ ତ କେଉଁଠି କିଛି ସମୟ ଶୋଇପଡ଼େ; ନିଦ ଭାଙ୍ଗିଲେ ପୁଣି ବସି ଅପେକ୍ଷା କରେ । ତଥାପି ଏଲିସାର ଦେଖା ନାହିଁ । ଚାହିଁ ଚାହିଁ ଏଫିମର ଆଖିରୁ ପାଣି ମଲା । ସୂର୍ଯ୍ୟ ଅସ୍ତ ହେଲେ; କିନ୍ତୁ ଏଲିସା ଆସିଲା ନାହିଁ ।

ଏଫିମ ଭାବିଲା, "ହୁଏ ତ ଏଲିସା ମୋତେ ବଳି ଚାଲି-ଗଲାଣି । କେହି ଦୟାକରି ତାକୁ ଗାଡ଼ିରେ ବସାଇଥିବ । ମୁଁ ଶୋଇଥିବାବେଳେ ଗାଡ଼ି ଚାଲି ଯାଇଥିବ । ମୋ ଉପରେ ତାର ନଜର ପଡ଼ି ନ ଥାଇପାରେ । ମାତ୍ର ମୋତେ ନ ଦେଖିବା ସମ୍ଭବ ନୁହେ । ସମତଳ ଜାଗା, ବହୁଦୂରକୁ ଦେଖା ଯିବାର କଥା । କିଅଣ ପଛକୁ ଫେରିଯାଇ ଖୋଜିବି ? ନା, ନା, ଯଦି ସେ ମୋ ଆଗକୁ ଚାଲିଯାଇଥାଏ ତେବେ ଆମର ଭେଟ ହେବନାହିଁ । ଆହୁରି ଅସୁବିଧା ହେବ । ଆଗେଇ ଚାଲିବା ବରଂ ଭଲ । ହୁଏ ତ ରାତିରେ କେଉଁଠି ରହିବ । ସେଇଠାରେ ଦେଖାହେବା ସମ୍ଭବ ।"

ଏଫିମ ଯାଉ ଯାଉ ଗୋଟିଏ ଗାଆଁରେ ପହଞ୍ଚିଲା । ଗାଆଁର ଚଉକିଦାରକୁ ସେ କହିଲା, "ଗୋଟିଏ ଚନ୍ଦାମୁଣ୍ଡିଆ ଯାତ୍ରୀକୁ ଯେବେ ଦେଖିବ, ତାକୁ କହିବ, ମୁଁ ଆଜି ରାତିରେ ଗାଆଁର

Digitized by srujanika@gmail.com

ଏଇ କୁଡ଼ିଆଘରେ ରହୁଛୁ ।’ ତାକୁ ମୋ ପାଖକୁ ନେଇ ଆସିବ !”
ସେ ବାହାରି ଗଲା । ଏଲିସା ଆସିଲା ନାହିଁ । ତେଣୁ ଏଫିମ ପୁଣି
ଚାଲିଲା । ବାଟରେ ଯାହାକୁ ଦେଖେ ତାକୁ ପଚାରୁଥାଏ, “ଏବାଟେ
ଜଣେ ଚନ୍ଦାମୁଣ୍ଡିଆ ବୁଢ଼ାଯାତ୍ରୀ ଯାଉଥିବାର ଦେଖିଛ କି ?” କିନ୍ତୁ
କେହି ସେଭଳି ଯାତ୍ରୀ ଦେଖିବାର କହିଲେ ନାହିଁ । ଏଫିମ ଆଶ୍ଚର୍ଯ୍ୟ
ହୋଇଗଲା । ଏଲିସା ଗଲା କୁଆଡ଼େ ? ଶେଷରେ ସେ ବିଚାର
କଲା, “ଏଲିସା ଆଗରେ ଯାଇଥାଉ ବା ପଛରେ ଆସୁଥାଉ,
ଓଡ଼େସା ବନ୍ଦରରେ ସମସ୍ତେ ଜାହାଜରେ ବସିବେ । ସେଠାରେ
ବନ୍ଦରରେ ହେଉ, ନହେଲେ ଜାହାଜରେ ହେଉ, ନିଶ୍ଚୟ ଆମର
ଭେଟ ହେବ ।” ଏହା ବିଚାରି ସେ ଆଉ ଏଲିସା କଥା ନ ଭାବି
ଚାଲିଲା ।

ବାଟରେ ଆଉ ଜଣେ ତୀର୍ଥଯାତ୍ରୀଙ୍କ ସଙ୍ଗେ ଏଫିମର ସାକ୍ଷାତ
ହେଲା । ତାଙ୍କ ମୁଣ୍ଡରେ ଲମ୍ବାବାଳ ଥିଲା ଓ ତା ଉପରେ ସେ
ଟୋପିଟିଏ ପିନ୍ଧିଥିଲେ । ତାଙ୍କ ପୋଷାକ ଓ ଆକାରପ୍ରକାରରୁ ଏଫିମ
ଅନୁମାନ କଲା, ଯେ ସେ ଜଣେ ଧର୍ମଯାଜକ ହୋଇଥିବେ । ଏଥି-
ପୂର୍ବରୁ ସେ ଥରେ ତୀର୍ଥକରି ଆସିଥିଲେ; ପୁଣି ଯାଉଥାନ୍ତି । ଏଫିମ
ତାଙ୍କ ସାଥିରେ ରାତିଟି କଟାଇଲା । ସକାଳୁ ଦୁହେଁଯାକ ବାଟ
ଚାଲିଲେ ।

ସେ ଦୁହେଁ ନିରାପଦରେ ଓଡ଼େସାରେ ପହଞ୍ଚିଲେ । ତିନିଦିନ
ପରେ ଜାହାଜ ଛାଡ଼ିବାର କଥା । ତେଣୁ ସେ ଦୁହିଁଙ୍କୁ ଓଡ଼େସାରେ
ଅପେକ୍ଷା କରିବାକୁ ହେଲା । ଅନେକ ଯାତ୍ରୀ ଜାହାଜ ଅପେକ୍ଷାରେ
ରହିଥାନ୍ତି । ଏଫିମ ଅନେକ ଯାତ୍ରୀଙ୍କୁ ଏଲିସାର ସମ୍ବାଦ ପଚାରିଲା ।
ମାତ୍ର କାହାଠାରୁ କିଛି ଖବର ପାଇ ପାରିଲା ନାହିଁ ।

Digitized by srujanika@gmail.com

ଏଫିମ ପାଞ୍ଚଟଙ୍କା ଦେଇ ବଦେଶ ଯିବାର ଛାଡ଼ପତ୍ର ସଂଗ୍ରହ କଲା । ଜାହାଜରେ ଓଡ଼େସାଠାରୁ ଜେରୁଜେଲମ ଯିବାପାଇଁ ଚାଳିଶ ଟଙ୍କା ଦେଇ ଟିକେଟ କିଣିଲା । ଜାହାଜରେ ଗଲାବେଳେ ଖାଇବା-ପାଇଁ କିଛି ରୁଟି ଓ ମାଛ ମଧ୍ୟ କିଣିଲା ।

ଯିବାପାଇଁ ଭଡ଼ା ନଦେଇ ଟିକେଟ ନକରି କିପରି ଜେରୁଜେଲମ ଯାଇହେବ, ସେ କୌଶଳ ଯାତ୍ରୀଜଣକ ଏଫିମକୁ ଶିଖାଇ ଦେଲେ; ମାତ୍ର ଏଫିମ ଏପରି ବିନାଭଡ଼ାରେ ଯିବାକୁ ରାଜି ହେଲା ନାହିଁ । ସେ କହିଲା, "ମୁଁ ଭଡ଼ା ଦେଇ ଯିବାକୁ ଆସିଛି । ଭଡ଼ା ଦେଇ ଯିବି, ଠକିବି କାହିଁକି ?"

ଯଥା ସମୟରେ ଏଫିମ ଓ ତାହାର ନୂଆସଙ୍ଗୀ ଜାହାଜରେ ବସିଲେ । ଜାହାଜ ଯାତ୍ରୀମାନଙ୍କୁ ନେଇ ସମୁଦ୍ରରେ ଗତି କଲା ।

ପ୍ରଥମ ଦିନଟିଯାକ ପାଗ ଭଲ ଥିଲା । ଜାହାଜ ଧୀର ସ୍ଥିର ଭାବରେ ଗତି କରୁଥିଲା; କିନ୍ତୁ ରାତିରେ ପ୍ରବଳ ପବନ ସହିତ ବର୍ଷା ହେଲା । ସେଥିରେ ଜାହାଜ ଟଳମଳ ହେବାକୁ ଲାଗିଲା । ଜାହାଜ ଭିତରେ ପାଣି ପଶିଗଲା । ଲୋକେ ଭୟରେ କାତର ହୋଇ ପଡ଼ିଲେ । ସ୍ତ୍ରୀମାନେ କାନ୍ଦି ଉଠିଲେ । ଭୟାଳୁ ଲୋକମାନେ କେଉଁଠି ଆଶ୍ରୟ ନେବେ ସ୍ଥିର କରି ନପାରି ଜାହାଜରେ ଏଣେ-ତେଣେ ଦଉଡ଼ିଲେ । ଏଫିମର ମଧ୍ୟ ଭୟ ହେଲା; କିନ୍ତୁ ସେ ସାହସ କରି ଗୋଟିଏ ସ୍ଥାନରେ ବସି ରହିଲା । ତା ପାଖକୁ ଲାଗି ଜଣେ ବୁଢ଼ା ବସିଥିଲା । ଦୁହେଁଯାକ ସେହିପରି ସେ ରାତି ଓ ତା ପରଦିନଟି କଟାଇଲେ । ତୃତୀୟ ଦିନ ଝଡ଼ତୋଫାନ କମି ଆସିଲା । ପଞ୍ଚମ ଦିନ ଜାହାଜ ଯାଇ କନଷ୍ଟାଣ୍ଟିନୋପଲ ବନ୍ଦରରେ ଲଙ୍ଗର ପକାଇଲା ।

Digitized by srujanika@gmail.com

କେତକ ଯାତ୍ରୀ ଏଠାରେ ଓହ୍ଲାଇ ସେଣ୍ଟସୋଫିଆଙ୍କ ଗୀର୍ଜା ଦେଖିବାକୁ ଗଲେ । ଏହି ଗୀର୍ଜା ସେତେବେଳକୁ ତୁର୍କମାନଙ୍କ ଅଧୀନରେ ଥାଏ ।

ଏଫିମ ସହରକୁ ନଯାଇ ଜାହାଜରେ ରହିଲା । କେବଳ କଛୁ ରୁଟି କିଣି ଆଣି ପାଖରେ ରଖିଲା । ଜାହାଜ ଏହି ବନ୍ଦରରେ ଦିନଟିଏ ରହି ପୁଣି ଚାଲିଲା । ଏହାପରେ ପଡ଼ିଲା ସ୍ମିର୍ଣ୍ଣା ବନ୍ଦର ଓ ତାହାପରେ ଆଲେକଜାଣ୍ଡ୍ରା ବନ୍ଦର । ଶେଷରେ ଜାଫା ବନ୍ଦରରେ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଗଲା । ଜାହାଜ ଉପରୁ କୂଳକୁ ଆସିଲାବେଳେ ଲୋକେ ବଡ଼ ଭୟଭୀତ ହୋଇଥିଲେ । କାରଣ ଜାହାଜରୁ ଲୋକଙ୍କୁ ଡଙ୍ଗା ଉପରକୁ ଖସାଇ ଦିଆଯାଉଥିଲା । ଲହଡ଼ିରେ ଡଙ୍ଗା ଟଳମଳ ହେଉଥାଏ । ତେଣୁ ଲୋକେ ଠିକ୍ ଡଙ୍ଗାରେ ନପଡ଼ି ପାଣିରେ ପଡ଼ିଯିବାର ଆଶଙ୍କା ଥାଏ । ଦୁଇଜଣ ଲୋକ ପାଣିରେ ପଡ଼ି ଓଦା ହୋଇ ଯାଇଥିଲେ । ପରେ ସେମାନଙ୍କୁ ଡଙ୍ଗା ଉପରକୁ ଉଠାଇ ନିଆ ଯାଇଥିଲା । ଲୋକେ ଡଙ୍ଗାରେ ବସି ଜାହାଜଠାରୁ କୂଳକୁ ଯାଇ ସେଠାରେ ଓହ୍ଲାଇ ଥିଲେ । ଏହି ଜାଫାଠାରୁ ଜେରୁଜେଲମ୍ ପର୍ଯ୍ୟନ୍ତ ପ୍ରାୟ ଚାଳିଶମାଇଲ ରାସ୍ତା ଚାଲି ଯିବାକୁ ହୁଏ ।

ଯାହାହେଉ ଯାତ୍ରୀମାନେ କୂଳରେ ଓହ୍ଲାଇ ଚାଲିବାକୁ ଲାଗିଲେ । ତିନି ଦିନ ପରେ ସେମାନେ ଜେରୁଜେଲମ୍‌ରେ ପହଞ୍ଚିଲେ । ସେଠାରେ ସେମାନଙ୍କ ଛାଡ଼ପତ୍ର ଯାଞ୍ଚ କରାଗଲା ଓ ସେମାନେ ହୋଟେଲରେ ରହିଲେ । ଏଫିମ ଖାଇସାରି ତାର ନୂଆ ସାଥିଙ୍କ ସହିତ ସହରର କେତୋଟି ତୀର୍ଥ ଦର୍ଶନ କଲା । ପବିତ୍ର କବରର ଦ୍ୱାର ସେତେବେଳେ ଖୋଲା ନ ଥିଲା । ତେଣୁ ଦୁର୍ଦ୍ଦୈ-

Digitized by srujanika@gmail.com

ଯାକ ପାଣ୍ଟି ଆର୍ଟେଟ ଗୀର୍ଜାକୁ ଗଲେ । ଯାତ୍ରୀମାନଙ୍କ ମଧ୍ୟରୁ ସ୍ତ୍ରୀ-ଲୋକମାନେ ଅଲଗା ହୋଇ ପାଦରୁ ଜୋତା କାଢ଼ି ବୃତ୍ତାକାରରେ ବସିଲେ । ସେହିପରି ପୁରୁଷମାନେ ଅଲଗା ବସିଲେ । ଜଣେ ଧର୍ମ-ଯାଜକ ପାଦ ଧୋଇବାକୁ ଆସିଲେ । ସେ ପ୍ରତ୍ୟେକ ଯାତ୍ରୀର ପାଦ ଧୋଇ ପୋଛି ତାକୁ ଚୁମ୍ବନ କରୁଥିଲେ । ଅନ୍ୟାନ୍ୟ ଯାତ୍ରୀଙ୍କପରି ଏଫିମ୍‌ର ପାଦକୁ ମଧ୍ୟ ସେ ଧୋଇ ପୋଛି ଚୁମ୍ବନ କଲେ ।

ସନ୍ଧ୍ୟାରେ ଓ ରାତିରେ ଏଫିମ ଗୀର୍ଜାରେ ପ୍ରାର୍ଥନା କଲା; ଦୀପଜାଳି ବସାଇଲା ଓ ଗୋଟିଏ ଖାତାରେ ନିଜର ପିତାମାତାଙ୍କ ନାମ ଲେଖି ଧର୍ମଯାଜକଙ୍କୁ ଦେଲା । ଧର୍ମଯାଜକ ସେମାନଙ୍କ ପାଇଁ ଗୀର୍ଜାରେ ପ୍ରାର୍ଥନା କରିବେ ବୋଲି ଏଫିମ ତାଙ୍କୁ ଅନୁରୋଧ କଲା । ଗୀର୍ଜାରେ ପ୍ରସାଦ ପାଇ ଦୁହେଁ ହୋଟେଲରେ ବିଶ୍ରାମ ନେଲେ । ପରଦିନ ଦୁହେଁଯାକ 'ଇଜିପ୍‌ଟରମେରି' ଗୁମ୍ଫା ଦେଖିବାକୁ ଗଲେ । କଥିତ ଅଛି ମେରି ଏହି ଗୁମ୍ଫାରେ ରହି ତପସ୍ୟା କରିଥିଲେ । ଏଠାରେ ଦୀପ ଦେଇ ଦୁହେଁ ପ୍ରାର୍ଥନା କଲେ । ତହୁଁ ସେମାନେ ଆବ୍ରାହାମ୍‌ଙ୍କ ଆଶ୍ରମ ଦେଖିବାକୁ ଗଲେ । ଏହିଠାରେ ଆବ୍ରାହାମ୍ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନିଜର ପୁଅକୁ ବଳି ଦେବାକୁ ବସିଥିଲେ । ଯେଉଁଠାରେ ଯୀଶୁଖ୍ରୀଷ୍ଟ, ମେରି ମାଗଡେଲେନଙ୍କୁ ଦର୍ଶନ ଦେଇଥିଲେ, ସେମାନେ ସେଠାକୁ ଗଲେ । ତାହାପରେ ଜେମ୍‌ସଙ୍କ ଗୀର୍ଜାକୁ ଦୁହେଁଯାକ ଗଲେ । ଯାତ୍ରୀ ଜଣକ ଏଫିମକୁ ପ୍ରତ୍ୟେକ ସ୍ଥାନ ଦେଖାଇ କେଉଁଠାରେ କେତେ ପଇସା ଦେବାକୁ ପଡ଼ିବ କହି ଦେଉଥାନ୍ତି । ଦିପହର ବେଳକୁ ଦୁହେଁଯାକ ହୋଟେଲକୁ ଫେରିଆସି ଖାଇ ପିଇ ବିଶ୍ରାମ କରିବାକୁ ବାହାରିଲେ । ଏହି ସମୟରେ ଯାତ୍ରୀ ଜଣକ ନିଜର ଜିନିଷପତ୍ର ଖୋଜୁଖୋଜୁ

Digitized by srujanika@gmail.com

ପାଟିକରି କହିଲେ, "ମୋର ଟଙ୍କାମୁଣିଟି କିଏ ନେଇଗଲା ? ସେଥିରେ ତେଇଶି ଟଙ୍କା ଥିଲା । ଦୁଇଖଣ୍ଡ ଦଶଟଙ୍କିଆ ନୋଟ ଓ ବାକି ରେଜା ।"

ସେ ବହୁତ ଦୁଃଖ ପ୍ରକାଶ କଲେ । କିନ୍ତୁ କିଛି ପ୍ରତିକାରର ଉପାୟ ନଦେଖି ଚୁପ୍ ହୋଇ ରହିଲେ ଓ କିଛି ସମୟ ପରେ ଶୋଇବାକୁ ଗଲେ ।

ଏଫିମ ବିଛଣାରେ ପଡ଼ି ରହି ଭାବିବାକୁ ଲାଗିଲା । "ଏ ଯାତ୍ରୀର ଟଙ୍କା ଯେ କେହି ଚୋରାଇ ନେଇଥିବ, ସେ କଥା ଅସମ୍ଭବ । ତା ପାଖରେ ଆଦୌ ଟଙ୍କା ଥିଲା ବୋଲି ମୋର ବିଶ୍ୱାସ ହେଉ-ନାହିଁ । ଯେତେ ଜାଗାକୁ ଆମେ ଯାଇଛୁ, ସବୁଠାରେ ସେ ମୋତେ ପଇସା ଦେବାକୁ କହୁଛି; କିନ୍ତୁ ନିଜେ କେଉଁଠାରେ କିଛି ଦେଉ-ନାହିଁ । ପୁଣି ମୋଠାରୁ ଟଙ୍କାଟିଏ ଧାର ନେଇଛି । ତା ପାଖରେ ଯଦି ଟଙ୍କା ଥିଲା, ମୋଠାରୁ ଧାର ନେଲା କାହିଁକି ?"

କିଛି ସମୟ ପରେ ଏଫିମ ପୁଣି ଭାବିଲା, "ଜଣେ ଲୋକର ଚରିତ୍ର ବିଷୟରେ ଏପରି ଗୋଟାଏ ଧାରଣା କରିବା ପାଇଁ ମୋର କି ଅଧିକାର ଅଛି ? ପର ବିଷୟରେ ଏପରି ଚିନ୍ତା କରିବା ହେଉଛି ଅନ୍ୟାୟ । ନା, ମୁଁ ଆଉ ତା କଥା ଭାବିବି ନାହିଁ ।"

କିନ୍ତୁ ଏଫିମ ସେହି ଯାତ୍ରୀ ବିଷୟରେ ଚିନ୍ତା ନ କରି ବେଶି-ବେଳ ରହିପାରିଲା ନାହିଁ । ସେ ଭାବିଲା, "ଲୋକଟା ପଇସା ବିଷୟରେ ଏତେ ସାବଧାନ । ତାର ଟଙ୍କା ଚୋରି ଯାଆନ୍ତା କିପରି ? ତା ପାଖରେ କିଛି ନ ଥିଲା; ମିଛରେ ଟଙ୍କା ଚୋରିଗଲା ବୋଲି କହୁଛି ।"

Digitized by srujanika@gmail.com

ସେଦିନ ସନ୍ଧ୍ୟାରେ ଦୁହେଁ ରେସରେକ୍ସନ ଗୀର୍ଜାର ପ୍ରାର୍ଥନାରେ ଯୋଗ ଦେବାକୁ ଗଲେ । ଏହି ଗୀର୍ଜାରେ ପ୍ରଭୁ ଯୀଶୁଙ୍କର ସମାଧି ଅବସ୍ଥିତ । ଏଠାରେ ରୁଷିଆ, ଗ୍ରୀସ, ଆର୍ମେନିଆ, ତୁର୍କି ପ୍ରଭୃତି ନାନା ଦେଶର ଯାତ୍ରୀ ଥିଲେ । ଏଫିମ ଲୋକଗହଳି ଭିତରେ ଫାଟକ ପାର ହୋଇଗଲା । ଜଣେ ଧର୍ମଯାଜକ ସେମାନଙ୍କୁ ବାଟ ଦେଖାଇ ନେଲେ । ଦୁଇପାଖରେ ତୁର୍କ ସୈନ୍ୟମାନେ ଜଗି ରହିଥାନ୍ତି । ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶରୁ ଓହ୍ଲାଇ ଯେଉଁଠାରେ ତୈଳ-ମର୍ଦ୍ଦନ କରାଯାଇ ଥିଲା, ଧର୍ମଯାଜକ ଏମାନଙ୍କୁ ସେହି ସ୍ଥାନକୁ ନେଇ ଆସିଲେ । ସେଠାରେ ଦଶଟି ବଡ଼ ବଡ଼ ଦୀପ ଜଳୁଥିଲା । ଧର୍ମ-ଯାଜକ ଯାତ୍ରୀମାନଙ୍କୁ ପ୍ରତ୍ୟେକ ସ୍ଥାନର ମାହାତ୍ମ୍ୟ ବୁଝାଇ ଦେଲେ । ଏଫିମ ସେଠାରେ ଗୋଟିଏ ଦୀପ ଦେଲା । ଏହାପରେ ଧର୍ମଯାଜକ ଏମାନଙ୍କୁ ଡାହାଣ ପାଖର ପାହାଚ ବାଟେ ଗୋଲଗୋଥାକୁ ନେଇଗଲେ । ଏହିଠାରେ କ୍ରୁଶ ଥିଲା । ଏଫିମ ଏଠାରେ ପ୍ରାର୍ଥନା କଲା । ଯେଉଁଠାରେ ଭୂଇଁ ଫାଟି ଦୁଇ ଫାଳ ହୋଇଥିଲା, ଧର୍ମଯାଜକ ସେ ସ୍ଥାନଟି ଦେଖାଇଦେଲେ । ଏହାପରେ ଯେଉଁଠାରେ ଯୀଶୁଙ୍କର ପାଦ ଓ ହାତ କ୍ରୁଶରେ କଣ୍ଟାଦ୍ୱାରା ବିଦ୍ଧ କରାଯାଇଥିଲା ସେ ସ୍ଥାନଟି ଏଫିମ ଦେଖିଲା । ସେ ଆଡ଼ାମଙ୍କର ସମାଧି ଦେଖିବାକୁ ପାଇଲା । କଥିତ ଅଛି, ଏହିଠାରେ ଯୀଶୁଖ୍ରୀଷ୍ଟଙ୍କର ରକ୍ତ ଆଡ଼ାମଙ୍କ ଅସ୍ଥି-ଉପରେ ପଡ଼ିଥିଲା । ଯେଉଁ ପଥର ଉପରେ ଯୀଶୁଖ୍ରୀଷ୍ଟଙ୍କୁ ବସାଇ, ତାଙ୍କ ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇ ଦିଆ ଯାଇଥିଲା, ଏଫିମ ସେହି ପଥରକୁ ଦେଖିଲା । ଯେଉଁ ସ୍ତମ୍ଭରେ ଯୀଶୁଙ୍କୁ ବାନ୍ଧି ଦୁର୍ବୃତ୍ତ-ମାନେ ପ୍ରହାର କରିଥିଲେ, ତାହାକୁ ଧର୍ମଯାଜକ ଦେଖାଇଦେଲେ । ସେଠାରେ ଗୋଟିଏ ପଥରରେ ଦୁଇଟି ଗାତ ଥିଲା । ଯୀଶୁଙ୍କର ପାଦ ଦୁଇଟି ଏହି ଗାତରେ ରଖାଯାଇଥିଲା ବୋଲି ଶୁଣାଯାଏ ।

Digitized by srujanika@gmail.com

ଧର୍ମଯାଜକ ଆଉ କିଛି ଦେଖାଇବାକୁ ଯାଉଥିଲେ; କିନ୍ତୁ ଏହି ସମୟରେ ଲୋକେ ଗୋଳମାଳ କରି ପ୍ରଭୁଙ୍କର ଗୀର୍ଜା ଆଡ଼କୁ ଦଉଡ଼ୁଥିବାର ଦେଖାଗଲା । ସେତେବେଳକୁ ଗୀର୍ଜାରେ ଲାଟିନ୍ ଭାଷାରେ ପ୍ରାର୍ଥନା ଶେଷ ହୋଇଥିଲା ଓ ରୁଷୀୟ ଭାଷାରେ ପ୍ରାର୍ଥନା ଆରମ୍ଭ ହେଉଥିଲା । ଏଫିମ ଲୋକ ଗହଳି ଭିତରେ ପାହାଡ଼ ଗାତରେ ଖୋଦିତ ସମାଧି ମନ୍ଦିରକୁ ଚାଲିଗଲା ।

ସଙ୍ଗୀ ଯାତ୍ରୀଟି ବିଷୟରେ ଏଫିମର ଯଥେଷ୍ଟ ସନ୍ଦେହଥିଲା । ତେଣୁ ସେ ତାହାଠାରୁ ଦୂରରେ ରହିବାକୁ ଇଚ୍ଛା କରି ଥିଲା; କିନ୍ତୁ ସେ ଏଫିମର ପାଖ ଛାଡ଼ୁ ନ ଥିଲା । ସେ ଏଫିମ ସହିତ ପବିତ୍ର ସମାଧି ମନ୍ଦିରର ପ୍ରାର୍ଥନା ସଭାକୁ ଗଲା । ସେମାନେ ଆଗକୁ ଯିବା-ପାଇଁ ଚେଷ୍ଟା କଲେହେଁ ଲୋକଗହଳି ହେତୁ ଯାଇପାରିଲେ ନାହିଁ । ଏତେ ଭିଡ଼ ହୋଇଥିଲା ଯେ ପାଦେ ଆଗକୁ ଯିବା ବା ପାଦେ ପଛକୁ ଯିବା କଷ୍ଟକର ଥିଲା । ଏଫିମ ଆଗକୁ ଚାହିଁ ପ୍ରାର୍ଥନା କରୁ-ଥାଏ, ମଝିରେ ମଝିରେ ନିଜ ଟଙ୍କାଥଳୀଟି ଅଛି କି ନା ହାତମାରି ଦେଖୁଥାଏ । ତା ମନରେ ଦୁଇଟି କଥା ଜାଗି ଉଠୁଥାଏ । ପ୍ରଥମ କଥା—ଯାତ୍ରୀ ଜଣକ ତାକୁ ଠକିବାର ଚେଷ୍ଟା କରୁଛି କି ନା ? ଦ୍ୱିତୀୟ କଥା—ଯଦି ଯାତ୍ରୀଟି ସତ କହୁଥାଏ ଯେ ତାର ଟଙ୍କା ଚୋରି ଯାଇଛି, ତେବେ ଏଫିମର ଟଙ୍କା ଚୋରି ହୋଇଯିବା ବିଚିତ୍ର ନୁହେଁ ।

ଗୀର୍ଜା ଭିତରେ ପବିତ୍ର ବେଦୀ ଉପରେ ଛତିଶଟି ଦୀପ ଜଳୁ-ଥିଲା । ଏଫିମ ଯାତ୍ରୀମାନଙ୍କ ଭିତରେ ଛିଡ଼ା ହୋଇ ବେଦୀ ଆଡ଼କୁ ଚାହିଁଥାଏ । ଏତିକିବେଳେ ସେ ଗୋଟିଏ ଅଦ୍ଭୁତ ଦୃଶ୍ୟ ଦେଖି

Digitized by srujanika@gmail.com

ପାରିଲା । ଠିକ୍ ବେଢା ତଳକୁ ଲୋକମାନଙ୍କ ଆଗରେ ଜଣେ ବୃଦ୍ଧ ଲୋକ ଛିଡ଼ା ହୋଇଛି । ତା ଦେହରେ ଧୂସର ରଙ୍ଗର ଗୋଟିଏ କୁର୍ତ୍ତା । ମୁଣ୍ଡଟି ଠିକ୍ ଏଲିସାର ମୁଣ୍ଡପରି ଚନ୍ଦା ।

ଏଫିମ ଚିନ୍ତାକଲା, "ଲୋକଟି ଠିକ୍ ଏଲିସା ପରି ଦେଖା-ଯାଉଛି । କିନ୍ତୁ ସେ ଏଠାକୁ ଆସିବା କିପରି ? ସେ ମୋ ପୂର୍ବରୁ ଆସିଥିବା ସମ୍ଭବ ନୁହେଁ । ଆମ ଜାହାଜ ଓଡ଼େସା ବନ୍ଦର ଛାଡ଼ିବା ଆଗରୁ ଆଉ ଗୋଟିଏ ଜାହାଜ ସପ୍ତାହକ ପୂର୍ବରୁ ଆସିଥିଲା । ସେ କେବେହେଲେ ସେ ଜାହାଜରେ ଆସି ପାରି ନ ଥିବ । ଆମ ଜାହାଜର ସବୁ ଯାତ୍ରୀଙ୍କୁ ମୁଁ ଜଣ ଜଣ କରି ଦେଖିଛି । ସେଥିରେ ମଧ୍ୟ ସେ ଆସିନାହିଁ ।"

ଲୋକଟି ବିଷୟରେ ଏଫିମ୍ ଏହିପରି ଚିନ୍ତା କରୁଥିଲାବେଳେ ସେ ତିନିଥର ପ୍ରଣିପାତ କଲା । ଥରେ ଉପରକୁ ଚାହିଁ ଭଗବାନଙ୍କ ଉଦ୍ଦେଶ୍ୟରେ; ଆଉ ଦୁଇଥର ଦୁଇ ପାଖରେ ଥିବା ଭକ୍ତମାନଙ୍କ ଉଦ୍ଦେଶ୍ୟରେ । ସେ ଡାହାଣ ଆଡ଼କୁ ମୁହଁ ବୁଲାଇଲାବେଳେ ଏଫିମ୍ ତାହାକୁ ସ୍ପଷ୍ଟ ଭାବରେ ଦେଖିପାରିଲା । ଲୋକଟି ଏଲିସା ଛଡ଼ା ଅନ୍ୟ କେହି ନୁହେଁ । ଠିକ୍ ତାରି କୁଞ୍ଚ କୁଞ୍ଚିଆ ଦାଢ଼ି; ତାରି ଆଖି, ତାରି ନାକ; ତାରି ମୁହଁ । ସେ ଯେ ଏଲିସା ଏଥିରେ ଏଫିମର କୌଣସି ସନ୍ଦେହ ରହିଲା ନାହିଁ ।

ନିଜ ଗ୍ରାମର ସଙ୍ଗୀକୁ ଦେଖିପାରି ଏଫିମ ମନେ ମନେ ଆନନ୍ଦିତ ହେଲା; କିନ୍ତୁ ତାକୁ ଆଶ୍ଚର୍ଯ୍ୟ ଲାଗିଲା, ଏଲିସା କିପରି ଆସି ତା ଆଗରୁ ପହଞ୍ଚିଗଲା ?

ସେ ଭାବିଲା, "ଏଲିସା ଧନ୍ୟ ! ସେ ଆସି ଆଗରୁ ପହଞ୍ଚି ଯାଇଛି । ବୋଧହୁଏ, କେହି ତାକୁ ବାଟ ଦେଖାଇ ଦେବାରୁ ସେ

Digitized by srujanika@gmail.com

ସୁବିଧାରେ ଚାଲି ଆସିଲା । ଯାହାହେଉ ଏବେ ଗୀର୍ଜାରୁ ବାହାରଗଲା-କ୍ଷଣି ତାକୁ ଭେଟିବି । ଏ ସାଥିକୁ ଛାଡ଼ି ଏଲିସା ସାଥିରେ ରହିଲେ ଭଲ ହେବ । କପଟୀ ଲୋକଙ୍କ ଆଗକୁ ଯାଇ ଦର୍ଶନ କରିହେବ, ସେ କଥା ସେ ମୋତେ କହି ଦେଇ ପାରିବ ।

କାଳେ ଏଲିସା କୁଆଡ଼େ ଚାଲିଯିବ ସେଥିପାଇଁ ଏଫିମ ତାକୁ ଚାହିଁ ରହିଥାଏ ।

ପୂଜା ଓ ପ୍ରାର୍ଥନା ଶେଷ ହେଲା ମାତ୍ରେ ଲୋକମାନେ ପବିତ୍ର ବେଦୀକୁ ସ୍ପର୍ଶ କରିବାପାଇଁ ଅଧୀର ହୋଇ ପଡ଼ିଲେ । ଏଫିମର ଆଶଙ୍କା ଥାଏ, ଏ ଗୋଳମାଳରେ ତାର ଟଙ୍କାଥଳୀଟି କାଳେ କିଏ ନେଇଯିବ । ସେ ଥଳୀ ଉପରେ ହାତ ରଖି ବାହାରକୁ ଚାଲି ଆସିଲା ଓ ଏଲିସାକୁ ଖୋଜିଲା । ସେଠାରେ ନାନା ରକମର ଲୋକ ଥିଲେ । କେହି କେହି ଖାଉଥିଲେ, କେତେଜଣ ମଦ ପିଉଥିଲେ, କେତେକ ବହି ପଢ଼ୁଥିଲେ, ଆଉ କେତେକ ଶୋଇଥିଲେ । ସେ ଅନେକ ବେଳଯାଏ ଏଲିସାକୁ ଖୋଜିଲା; ମାତ୍ର କୌଣସିଠାରେ ତାର ଦେଖା ପାଇଲା ନାହିଁ । ତେଣୁ ସେ ବାଧ୍ୟ ହୋଇ ଏକୁଟିଆ ହୋଟେ-ଲକୁ ଫେରିଗଲା । ସେ ଦିନ ତାର ନୂଆ ସାଥିଜଣକ ହୋଟେଲକୁ ଫେରିଲା ନାହିଁ । ସେ ଏଫିମଠାରୁ ଯେଉଁ ଟଙ୍କାଟି ଧାର ନେଇଥିଲା, ତାହା ମଧ୍ୟ ଫେରାଇ ଦେଇଗଲା ନାହିଁ ।

ଏହାର ପରଦିନ ଏଫିମ ପୁଣି ସେହି ଗୀର୍ଜାର ପବିତ୍ର ବେଦୀ ପାଖକୁ ଗଲା, ସେ ଦିନ ଆଉଜଣେ ଯାତ୍ରୀ ତା ସଙ୍ଗରେ ଯାଇଥିଲେ । ଜାହାଜରେ ଏହି ଯାତ୍ରୀଙ୍କ ସହିତ ତାହାର ପରିଚୟ ହୋଇଥିଲା । ଆଗକୁ ଯିବା ନିମନ୍ତେ ଏଫିମ ବହୁତ ଚେଷ୍ଟାକଲା ମଧ୍ୟ ସଫଳ

Digitized by srujanika@gmail.com

ହେଲା । ତେଣୁ ସେ ଗୋଟିଏ ସ୍ତମ୍ଭ ପାଖରେ ଛିଡ଼ାହୋଇ ପ୍ରାର୍ଥନା କଲା । ଏଥର ମଧ୍ୟ ସେ ପବିତ୍ର-ପୀଠର ନିକଟରେ ଏଲିସା ଛିଡ଼ା ହୋଇଥିବାର ଦେଖି ପାରିଲା । ତାର ହାତ ଦୁଇଟି ଆଗକୁ ପ୍ରସାରିତ ହୋଇଥିଲା ଓ ତାର ଚନ୍ଦା ମୁଣ୍ଡଟି ଚକ୍‌ଚକ୍ ଦିଶୁଥିଲା । ଏଫିମ ଭାବିଲା, "ଆଜି ଏଲିସାକୁ ଛାଡ଼ିବି ନାହିଁ ।" ସେ ଲୋକଭିଡ଼ ଠେଲି ଆଗକୁ ଗଲା; ମାତ୍ର ସେଠାରେ ଏଲିସାର ଦେଖା ପାଇଲା ନାହିଁ ।

ତୃତୀୟ ଦିନ ମଧ୍ୟ ଏଫିମ ଗୀର୍ଜାକୁ ଯାଇ ଏଲିସାକୁ ସେହିପରି ଛିଡ଼ା ହୋଇଥିବାର ଦେଖିଲା । ଅନ୍ୟ ଦିନ ପରି ତାର ହାତ ଦୁଇଟି ପ୍ରସାରିତ ହୋଇଥିଲା ଓ ଚନ୍ଦା ମୁଣ୍ଡଟି ଚକ୍‌ଚକ୍ ଦିଶୁଥିଲା । ଏଫିମ ଭାବିଲା, "ଆଜି ଯାଉଛି, ଦ୍ୱାରମୁହଁରେ ଜଗି ରହିବି । ସେ ବାହାରି ଗଲାବେଳେ ତାକୁ ନିଶ୍ଚୟ ଦେଖିବି । ଏହି ଦ୍ୱାର ଛଡ଼ା ଅନ୍ୟବାଟେ ଯିବାର ଉପାୟ ନାହିଁ । ଯିବ କୁଆଡ଼େ ?"

ଏଫିମ ଦ୍ୱାର ମୁହଁରେ ଜଗି ରହିଲା । ଅନେକ ଲୋକ ବାହାରିଗଲେ । ଏଫିମ ସେମାନଙ୍କ ମୁହଁକୁ ଜଣ ଜଣ କରି ଦେଖିଲା । ଦ୍ୱିପ୍ରହର ବେଳକୁ ଗୀର୍ଜା ଘର ଖାଲି ହୋଇଗଲା; କିନ୍ତୁ ସେ ଏଲିସାକୁ ଦେଖି ପାରିଲା ନାହିଁ ।

ଜେରୁଜେଲମ୍‌ରେ ଦେଡ଼ମାସ ରହି ଏଫିମ ବେଥଲ୍‌ହାମ୍, ବେଥାନି, ଜର୍ଦନ ନଦୀ ପ୍ରଭୃତି ପବିତ୍ର ସ୍ଥାନ ସବୁ ଦେଖିଲା : ଘରକୁ ନେବାପାଇଁ ସେ ପବିତ୍ର ଜର୍ଦନ ନଦୀରୁ କିଛି ଜଳ ଓ ମୃତ୍ତିକା ସଂଗ୍ରହ କଲା । ଆଠଟି ସ୍ଥାନରେ ସେ ନିଜର ନାମ ଖୋଳାଇ ତା ନାମରେ ପ୍ରାର୍ଥନା କରିବାର ବ୍ୟବସ୍ଥା କଲା । ଏହିପରି କରୁ କରୁ ତାର

Digitized by srujanika@gmail.com

ଟଙ୍କା ପ୍ରାୟ ସରି ଆସିଲା; କେବଳ ଘରକୁ ଫେରିବାର ବାଟଖର୍ଚ୍ଚ ଥାଏ । ଜାଫା ପର୍ଯ୍ୟନ୍ତ ଚାଲିଚାଲି ଆସି ସେ ସେଠାରେ ଜାହାଜରେ ବସିଲା । ଯଥାସମୟରେ ଜାହାଜ ଓଡ଼େସା ବନ୍ଦରରେ ଲାଗିଲା । ପୁଣି ଓଡ଼େସାଠାରୁ ଚାଲି ଚାଲି ସେ ଘରକୁ ଫେରିବାକୁ ବାହାରିଲା ।

ତୀର୍ଥକରି ଯିବାବେଳେ ଏଫିମ ଯେଉଁବାଟେ ଆସିଥିଲା, ଠିକ୍ ସେଇବାଟେ ସେ ଫେରିଲା । ଚାଲୁଚାଲୁ ସେ ମନେମନେ ଘରବିଷୟ ଚିନ୍ତା କରୁଥାଏ । ସେ ଭାବିଲା, "ପ୍ରାୟ ବର୍ଷେ ହେଲା ଘର ଛାଡ଼ି ଆସିଲିଣି । ଏଥି ଭିତରେ କେତେ ଘଟଣା ଘଟି ଯାଇଥିବ । ଘରଟିଏ ତିଆରି କରିବାକୁ ଜଣକୁ ବର୍ଷ ବର୍ଷ ଲାଗିଯାଏ; ମାତ୍ର ତାକୁ ଭାଙ୍ଗି ବା-ପାଇଁ ଘଣ୍ଟାଏ ସୁଦ୍ଧା ଲାଗେ ନାହିଁ । ଏବେ ମୋର ଘରଦ୍ୱାର କିପରି ଥିବ ? ପୁଅ କିପରି ଘର ଚଳାଉଛି ? ଶୀତଦିନେ ଗୋରୁଗାଈ ଖାଇବାକୁ ପାଇଲେ କି ନା ? ବସନ୍ତ ଋତୁଟି ଏବର୍ଷ କିପରି ହୋଇ-ଥିଲା ? ପୁଅ ଘରଟିକୁ ଭଲରୂପେ କଲା କି ନା ?" ଏହିପରି ନାନା କଥା ତାର ମନେ ପଡ଼ୁଥାଏ ।

ଯେଉଁ ଗ୍ରାମ ନିକଟରେ ଏଫିମ ଏଲିସାଠାରୁ ଅଲଗା ହୋଇ ଯାଇଥିଲା; ସେଠାରେ ସେ ପହଞ୍ଚି ଦେଖିଲା, ଲୋକଙ୍କର ବହୁତ ପରିବର୍ତ୍ତନ ହୋଇଯାଇଛି । ଯେତେବେଳେ ସେମାନେ ଖାଇବାକୁ ନ ପାଇ ରୋଗରେ ପଡ଼ି ମରୁଥିଲେ । ଏବେ କାହାରି ଅଭାବ ନାହିଁ । ଲୋକେ ବେଶ୍ ସୁଖରେ ଚଳୁଛନ୍ତି । ଗତବର୍ଷର ଦୁଃଖ କଷ୍ଟ ସେମା-ନଙ୍କ ମନରେ ଥିଲାପରି ଜଣା ପଡ଼ୁନାହିଁ ।

ଏହି ଗ୍ରାମର ଯେଉଁ ସ୍ଥାନରେ ଏଫିମ ଏଲିସାକୁ ଛାଡ଼ି ଚାଲି ଯାଇଥିଲା, ସେ ଠିକ୍ ସେହି ସ୍ଥାନରେ ପହଞ୍ଚିଲା । ଗ୍ରାମ ଭିତରକୁ

Digitized by srujanika@gmail.com

ଯେ ପ୍ରବେଶ କଲାବେଳକୁ ଗୋଟିଏ ଝିଅ ଘରୁ ବାହାରି ପଡ଼ି ଦଉଡ଼ି ଆସି କହିଲା, "ମଉସା, ଆମ ଘରକୁ ଆସ ।"

ଏଫିମ ଏହି ଡାକ ଶୁଣିଲା; ମାତ୍ର ନଶୁଣିଲା ପରି ଚାଲି ଯାଉଥିଲା; କିନ୍ତୁ ଝିଅଟି ତାକୁ ଯିବାକୁ ଦେଲାନାହିଁ । ସେ ହସିହସି ଏଫିମର କୁର୍ତ୍ତାକୁ ଧରି ତାକୁ ଘର ଆଡ଼କୁ ଟାଣିନେଲା । ଘର ଭିତରୁ ଜଣେ ସ୍ତ୍ରୀଲୋକ ଓ ଗୋଟିଏ ପୁଅ ମଧ୍ୟ ବାହାରି ପଡ଼ି ଏଫିମକୁ ଘରକୁ ଡାକିଲେ ।

ସ୍ତ୍ରୀଲୋକଟି କହିଲା, "ଅଜା, ଆଜି ରାତିଟି ତୁମକୁ ଆମ ଘରେ ରହିବାକୁ ହେବ ।"

ଏଫିମ ଘର ଭିତରକୁ ଯାଇ ଭାବିଲା, "ସେ ଦିନ ଏଲିସା ପାଣି ପିଇବାପାଇଁ ଏଇ ଘରକୁ ଆସିଥିଲା । ଏଠାରୁ ସେ କୁଆଡ଼େ ଗଲା, ଏମାନେ କହି ପାରିବେ ।"

ସ୍ତ୍ରୀଲୋକଟି ଏଫିମର ଥଳୀଟି ତଳେ ରଖିଦେଇ ହାତ ମୁହଁ ଧୋଇବାକୁ ପାଣି ଦେଲା । ତାହାପରେ ଏଫିମକୁ ଆସନରେ ବସାଇ ପିଠା ଦୁଧ ପ୍ରଭୃତି ଖାଇବାକୁ ଦେଲା । ଜଣେ ଯାତ୍ରୀକୁ ଏପରି ଦୟା ଦେଖାଇ ଥିବାରୁ ଏଫିମ ସେମାନଙ୍କୁ ପ୍ରଶଂସା କରି ଧନ୍ୟବାଦ ଦେଲା । କିନ୍ତୁ ସ୍ତ୍ରୀଲୋକଟି କହିଲା, "ଯାତ୍ରୀମାନଙ୍କୁ ଘରକୁ ଡାକି ଆଣି ସେମାନଙ୍କୁ ଅଭ୍ୟର୍ଥନା କରିବାର ଗୋଟାଏ ବିଶେଷ କାରଣ ଅଛି । ଜୀବନ ଯେ ପ୍ରକୃତରେ କଅଣ, ତାହା ଆମକୁ ଜଣେ ଯାତ୍ରୀ ଶିକ୍ଷା ଦେଇଅଛନ୍ତି । ଆମେ ଈଶ୍ୱରଙ୍କୁ ଭୁଲିଯାଇ ପଶୁପରି ଜୀବନ କଟାଉଥିଲୁ । ସେଥିପାଇଁ ଈଶ୍ୱର ଆମକୁ ଦଣ୍ଡ ଦେଇଥିଲେ । ଆମର ଜୀବନ ରହିନଥାନ୍ତା । ଗଲାବର୍ଷ ଖରାଦିନକୁ ଆମର ଅବସ୍ଥା ଅତି

Digitized by srujanika@gmail.com

ଶୋଚନୀୟ ହୋଇଥିଲା । ଆମର କିଛି ହେଲେ ଖାଇବାକୁ ନ ଥିଲା । ଘରେ ସମସ୍ତେ ରୋଗରେ ପଡ଼ିଥିଲୁ । କିଛି ଦିନ ଭିତରେ ଆମର ଜୀବନ ଯିବାରେ ସନ୍ଦେହ ନ ଥିଲା; କିନ୍ତୁ ଈଶ୍ବର ଆମକୁ ସାହାଯ୍ୟ କରିବା ପାଇଁ ତୁମର ଭଳି ଜଣେ ଯାତ୍ରୀଙ୍କୁ ଏଠାକୁ ପଠାଇ ଦେଲେ । ସେ ପାଣି ମାଗିବାକୁ ଏଠାରେ ଆସି ପହଞ୍ଚିଲେ । ଆମର ଅବସ୍ଥା ଦେଖି ତାଙ୍କର ମନ ତରଳି ଗଲା । ସେ ଏଠାରେ କେତେ ଦିନ ରହି ଆମର ସେବା କଲେ । ଆମକୁ ଖାଇବା ପିଇବାକୁ ଦେଇ ଆମର ପ୍ରାଣ ରକ୍ଷା କଲେ । ପୁଣି ଆମକୁ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ସେ ସାହାଯ୍ୟ କଲେ । ଜମିତକ ବନ୍ଧକ ପଡ଼ିଥିଲା । ସେ ତାକୁ ମୁକୁଳାଇ ଆଣିଲେ । ଗୃହର ସୁବିଧା ପାଇଁ ଗୋଟିଏ ଗାଡ଼ି ଓ ଘୋଡ଼ା ମଧ୍ୟ କିଣି ଦେଇଗଲେ ।”

ଏହି ସମୟରେ ଜଣେ ବୁଢ଼ୀ ବାହାରିପଡ଼ି କହିଲେ, “ସେ ଯାତ୍ରୀଟି ମନୁଷ୍ୟ କି ଦେବଦୂତ; ତାହା ଆମେ କହିପାରିବୁ ନାହିଁ । ତାଙ୍କର ଆମପ୍ରତି ଯେତିକି ପ୍ରେମ ସେତିକି ଦୟା । ଗଲାବେଳକୁ ସେ ଆମକୁ ତାଙ୍କର ନାମ ସୁଦ୍ଧା କହିଗଲେ ନାହିଁ । ତେଣୁ ଆମେ ତାଙ୍କ ନାମରେ ପ୍ରାର୍ଥନା ସୁଦ୍ଧା କରିପାରୁ ନାହୁଁ । ଏବେ ବି ସୁଦ୍ଧା ସେଦିନର କଥା ମୋ ଆଖି ଆଗରେ ନାଚି ଯାଉଛି । ସେଇଠି ମୁଁ ମଲାପରି ପଡ଼ିଥିଲି; ଏଇ ସମୟରେ ସେ ଆସି ପହଞ୍ଚିଲେ । ତାଙ୍କର ମୁଣ୍ଡଟି ଚନ୍ଦା । ସେ ଆମକୁ ପାଣି ମାଗିଲେ । ମୁଁ ଏଡ଼େ ପାପୀ ଯେ ମୁଁ ଭାବିଲି; “ଆମ ଅବସ୍ଥା ତ ଏପରି । ଏତିକିବେଳେ ଏ ଲୋକଟା ଆସି କାହିଁକି ଏପାଖ ସେ ପାଖ ହେଉଛି । କିନ୍ତୁ ସେ ଆମର କେଡ଼େ ଉପକାର ନ କଲେ ? ଆମର ଅବସ୍ଥା ଦେଖି ସେ ଚାଲି ନ ଯାଇ ନିଜର ଥଳୀଟି ଏଇଠାରେ ରଖି ଖୋଲିଲେ ।”

Digitized by srujanika@gmail.com

ଏହି ସମୟରେ ଗ୍ରେଟ ହିଅଟି କହିଲା, "ନାଇଁ ଆଜ୍ଞା, ସେ ଥଳୀଟି ଆଗ ତଳେ ରଖିଥିଲେ । ପରେ ବେଞ୍ଚ ଉପରକୁ ନେଇ ଖୋଲିଲେ ।"

ସେ ଘରର ପ୍ରତ୍ୟେକେ ଏହିପରି ସେହି ଯାତ୍ରୀଙ୍କର ପ୍ରଶଂସା-କରି କିଛି ନା କିଛି କହିଲେ । ସେ କଅଣ କରିଥିଲେ, କେଉଁଠି ବସିଥିଲେ, କେଉଁଠି ଶୋଇଥିଲେ, କାହାକୁ କଅଣ କହିଥିଲେ —ଏସବୁ ସେମାନେ ବର୍ଣ୍ଣନା କରିଗଲେ ।

ରାତି ହେବାରୁ ଘରର ମୁରବି ଘୋଡ଼ାରେ ବସି ଘରକୁ ଆସିଲେ । ସେ ମଧ୍ୟ ସେହି ଯାତ୍ରୀଙ୍କର ଗୁଣ ବର୍ଣ୍ଣନାକରି କହିଲେ, "ଆମେ ନିଜ ପାପରେ ମରିବାକୁ ଯାଉଥିଲୁ । ସେ ଆସି ଆମକୁ ରକ୍ଷାକଲେ । ଆମର ଈଶ୍ୱରଙ୍କଠାରେ ବିଶ୍ୱାସ ନ ଥିଲା କି ମନୁଷ୍ୟଠାରେ ବିଶ୍ୱାସ ନ ଥିଲା; କିନ୍ତୁ ସେ ଆସି ଆମକୁ ସତ୍ୟର ପନ୍ଥା ଦେଖାଇ ଦେଇଗଲେ । ତାଙ୍କର ଦୟାରୁ ଆମେ ଈଶ୍ୱରଙ୍କୁ ଚିହ୍ନି ପାରିଛୁ । ମଣିଷ ଭିତରେ ଯେ ମନୁଷ୍ୟତା ଥାଏ, ତାହା ବୁଝିଛୁ । ଆମର ଜୀବନ ଓ ପଶୁର ଜୀବନ ଭିତରେ କିଛି ପ୍ରଭେଦ ନ ଥିଲା । ସେ ଆମକୁ ପୁଣି ମଣିଷ କରି ଯାଇଅଛନ୍ତି । ଈଶ୍ୱର ତାଙ୍କର ମଙ୍ଗଳ କରନ୍ତୁ ।"

ଖାଇ ପିଇସାରି ସମସ୍ତେ ଶୋଇବାକୁ ଗଲେ । ଏଫିମ ମଧ୍ୟ ଶୋଇବାକୁ ଗଲା । ମାତ୍ର ତାର ଆଖିକୁ ନିଦ ଆସିଲା ନାହିଁ । ଘରର ଲୋକେ ଯେ ଏଲିସାର ଏପରି ପ୍ରଶଂସା କରୁଛନ୍ତି; ତାହା ସେ ଜାଣି-ପାରିଲା । ପୁଣି ସେ ଏଲିସାକୁ ଜେରୁଜେଲମ୍‌ର ପବିତ୍ର ପୀଠ ଉପରେ ତିନିଥର ଦେଖିଥିବା ବିଷୟ ମନେ ପକାଇଲା । ସେ

Digitized by srujanika@gmail.com

ଭାବିଲା, "ଏଲାହା ଏଣ୍ଡ୍ର ସବୁ କାମକରି ମୋତେ ବଳିଗଲା । ଈଶ୍ୱର ମୋର ତୀର୍ଥ ଦର୍ଶନ ଗ୍ରହଣ କରିଛନ୍ତି କି ନା ସେ ବିଷୟରେ ସନ୍ଦେହ ଅଛି; କିନ୍ତୁ ଏଲିସା ଯେ ତୀର୍ଥଦର୍ଶନର ଫଳ ପାଇଛି, ଏଥିରେ କିଛି ସନ୍ଦେହ ନାହିଁ ।"

ତା ଆରଦିନ ସକାଳେ ଏଫିମ ସେମାନଙ୍କଠାରୁ ବିଦାୟ ନେଇ ଗଲା । ସେମାନେ ବନ୍ଦେଇ ବନ୍ଦେଇ ତାର ଥଳୀରେ କିଛି ଖାଇବା ଜିନିଷ ଭର୍ତ୍ତି କରି ଦେଲେ । ଏଫିମ ନିଜ ଗାଁ ଆଡ଼କୁ ଚାଲିଲା ।

ସେତେବେଳକୁ ବସନ୍ତ ଋତୁ । ଗତ ବସନ୍ତ ଋତୁରେ ସେ ତୀର୍ଥ କରି ବାହାରିଥିଲା । ଠିକ୍ ବର୍ଷକ ପରେ ସେ ଘରକୁ ଆସିଲା ।

ଏଫିମ ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥିଲା । ପୁଅ ଘରେ ନ ଥିଲା; ହୋଟେଲକୁ ଯାଇଥିଲା । ସେ ଦିନ ତାର ମଦର ମାତ୍ରା ଟିକିଏ ବେଶି ହୋଇଥିଲା । ପୁଅ ଘରକୁ ଆସିବାରୁ ଏଫିମ ତାକୁ ଘରର ହାଲଚାଲ ପଚାରିଲା । ଯାହା ଶୁଣିଲା ସେଥିରୁ ଜଣାଗଲା ଯେ ତାର ଅନୁପସ୍ଥିତିରେ ଘରେ ଘୋର ବିଶୃଙ୍ଖଳା ହୋଇଛି । ତୀର୍ଥକୁ ବାହାରିବା ବେଳେ ସେ ଯେଉଁ ଟଙ୍କା ଦେଇ ଯାଇଥିଲା, ତାହା ଅପବ୍ୟୟରେ ଯାଇଛି । ଯେଉଁ ସବୁ କାମ କରିବାକୁ ସେ କହି ଯାଇଥିଲା, ସେ ସବୁ ହୋଇ ପାରି ନାହିଁ । ତେଣୁ ଏଫିମ ବିରକ୍ତ ହୋଇ ପୁଅକୁ ଗାଳି ଦେଲା । ପୁଅ ମଧ୍ୟ ଅଭଦ୍ର ଭାଷାରେ ବାପକୁ ଗାଳି ନଦେଇ ଛାଡ଼ିଲା ନାହିଁ । ସେ କହିଲା, "ତୁ ଘରେ ରହି ଘର କଥା ବୁଝିଲୁ ନାହିଁ କାହିଁକି ? ଟଙ୍କାତକ ଧରି

Digitized by srujanika@gmail.com

ଚାଲିଗଲୁ । ଏବେ ମୋ ଉପରେ ରାଗ କାହିଁକି ?" ଏ ପ୍ରକାର ଉତ୍ତରରେ ଏଫିମ୍ ରାଗିଯାଇ ପୁଅକୁ ପ୍ରହାର କଲା ।

ଆରଦିନ ସକାଳେ ଏଫିମ୍ ଗ୍ରାମର ସରବରାକାରଙ୍କ ପାଖରେ ପୁଅ ବିରୁଦ୍ଧରେ ଆପତ୍ତି କରିବାକୁ ବାହାରିଲା । ଏଲିସାର ଘର ପାଖେ ଏଫିମ୍ ଯାଉଥିଲାବେଳେ ତାର ସ୍ତ୍ରୀ ତାକୁ ଡାକି କହିଲା, "ତୁମର ସବୁ ଭଲ ତ ! ବୋଧହୁଏ ଜେରୁଜେଲମ ଯିବାରେ ତୁମର କିଛି ଅସୁବିଧା ହୋଇ ନାହିଁ ।"

ଏଫିମ୍ ଉତ୍ତର କଲା, "ଈଶ୍ୱରଙ୍କ କୃପାରୁ ବାଟରେ ମୋର କିଛି ଅସୁବିଧା ଘଟି ନାହିଁ । ନିରାପଦରେ ଜେରୁଜେଲମରେ ପହଞ୍ଚିଲି । ମାତ୍ର ବାଟରେ ଏଲିସାଠାରୁ ଅଲଗା ହୋଇଗଲି । ଶୁଣିଲି, ସେ ସୁଖରେ ଘରକୁ ଫେରି ଆସିଛି ।"

ଏଲିସାର ସ୍ତ୍ରୀ ଗପ କରିବାକୁ ଭଲପାଏ । ସେ କହିଲା, "ସେ ବହୁତଦିନ ହେଲା ଆସିଲେଣି । ଯାହାହେଉ, ଭଗବାନ ତାଙ୍କୁ ସୁଖରେ ଘରକୁ ଫେରାଇ ଆଣିଛନ୍ତି । ସେ ଘରେ ନ ଥିବାରୁ ମନ ବଡ଼ ଖରାପ ଲାଗୁଥିଲା । ଘର କାମ ଯେ ସେ ବେଶି କରନ୍ତି, ସେକଥା ନୁହେଁ । ତାଙ୍କର କାମ କରିବା ଦିନ ଗଲାଣି । କିନ୍ତୁ, ଯେତେହେଲେ, ସେ ହେଉଛନ୍ତି ଘରର ମୁରବି । ସେ ଘରେ ଥିଲେ ସବୁ ଭଲ । ଏବେ ସେ ଘରକୁ ଆସିବାରୁ ପୁଅର ମନ ବି ଖୁବ୍ ଖୁସି । ପୁଅ କଅଣ କହେ, ଶୁଣିଛ ? 'ଆକାଶରେ ସୂର୍ଯ୍ୟ ନ ଥିଲେ ଯାହା, ବାପା ଘରେ ନ ଥିଲେ ତାହା ।' ଘରେ ତାଙ୍କୁ ସମସ୍ତେ ଭଲ ପାଆନ୍ତି, ତାଙ୍କର ଭଲମନ୍ଦ ବୁଝନ୍ତି ।"

ଏଫିମ୍ ପଚାରିଲା, "ଏଲିସା ଏବେ ଘରେ ଅଛନ୍ତି ?"
ଏଲିସାର ସ୍ତ୍ରୀ ଉତ୍ତର କଲା, "ହଁ, ଘରେ ଅଛନ୍ତି । ଦିନରାତି ସେଇ

Digitized by srujanika@gmail.com

ମହୁଫେଣା ସାଥିରେ ଲଗିଛନ୍ତି । କିପରି ଛୁଆଗୁଡ଼ିକ ଶୀଘ୍ର ବଢ଼ିବେ, ତାଙ୍କର ସେଇ ଚିନ୍ତା । ଏ ବର୍ଷ କେଉଁଠି ଭଲ ମହୁମାଛି ହେବେ ବୋଲି ସେ କହୁଥିଲେ । ସେ କହନ୍ତି—ଭଗବାନ ଆମ ମହୁମାଛିଙ୍କୁ ଖୁବ୍ ବଳ ଦେଇଛନ୍ତି । ଭଗବାନଙ୍କର ଦୟା । ସେ ଆମର ପାପ ଅନୁସାରେ ଆମକୁ ଦଣ୍ଡ ଦିଅନ୍ତି ନାହିଁ । ହଁ, ଆମ ଘରକୁ ଆସ । ତୁମକୁ ଦେଖିଲେ ସେ ଭାରି ଖୁସି ହେବେ ।”

ଏଫିମ୍ ଅଗଣା ପାର ହୋଇ ମହୁମାଛି ବାକ୍ସ ପାଖକୁ ଗଲା । ସେତେବେଳକୁ ଏଲିସା ତାର ମାଟିଆ କୁରୁତାଟି ପିନ୍ଧି ଗୋଟାଏ ଗଛମୂଳେ ଛିଡ଼ା ହୋଇଥିଲା । ତାର ହାତ ଦୁଇଟି ପ୍ରସାରିତ । ଚନ୍ଦା ମୁଣ୍ଡ ଚକ୍‌ଚକ୍ ଦିଶୁଛି । ଜେରୁଜେଲମ୍‌ର ପବିତ୍ର ପୀଠ ପାଖରେ ସେ ଯେଉଁ ରୂପ ଦେଖିଥିଲା ଠିକ୍ ସେହି ରୂପ । ସେଠାରେ ଦୀପ ଆଲୁଅରେ ତାର ମୁହଁ ଯେପରି ଉଜ୍ଜ୍ୱଳ ଦିଶୁଥିଲା, ଏଠାରେ ମଧ୍ୟ ସେହିପରି ଦିଶୁଥିଲା । ମହୁମାଛିମାନେ ତାକୁ ବେଢ଼ି ରହିଥିଲେ- ହେଁ ତାକୁ ନାହୁଡ଼ ମାରିବାର କୌଣସି ଲକ୍ଷଣ ଦେଖା ଯାଉ ନ ଥିଲା ।

ଏଫିମ ଛିଡ଼ାହୋଇ ଏଲିସାକୁ ଚୁହିଁ ଦେଖୁଥାଏ । ଏହି ସମୟରେ ଏଲିସାର ସ୍ତ୍ରୀ ତାକୁ କହିଲା, “ହେଇଟି, ତୁମ ସାଙ୍ଗ ଆସିଛନ୍ତି ।”

ଏଲିସା ଆନନ୍ଦରେ ବୁଲିପଡ଼ି ଦାଢ଼ୀରୁ ଧୀରେ ଧୀରେ ମହୁ- ମାଛିମାନଙ୍କୁ ଉଡ଼ାଇ ଦେଇ ଏଫିମ ପାଖକୁ ଆସି କହିଲା, “ନମସ୍କାର ନମସ୍କାର । ସୁବିଧାରେ ତୀର୍ଥ ଦର୍ଶନ କରି ଆସିଲ ?” ଏଫିମ ନମସ୍କାର ଜଣାଇ ଉତ୍ତର କଲା, “ହିଁ, ମୋର ଦେହ ସେଠାକୁ ଯାଇଥିଲା, ଏକଥା ସତ । ତୁମ ପାଇଁ ପବିତ୍ର ଜର୍ଦ୍ଦନ ନଦୀରୁ କିଛି

Digitized by srujanika@gmail.com

ପାଣି ଆଣିଛୁ । ଆମ ଘରକୁ ଗଲେ ଦେଇ ଆସିବ । ମାତ୍ର ଭଗବାନ ମୋର ତୀର୍ଥଯାତ୍ରା ଗ୍ରହ···।" ସେ ଆଉ କିଛି କହିବା ପୂର୍ବରୁ ଏଲିସା କହିଲା, "ସେ କଥା ଥାଉ । ଭଗବାନଙ୍କୁ ଧନ୍ୟବାଦ । ପ୍ରଭୁ ଯୀଶୁ ତୁମର ମଙ୍ଗଳ କରନ୍ତୁ ।"

ଏଫିମ ଟିକଏ ଉଣ୍ଡିଯାଇ ପୁଣି କହିଲା, "ମୋର ଦେହ ସେଠାକୁ ଯାଇଥିଲା, କିନ୍ତୁ ମୋର ଆତ୍ମା ଯାଇଥିଲା କି ନା କହି ପାରିବ ନାହିଁ ।"

ଏଲିସା କଥାଟା ଏଡ଼ାଇ ଦେଇ କହିଲା, "ସେ କଥାର ବିଚାର ଭଗବାନ କରିବେ । ତାହା ଆମର କାମ ନୁହେଁ ।

ଏଲିସା ଯେଉଁଠାରେ ରହିଯାଇଥିଲା, ଏଫିମ ଫେରିଲାବେଳେ ସେହିଠାରେ ରହିଥିଲା ବୋଲି କହିଲାକ୍ଷଣି ଏଲିସା ଚମକି ଉଠିଲା । ସେ ଏଫିମକୁ ବେଶି କିଛି କହିବାକୁ ନ ଦେଇ କହିଲା, "ଭାଇ, ସବୁ ଭଗବାନଙ୍କର କାମ । ମଣିଷ ନିଜେ କିଛି କରିପାରେ ନାହିଁ । ଭଗବାନ ଯାହା କରନ୍ତି, ମଣିଷ ତାହାହିଁ କରେ । ଆଚ୍ଛା, ଘରେ ବସ; ଟିକଏ ମହୁ ଖାଇଯିବ ।"

ଘର ଭିତରେ ବସି ଦୁହେଁ ଦୁଃଖ ସୁଖ ହେଲେ । କିନ୍ତୁ ଏଫିମ ବାଟରେ କିପରି ଅଭ୍ୟର୍ଥନା ପାଇଥିଲା ଓ ଏଲିସା ବିଷୟରେ ଯାହା ଶୁଣିଥିଲା, ତାହା କହିଲା ନାହିଁ । ଜେରୁଜେଲମର ଗୀର୍ଜା ଭିତରେ ସେ ଯେ ତାକୁ ତିନିଥର ଦେଖିଥିଲା ତାହା ମଧ୍ୟ କହିଲା ନାହିଁ । ସେ କେବଳ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇଲା ।

Digitized by srujanika@gmail.com

ସେ ଏବେ ବୁଝି ପାରିଲା ଯେ ଭଗବାନଙ୍କ ପାଖରେ ମାନସିକ କରି ତାଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାର ପ୍ରଧାନ ପନ୍ଥା ହେଉଛି ଜୀବନ ଥିବାଯାଏ ଅନ୍ୟ ପ୍ରତି ସ୍ନେହ ପ୍ରକାଶ କରିବା ଓ ପରର ଉପକାର କରିବା । ଏହାହିଁ ହେଉଛି ପ୍ରକୃତ ତୀର୍ଥଯାତ୍ରା ।

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

୧ ॥	ଅଲିଭର ଟ୍ୱିଷ୍ଟ ଓ ଡେଭିଡ କପରଫିଲ୍ଡ	ଟ ୧·୫୦
୨ ॥	ଗଲିଭରର ଭ୍ରମଣକାହାଣୀ	୧·୨୫
୩ ॥	ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ	୧·୫୦
୪ ॥	ସମୁଦ୍ରର ନାବିକ	୧·୫୦
୫ ॥	ରାଜା ସଲୋମନଙ୍କ ହୀରାଖଣି	୨·୫୦
୬ ॥	ବିପ୍ଳବୀ	୨·୫୦
୭ ॥	ତିନ ସିପାହୀ	୨·୫୦
୮ ॥	ପମ୍ପେଇନଗରୀର ଶେଷଦିନ	୨·୫୦
୯ ॥	ରାଜପୁତ୍ର ଓ ଭିକାରି	୨·୦୦
୧୦ ॥	ଦୁଇଟି ନଗରୀର କାହାଣୀ	୨·୦୦
୧୧ ॥	ଡନ୍ କୁଇକ୍ସୋଟ୍	୨·୦୦
୧୨ ॥	ସାଇଲସ୍ ମାର୍ନାର୍	୧·୫୦
୧୩ ॥	ଲୌହମୁଖାଧାରୀ ମଣିଷ	୨·୦୦
୧୪ ॥	ରବିନ୍ସନ କ୍ରୁଶୋ	୧·୨୫
୧୫ ॥	ଅଶୀଦିନରେ ପୃଥିବୀ ପରିକ୍ରମଣ	୨·୫୦
୧୬ ॥	ଦୁଃଖିମା	୨·୫୦
୧୭ ॥	ସେକ୍ସପିଅରର କାହାଣୀ (୧ମ ଖଣ୍ଡ)	୨·୦୦
୧୮ ॥	,, ,, (୨ୟ ଖଣ୍ଡ)	୨·୦୦
୧୯ ॥	,, ,, (୩ୟ ଖଣ୍ଡ)	୨·୦୦
୨୦ ॥	ବିଚିତ୍ର ତାବିଜ	୨·୨୫
୨୧ ॥	ଗ୍ରୀସ୍ ଦେଶର ଉପକଥା	୨·୨୫
୨୨ ॥	ଅନେକ ଆଶା	୨·୨୫
୨୩ ॥	ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲିଗ୍ ଭ୍ରମଣ	୨·୨୫
୨୪ ॥	ଟମ୍ ସଏର	୨·୦୦
୨୫ ॥	ଟଲଷ୍ଟୟ କାହାଣୀ (୧ମ ଖଣ୍ଡ)	୨·୦୦
୨୬ ॥	,, ,, (୨ୟ ଖଣ୍ଡ)	୨·୦୦

Digitized by srujanika@gmail.com